

ନୀରବତା ଭାଙ୍ଗିଲେ ପନ୍ତ
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 236 | ଭାଗ ୩୨ | ସଂଖ୍ୟା୨୩୬ | Bhubaneswar | Wednesday 20 November 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୨୦ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



ସିଙ୍ଗାପୁରରେ ପ୍ରବାସୀ ଭାରତୀୟଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## କି ଅପୂର୍ବ ସଂଯୋଗ ଓ ଯୋଡି !

# ସିଲଭର ସିଟି-ସେଲିବ୍ରେସନ-ସିନ୍ଦେ-ସନ୍ୟାସୀ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): କଟକ ବାଲିଯାତ୍ରାର ଆୟୋଜନ ଜରିଆରେ ରାଜ୍ୟରେ ନେତୃତ୍ୱାଧୀନ ବିଜେପି ସରକାରକୁ ବଦନାମ କରିବାକୁ ସାଂଘାତିକ ଷଡଯନ୍ତ୍ର ହୋଇଛି। ଏହି ଷଡଯନ୍ତ୍ର ପଛରେ ରହିଛି ତଥାକଥିତ ସନ୍ୟାସୀଙ୍କ ପ୍ରଚ୍ଛନ୍ନ ହାତ। ଆଉ ଏଥିରେ ମୁଖ୍ୟ କାର୍ପଟଦାର ସାଜିଛନ୍ତି କଟକ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି କମିଟି ଅଧ୍ୟକ୍ଷ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ। ଇଭେଣ୍ଟ ମ୍ୟାନେଜରର ଚୟନ ଠାରୁ ଆରମ୍ଭ କରି ବାଲିଯାତ୍ରା ମଞ୍ଚରେ କଳାକାରଙ୍କୁ ଅସମ୍ମାନ ସବୁକିଛି ପ୍ରାୟୋଜିତ ବୋଲି ଏବେ ସାଧାରଣରେ ଅଭିଯୋଗ ହେଉଛି।

ସବୁଠୁ ଆଶ୍ଚର୍ଯ୍ୟର କଥା, ଇଭେଣ୍ଟ ଆୟୋଜନ ଦାୟିତ୍ୱ ଦିଆଯାଇଛି ଗଂଜାମର ସେଲିବ୍ରେସନ ଲାଇଭକୁ। ଇଏ ସେଇ ସଂସ୍ଥା ଯାହାକୁ ବିଜେଡି ସରକାରରେ ନୂଆ-ଓ କାର୍ଯ୍ୟକ୍ରମର ପୂରା ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥା ନୂଆ-ଓ ଜରିଆରେ ସନ୍ୟାସୀଙ୍କୁ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପିତ କରୁଥିଲା । ବିଜେଡିର ଯେଉଁମାନେ ଘନିଷ୍ଠ ଥିଲେ ଏବେ ସେଇ ସଂସ୍ଥା ବିଜେପି ସରକାରର ଜିଲ୍ଲାପାଳଙ୍କୁ ବି ପକେଟରେ ପୂରେଇ ବୁଲୁଛି। ସେଥିପାଇଁ ଟେଣ୍ଡର ପ୍ରକ୍ରିୟାରେ ବି ବେଆଇନ କାମ କରାଯାଇଛି। ଏକଥା ଆମେ କହୁନୁ। ଏଲ-ଓ୍ୱାନ ହୋଇ ବି ଟେଣ୍ଡର ପାଇ ନ ଥିବା ସଂସ୍ଥା ଏଭଳି ଅଭିଯୋଗ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଚୟନ କମିଟି ଏଲ-ଓ୍ୱାନ ସଂସ୍ଥାକୁ ବାଛିବା ପରେ ଜିଲ୍ଲାପାଳ ନିଜେ ନିଜ ଲାପଟପରେ ତର୍ଜମା କରି ଏଲ-ଟୁ ସଂସ୍ଥାକୁ ଟେଣ୍ଡର ଦେଲେ। ଏହା ପ୍ରମାଣିତ କରୁଛି କେଉଁଠି ନା କେଉଁଠି ଏବେ ବି ସରକାରୀ କାର୍ଯ୍ୟରେ ସନ୍ୟାସୀ ପରଦା ପଛରୁ ପ୍ରଭାବିତ କରୁଛନ୍ତି ଆଉ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ➺ପୃଷ୍ଠା-୬




## ସିନ୍ଦେଙ୍କ ସୁରକ୍ଷା ପାଇଁ ବିଜେଡିର କଭର ଫାୟାର

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଐତିହାସିକ କଟକ ବାଲିଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅପମାନିତ କରିବା ସହିତ ଓଡିଶାବାସୀଙ୍କ ନାକ କାଟିଥିବା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହବେ ସିନ୍ଦେଙ୍କ ସୁରକ୍ଷା ପାଇଁ ବାହାରିଛି ବିଜେଡି। ବିଜେଡିର ରିଂମାଷ୍ଟର ସନ୍ୟସୀଙ୍କ ଏକ ନମ୍ବର ଚେଲା ସିନ୍ଦେଙ୍କୁ

### ଏସ୍‌ପିଙ୍କୁ ବିବାଦକୁ ଟାଣିଲା ବିଜେଡି

ବିବାଦରୁ ଖସାଇବାପାଇଁ ବିଜେଡି କଭର ଫାୟାର ଆରମ୍ଭ କରିଛି। କିଛି କାରଣ ନଥାଇ ଏସ୍‌ପିଙ୍କୁ ବି ବିବାଦ ଭିତରକୁ ଟାଣି ପାଣିକୁ ଗୋଳିଆ କରିବାରେ ଲାଗିଛି। କଟକ ବାଲିଯାତ୍ରାର ମୁଖ୍ୟ ଜିଲ୍ଲାପାଳ ପ୍ରଥମ ଦିନରୁ ହିଁ ବିବାଦରେ ରହିଛନ୍ତି। ଉଦଘାଟନ ଦିନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଭଡା ବ୍ୟାଟେରୀ ଗାଡି ଆଣି ତାଙ୍କୁ ପଛରେ ବସାଇଲେ। ଏତେ ଲୋକଙ୍କୁ ଗାଡି ଭିତରେ ଖୁନ୍ଦିଲେ ବି ମୁଖ୍ୟମନ୍ତ୍ରୀ ଗାଡିରୁ ବାହାରି ଚାଲି ଚାଲି ପଳାଇଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ବୋଇତ ବନ୍ଦାଣ ସ୍ଥାନରେ ଅଧ ଘଣ୍ଟାଏ ଛିଡା ବି କରାଇଥିଲେ। ତେବେ ସୀମା ଟପିଲା ସେତେବେଳେ ଯେତେବେଳେ ଦେଖାଗଲା ଯେ କଟକ ବାଲିଯାତ୍ରା ନିମନ୍ତ୍ରଣ ପତ୍ରରେ ମୁଖ୍ୟମନ୍ତ୍ରୀ ନାଁ କିମ୍ବା ଫଟୋଟିଏ ନାହିଁ। ନୂଆ ସରକାରର ପ୍ରଥମ ବାଲିଯାତ୍ରାରେ ➺ପୃଷ୍ଠା-୬



### ଚର୍ଚ୍ଚାରେ 'କଟକ ଛାଡ'

ଐତିହାସିକ ବାଲିଯାତ୍ରାର ଅବ୍ୟବସ୍ଥାକୁ ନେଇ ସୋଫିଆଙ୍କ ଦୁଇ ପଦ କଥା ଏବେ ରାଜନୀତିରେ କମ୍ପନ ସୃଷ୍ଟି କରିଛି। କଟକର ବଡ ବଡ ନେତା ଯାହା କହିବାକୁ ଶହେ ଥର ଭାବିଥାନ୍ତି ସୋଫିଆ ଗୋଟିଏ ନିଶ୍ୱାସରେ ତାହା କହିଛନ୍ତି। ବାଲିଯାତ୍ରାରେ ସବୁ ବିଭ୍ରାଟର ମୂଳ ସାଜିଥିବା କଟକ ଜିଲ୍ଲାପାଳଙ୍କୁ ଲକ୍ଷ୍ୟକରି ସୋଫିଆ କହିଛନ୍ତି, କାମ ନକରିପାରିଲେ କଟକ ଛାଡ। ଅଫିସରଙ୍କୁ ଏଭଳି କଡା କଥା କହି ସୋଫିଆ ରାଜନୀତିରେ ନିଜର ଦବଦବା ଦେଖାଇବା ସହିତ ନିଜକୁ ଜଣେ ପକ୍କା କଟକିଆ ବୋଲି ସାବ୍ୟସ୍ତ କରିଛନ୍ତି। କଟକ ରାଜନୀତିରେ ସୋଫିଆଙ୍କ ଏଭଳି ଶାଣିତ ସ୍ୱର ତାଙ୍କ କ୍ୟାରିଅରକୁ ବହୁ ଆଗକୁ ନେଇଯିବ ବୋଲି ରାଜନୀତି ମହଲରେ ଚର୍ଚ୍ଚା ଜୋର ଧରିଛି।

# ହାତୀମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଜଙ୍ଗଲୀ ହାତୀଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦବେଗ ପ୍ରକାଶ କରିବା ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଘଟଣାର ତଦନ୍ତକୁ ଜୋରଦାର କରିଛି। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ପୁଲିସ ସହାୟତାରେ ଚତୁର୍ଥ ଅଭିଯୁକ୍ତକୁ ଧରିବା ପାଇଁ ବନ ବିଭାଗ ଉଦ୍ୟମ ଚଳାଇଛି। ରାଇରାଖୋଲ ଡିଭିଜନର ଡିଏଫଓ ଅରବିନ୍ଦ ମହାନ୍ତି କହିଛନ୍ତି, ରବିବାର ରାତିରେ ଘଟିଥିବା ଏହି ଘଟଣାରେ ୨ଟି ମାଈ ହାତୀ ଓ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଛି। ପ୍ରାଥମିକ ଦୃଷ୍ଟିରୁ ଜଣାପଡୁଛି ଯେ ହାତୀମାନେ ଫସଲ ରକ୍ଷଣାବେକ୍ଷଣ ପାଇଁ ବଣୁଆ ଘୁଷୁରୀମାନଙ୍କୁ ମାରିବା ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ଆସିଥିଲେ। ଏହା ପୂର୍ବରୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ବନ୍ୟପ୍ରାଣୀ ସୁଶାନ୍ତ ନନ୍ଦ ➺ପୃଷ୍ଠା-୬

### ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୯।୧୧ (ସଂଚାର ବ୍ୟୁରୋ): ବିଦ୍ୟୁତ ଆଘାତରେ ଏକାସାଙ୍ଗରେ ୩ ହାତୀଙ୍କ ଜୀବନ ଯିବା ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି ହାଇକୋର୍ଟ। ନିଜ ଆଡୁ ଜନସ୍ୱାର୍ଥ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। କେଉଁ କାରଣରୁ ହାତୀମାନଙ୍କ ମୃତ୍ୟୁ ହେଉଛି, ସେ ନେଇ ଉତ୍ତର ମାଗିଛନ୍ତି କୋର୍ଟ। ସମ୍ବଲପୁର ନାକଟିଦେଉଳ ରେଞ୍ଜରେ ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ୩ ଜଣ ବନ କର୍ମଚାରୀଙ୍କୁ ନିଲମ୍ବିତ ମଧ୍ୟ କରାଯାଇଛି। ଏଥିସହିତ ବିଦ୍ୟୁତ ତାର ବିଛାଇଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଫେରାର ଥିବା ➺ପୃଷ୍ଠା-୬



## ଆଇଆଇସିଙ୍କ ବଦଳିରେ ଏସ୍‌ଆଇଙ୍କ ଉପବାସ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ନିଜର ଅଯୋଗ୍ୟ ପଣ ପାଇଁ ଥାନାରୁ ତଡ଼ାଖାଇ କମିଶନରେଟ୍ ପୁଲିସ୍ ମୁଖ୍ୟାଳୟକୁ ବଦଳି ହେଲେ। କମିଶନରଙ୍କ ବଦଳି ନିର୍ଦ୍ଦେଶ ପାଳନ ବଦଳରେ ଥାନା ପାଇବା ଆଶାରେ ଏବେ ନେତା ମନ୍ତ୍ରୀଙ୍କ ଘରକୁ ଧାଉଛନ୍ତି। ତାଙ୍କର ବଦଳି ପରେ ଥାନାର ସମସ୍ତେ ଖୁସିରେ ଥିବା ବେଳେ ଜଣେ ଡବ୍ଲ୍ୟୁଏସ୍‌ଆଇ ଖାଇବା ପିଇବା ଛାଡି ଦେଇଛନ୍ତି। ଯାହା ଏବେ କମିଶନରେଟ୍ ପୁଲିସ୍ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

କଥାଟି ଟିକେ ଅଡୁଆ ଲାଗିଲେ ବି ସତ। ଆଇଆଇସି ନିଜକୁ ଭୁବନେଶ୍ୱର ପିଲା ବୋଲି କହିବୁଲନ୍ତି। ଷ୍ଟିଲ୍‌ସିଟି ଅଞ୍ଚଳରେ ଥିଲେ। ନିର୍ବାଚନ ପୂର୍ବରୁ ସାନଭାଇଙ୍କ ଦୟାରୁ ଭୁବନେଶ୍ୱର ଆସି କପଡ଼ା ଫ୍ୟାକ୍ଟ୍ରି ଥାନାରେ ବସିଲେ। ଥାନାରେ ରହି ବିଦା ହୋଇଗଲେ ସତ, ସେ କେବେ ବି ସାଧାରଣ ଲୋକଙ୍କୁ ଭେଟିଲେ ନାହିଁ। ଖାଲି ବିଲ୍ଡର ଓ ଜମି ବେପାରୀଙ୍କ ସହ ବୁଲି ବୁଲି ଦିନ କାଟିଦେଲେ। ୬ ମାସ ତଳେ ତାଙ୍କ ବିରୋଧରେ ଥାନାର ପ୍ରାୟ ସବୁ କର୍ମଚାରୀ ଡିସିପିଙ୍କ ନିକଟକରେ ଅଭିଯୋଗ କରିଥିଲେ। ହେଲେ ବାବୁ ଜଣକ କ୍ଷମତା ଦେଖାଇ ସବୁ ଚାପି ଦେଇଥିଲେ। ବାବୁ ଥାନାର ଡବ୍ଲ୍ୟୁଏସ୍‌ଆଇଙ୍କ ପ୍ରେମରେ ଉବୁ ଟୁବୁ ➺ପୃଷ୍ଠା-୬

## ଶ୍ରୀମୟୀଙ୍କ ସହିବାର ସୀମା



ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ):ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ସହିବାର ସୀମା ଟପିବାରେ ଲାଗିଛି। ଯେଉଁ ଦଳ ପାଇଁ ନିଜର ଲୁହ ଲହୁ ଦେଇଥିଲେ, କିଛି କୁଚକ୍ରୀଙ୍କ ଯୋଗୁଁ ସେଇ ଦଳ ତାଙ୍କୁ ଧୋକ୍କା ଦେଲା। ତଥାପି ଦଳ ମୋହ ତୁଟାଇ ପାରିନଥିଲେ। ଦଳରେ ରହିଥିଲେ। ହେଲେ ତାଙ୍କ ସରଳତାର ସୁଯୋଗ ନେଇ ଦଳରେ ଖାତା ଖତିଆନା ନଥିବା କର୍ମୀ ତାଙ୍କୁ ଟାହି ଟାପରା କରିବାରେ ଲାଗିଲେଣି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭୁବେନଶ୍ୱର ଉପକଣ୍ଠରେ ଅନୁଷ୍ଠିତ ବାଲିଯାତ୍ରା ମଞ୍ଚରେ। ମଞ୍ଚ ଉପରେ ବିଜେଡିର ଜଣେ ତଳିଆ ନେତ୍ରୀ ଶ୍ରୀମୟୀଙ୍କୁ ପଚାରିଥିଲେ - ଆପଣ କେବେ ବିଜପିକୁ ଯାଉଛନ୍ତି ? ହଠାତ୍ ଏଭଳି ପ୍ରଶ୍ନରେ ଅପ୍ରସ୍ତୁତ ହେଲେ ବି ଶ୍ରୀମୟୀ ଏହାର କଡା ଜବାବ ଦେଇଥିଲେ। କହିଥିଲେ-ମୁଁ ଯାଏ କି ନଯାଏ, ତୁମେ ପଚାରିବାକୁ କିଏ ? ବ୍ରାହ୍ମଣଙ୍କ ଅଭିଶାପ ନିଅନି, ଧ୍ୱଂସ ହୋଇଯିବ । ଶ୍ରୀମୟୀଙ୍କ ନାଲି ଆଖିପରେ କଥା ➺ପୃଷ୍ଠା-୬

### ଦେବଗଡ଼ରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଓ ଉନ୍ନତିମୂଳକ ପ୍ରକଳ୍ପର ଶୁଭାରମ୍ଭ

# କୃଷି ଆଧାରିତ ଅର୍ଥନୀତି ଜିଲ୍ଲା ହେବ ଦେବଗଡ଼



- ବାସୁଦେବ ସୁଢ଼ଳଦେବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ
- ୪୩.୫ କୋଟିର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ
- ଦେବଗଡ଼, ସମ୍ବଲପୁର ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ
- ସର୍ବାଙ୍ଗୀନ ଉନ୍ନତି ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ

ଧୋବଲିପଥର,୧୯।୧୧ (ସଂଚାର ବ୍ୟୁରୋ): କୃଷି ପ୍ରଧାନ ଜିଲ୍ଲା ଦେବଗଡ଼ରେ ପାରମ୍ପରିକ ଚାଷ ସହ ଦୁଗ୍ଧ ଚାଷ, ମତ୍ସ୍ୟ ଚାଷ ଓ ପଶୁପାଳନର ଅନେକ ସମ୍ଭାବନା ଅଛି। ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଦେବଗଡକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା କରାଯିବ ବୋଲି ମଙ୍ଗଳବାର ଦେବଗଡ଼ ଧୋବଲିପଥର ଠାରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଏବଂ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ଆଜି ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ପୁଣ୍ୟତିଥି। ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ସେ ହେଉଛନ୍ତି ଅନ୍ୟତମ କର୍ଣ୍ଣଧାର। ଏଭଳି ଏକ ଦିନରେ ଦେବଗଡ଼ରେ ଲୋକଙ୍କ ଗମନାଗମନକୁ ଅଧିକ ସୁଗମ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୪୩.୫ କୋଟି ଟଙ୍କା ମୂଲ୍ୟର ସଡ଼କ ଓ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ହେବା ଖୁସିର ବିଷୟ। ଦେବଗଡ ➺ପୃଷ୍ଠା-୬

### ମହାନଗରର ମହାଘୋଟାଲା

# ଏଲ୍‌ଇଡି ଲାଇଟ୍ ନାଁରେ ଲୁଟ୍

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମରେ ଷ୍ଟ୍ରୀଟ ଲାଇଟ୍ ଲଗାଇବାରେ ବଡ଼ଧରଣର ଦୁର୍ନୀତି ହୋଇଛି। ବହୁ ପୁରୁଣା ବଡ ବଡ ନାମୀ ଦାମୀ କମ୍ପାନୀ ଥାଉ ଥାଉ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଏଲ୍‌ଇଡି ଷ୍ଟ୍ରୀଟ ଲାଇଟ୍ ଲଗାଯାଇଛି। ଆହୁରି ମଧ୍ୟ ଏହି କମ୍ପାନୀର ଲାଇଟ୍ ଲଗାଇବା ପାଇଁ ସୁପାରିସ କରିଥିବା ଓ ଲାଇଟ୍ର ଗୁଣବତ୍ତା ଯାଞ୍ଚ କରିଥିବା ଅଧିକାରୀମାନଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଭୁବନେଶ୍ୱର ମହାନଗର ନିଗମରେ ସମସ୍ତ ୱାର୍ଡରେ ଥିବା ପୁରୁଣା ସୋଡିୟମ ଲାଇଟ୍ ବଦଳାଇ ଏଲଇଡି ଷ୍ଟ୍ରୀଟ ଲାଇଟ୍ ଲଗାଇ ବିଦ୍ୟୁତ୍ ସଞ୍ଚୟ କରଯିବା ପାଇଁ ଯୋଜନା କରଯାଇଥିଲା। ଏନର୍ଜି ସେଭିଙ୍ଗ ମୋଡ୍ ପ୍ରୋଜେକ୍ଟ ନାମରେ ଏକ ପ୍ରୋଜେକ୍ଟ କରାଯାଇ ପର୍ଯ୍ୟାୟ କ୍ରମେ ସୋଡିୟମ ଲାଇଟ୍ ବଦଳାଇ ଏଲଇଡି ଲାଇଟ୍ ଲଗାଯାଇଥିଲା। ତଥ୍ୟ ଅନୁଯାୟୀ, ୨୦୨୩ ଫେବୃୟାରି ମାସ ସୁଦ୍ଧା ୧୬ ୱାଟ୍ର ୨୯୫୬ ଟି, ୪୫ ୱାଟ୍ ୨୦ ହଜାର ୮୪୭ ଟି, ୭୦ ୱାଟ୍ ୧୧ ହଜାର ୭୩୩ ଟି, ୯୦ ୱାଟ୍ ୪୫୮ ଟି, ୧୦୦ ୱାଟ୍ ୩୮୩ ଟି, ୧୨୦ ୱାଟ୍ ୮୮୯ ଟି, ୨୨୦ ୱାଟ୍ ୧୧୭ ଟି, ୨୫୦ ୱାଟ୍ ୬୭ ଟି ଓ ୧୧୦ ୱାଟ୍ ୨୩୨୦ ଟି ଲାଇଟ୍ ଲଗାଯାଇଛି। ତେବେ ମୋଟ ୩୯ ହଜାର ୭୭୦ ଟି ଏଲଇଡି ଷ୍ଟ୍ରିଟ ଲାଇଟ୍ ଇ-ସ୍ମାର୍ଟ କମ୍ପାନୀର ଲଗାଯାଇଛି। ତେବେ ଏହି କମ୍ପାନୀର ଲାଇଟ୍ ଲଗାଯିବା ବେଳେ ଠିକାସଂସ୍ଥା କରିଥିବା ଚୁକ୍ତି ଓ ସର୍ତ୍ତ ପାଳନ କରି ନଥିବା ବେଳେ ଏହା ଦ୍ୱାରା କେତେ ବିଦ୍ୟୁତ ସଞ୍ଚୟ ହେଉଛି ତାହା ମଧ୍ୟ ତଦନ୍ତ ସାପେକ୍ଷ। ବାଜାଜ, ଫିଲିପ୍ସ, ହାଭେଲ ଭଳି ପ୍ରତିଷ୍ଠିତ କମ୍ପାନୀ ର ଲାଇଟ୍ ବଦଳରେ ରାଜ୍ୟର ରାଜଧାନୀ ➺ପୃଷ୍ଠା-୬

### ଆଜିଠୁ ଧାନକିଣା

## ମଣ୍ଡିରେ ଦଲାଲ୍‌ଙ୍କୁ ରୋକିବ ପୁଲିସ



ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ବୁଧବାର ଠାରୁ ବରଗଡ଼ରେ ଧାନକିଣା। ଆରମ୍ଭ ହେଉଛି। ସେହିପରି ସମ୍ବଲପୁରରେ ୨୧ ତାରିଖରୁ ଧାନ କିଣା ଯିବ। ଏଥିପାଇଁ ରାଜ୍ର ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଯୋରଦାର ହୋଇଛି। ସ୍ୱଚ୍ଛ ଓ ବିନା କଟନୀ ଛଟନୀରେ ଧାନ କିଣା ନେଇ ବ୍ୟାପକ ପ୍ରସ୍ତୁତି ମଧ୍ୟ ହୋଇଛି। ମଣ୍ଡିରେ ଦଲାଲ୍‌ଙ୍କ ପ୍ରବେଶ ରୋକିବାକୁ ପୁଲିସ ପାଟ୍ରୋଲିଂ କରିବ। ପ୍ରତି ମଣ୍ଡିରେ ଜଣେ ଲେଖାଏଁ ସରକାରୀ ଅଧିକାରୀ ରହିବେ। ଧାନ ମାନ ଯାଞ୍ଚ ବେଳେ ଚାଷୀ, ମିଲର, ସରକାରୀ ଅଧିକାରୀ ରହିବେ। ମେସିନରେ ଧାନ ମାନ ଯାଞ୍ଚ ହେବ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ, ଦଲାଲଙ୍କ ଉପରେ ପୋଲିସ ନଜର ରଖିବ। ସୀମାରେ ଜଗିବା ➺ପୃଷ୍ଠା-୬

## ଇ-କେଓ୍ୱାଇସି କରିନାହାନ୍ତି ୭୦ ଲକ୍ଷ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ରାସନକାର୍ଡ ହିତାଧିକାରୀଙ୍କ ତଣ୍ଟିରେ କଣ୍ଟା ସାଜିଲାଣି ଇ-କେଓ୍ୱାଇସି। ପ୍ରାୟ ୭୦ ଲକ୍ଷ ହିତାଧିକାରୀ ଏପର୍ଯ୍ୟନ୍ତ କରିନାହାଁନ୍ତି ଅପଡେଟ। ରାସନ କାର୍ଡ ଇ-କେଓ୍ୱାଇସି ଅପଡେଟ୍ କରିବାର ସମୟ ସୀମା ଶେଷ ହୋଇଆସୁଛି । ଏତିକିବେଳେ ଲକ୍ଷାଧିକ ହିତାଧିକାରୀ ବାଦ ପଡ଼ିବା ନେଇ ଆଶଙ୍କା ଉପୁଜିଛି । ଅନେକ ଲୋକ ଏ ବାବଦରେ ସଚେତନ ନ ଥିବା ଜଣାପଡୁଛି। ନେଟଓ୍ୱର୍କ ସମସ୍ୟା ମଧ୍ୟ ଇ-କେଓ୍ୱାଇସ ଅପଡେଟ୍ କରିବାରେ ବଡ଼ ବାଧକ ସାଜିଛି। ଏବେ ସୁଦ୍ଧା ୬୯ ଲକ୍ଷ ୪୯ ହଜାର ୯୮୦ ଜଣ ଇ-କେଓ୍ୱାଇସି ଅପଡେଟ୍ କରିନାହାନ୍ତି। ରାଜ୍ୟରେ ୩ କୋଟି ୩୬ ➺ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

କାନାଡା ପରେ ନ୍ୟୁଜିଲ୍ୟାଣ୍ଡକୁ ଡେଇଁଲା ଖଲିସ୍ତାନୀ ଆନ୍ଦୋଳନ। ଆତଙ୍କବାଦୀ ସଂଗଠନ ଶିଖ୍ ଫର ଜଷ୍ଟିସ୍ ନଭେମ୍ବର ୧୭ରେ ନ୍ୟୁଜିଲାଣ୍ଡରେ ଖଲିସ୍ତାନୀଙ୍କ ପକ୍ଷରୁ ଜନମତ ଆୟୋଜନ ସହିତ ଭାରତ ବିରୋଧରେ ସ୍ଲୋଗାନ ଦିଆଯାଇ ଖଲିସ୍ତାନ ପତାକା ଉତ୍ତୋଳନ କରାଯାଇଥିଲା। କିନ୍ତୁ ଏହାକୁ ନ୍ୟୁଜିଲାଣ୍ଡବାସୀ ଦୃଢ଼ ବିରୋଧ କରିଛନ୍ତି।

ସୋମବାର ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବାକୁ ପାକିସ୍ତାନ ଜାହାସୋମୁଦ୍ରିକ ସୀମା ମଧ୍ୟକୁ ଆସିଥିଲା। ହେଲେ ଭାରତୀୟ ତଟରକ୍ଷୀ ବାହିନୀ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପାକିସ୍ତାନୀ ଜାହାଜକୁ ସମୁଦ୍ର କ୍ଷେତ୍ରରେ ୨ ଘଣ୍ଟା ପିଛା କରିବା ପରେ ପାକିସ୍ତାନୀ ଜାହାଜ ଫେରିଯାଇଛି।

ବାୟୁ ପ୍ରଦୂଷଣ ଯୋଗୁ ସୃଷ୍ଟି ହୋଇଥିବା ଘନ କୁହୁଡ଼ି କାରଣରୁ ଦିଲ୍ଲୀ, ପଞ୍ଜାବ ଓ ହରିଆଣାରେ ଶ୍ରିକଙ୍କ କାମ କରିବାର କ୍ଷମତା ହ୍ରାସ। ଫଳରେ ଉତ୍ପାଦନ ପ୍ରଭାବିତ।

ଖୁବଶୀଘ୍ର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଆସିବେ ବୋଲି ରାଷ୍ଟ୍ରପତିଙ୍କ ପ୍ରେସ ସେକ୍ରେଟାରି ଦିମିତ୍ରି ପେସ୍କୋଭ୍ଙ୍କ ସୂଚନା। ୟୁକ୍ରେସ ସହିତ ଯୁଦ୍ଧ ପରେ ଏହା ହେବ ପୁଟିଙ୍କ ପ୍ରଥମ ଭାରତ ଗସ୍ତ।

ବିକ୍ରି ଲକ୍ଷ୍ୟ ହାସଲ ପରେ ଇଲେକ୍ଟ୍ରିକ୍ ୩ ଚକିଆ ମାଲବାହୀ ଗାଡ଼ି ଉପରେ ରିହାତି ବନ୍ଦ ହୋଇଥିଲା। ହେଲେ ରିହାତି ପରିମାଣ ହ୍ରାସ କରାଯାଇ ପୁନଃ ପ୍ରଚଳନ କରାଗଲା। ଏବେ ପ୍ରତି ୟୁନିଟ୍ ପିଛା ୨୫ ହଜାର ଟଙ୍କା ରିହାତି ଦିଆଯିବ।



### କାନ ଡେରିଥା

ନବୀନ ଶାସନେ
ସ୍ୱଚ୍ଛ ଶାସନଟା
ଏମିତି ତ ଚାଲିଥିଲା
ଭିଜିଲାନ୍ସବାଲା
ଛୋଟ ପୋଖରୀରୁ
ବଡ଼ ମାଛ ଧରି ଘାଇଲା

# ରାଜ୍ୟ ବିଜେପି ସଭାପତି ଚୟନ ଆସନ୍ନ



- ରେସ୍‌ରେ ବାବୁ, ଗୋଲକ ଓ ସମୀର
- ନୂଆ ଚେହେରାକୁ ଗୁରୁତ୍ୱ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ସଭାପତି ପଦରେ ନୂଆ ନେତାଙ୍କୁ ବସାଇବାପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏଥିପାଇଁ ଦୌଡ ଆରମ୍ଭ ହୋଇଯାଇଛି। ତେବେ ସର୍ବଶେଷ ସୂଚନା ଅନୁଯାୟୀ ରେସ୍‌ରେ ସବୁଠାରୁ ଆଗରେ ଏକାମ୍ର ବିଧାୟକ ବାବୁ ସିଂହ ଥିବାବେଳେ ବରିଷ୍ଠ ନେତା ଗୋଲକ ମହାପାତ୍ର ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନାଁ ମଧ୍ୟ ଶୁଣିବାକୁ ମିଳୁଛି। ତେବେ ଯାହା ସୂଚନା ମିଳୁଛି ଝାଡଖଣ୍ଡ ଓ ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ କେନ୍ଦ୍ରୀୟ ବିଜେପି ନେତାମାନେ ଓଡିଶା ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରିବେ। ବର୍ତ୍ତମାନର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ କାର୍ଯ୍ୟକାଳ ସରିଥିବାବେଳେ ନିକଟରେ ଅନୁଷ୍ଠିତ ନିର୍ବାଚନରେ ସେ ପରାଜିତ ହୋଇଛନ୍ତି। ତେଣୁ ମନମୋହନଙ୍କୁ ସରକାରରେ କୌଣସି ପଦ ପଦବୀ ଦେବା ସହିତ ନୂଆ ଚେହେରାଙ୍କୁ ସଭାପତି ପଦରେ ବସାଇବାକୁ ରାଜ୍ୟ ବିଜେପି ଅତ୍ୟନ୍ତ ଗୁରୁତ୍ୱର ସହ ଚିନ୍ତା କରୁଛି। ତେବେ ସଭାପତି ରେସ୍‌ରେ ଏକାମ୍ର ବିଧାୟକ ବାବୁ ସିଂ ଏବେ ସବୁଠାରୁ ଆଗରେ। ଗୋଟିଏ ପଟେ ଭୁବନେଶ୍ୱର ଭଳି ମର୍ଯ୍ୟାଦାଜନକ ଆସନରୁ ସିଏ ବିଜୟୀ ହୋଇ ବିଜେପି ପାଇଁ ରେକର୍ଡ ସୃଷ୍ଟି କରିଥିବାବେଳେ ତାଙ୍କ ସହିତ ବିଜେପିର ଗୋଟିଏ ବଡ ଯୁବ ବାହିନୀ ରହିଛି। ବାବୁ ସିଂ ବିଜେଡିର ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ପରାଜିତ କରିଛନ୍ତି। ସେହିଭଳି ତାଙ୍କ ବିରୁଦ୍ଧରେ ମଧ୍ୟ ସେଭଳି କୌଣସି ଅଭିଯୋଗ ➺ପୃଷ୍ଠା-୬

# ଅବ୍ୟବସ୍ଥା ଘେରରେ ଜିଲ୍ଲାପାଳ କାର୍ଯ୍ୟାଳୟ



**ନାଁ ଅଛି ଶୌଚାଳୟ ନାଁ ଦେଖାଯାଉଛି ଫଳକ ଲୋକେ ଆସୁଛନ୍ତି ହନ୍ତସନ୍ତ ହେଉଛନ୍ତି**

**କେନ୍ଦ୍ରାପଡ଼ା, ୧୯।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ଏବେ ନାନାଦି ସମସ୍ୟା ଘେରରେ ଗତି କରୁଛି। ଦୈନିକ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ହଇରାଣ ହେଉଛନ୍ତି। କାରଣ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ହୋଇଥିବା ବେଳେ ଏହି ପରିସରରେ ଏପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସହାୟତା ପାଇଁ ଶୌଚାଳୟ ନାହିଁ । ସହର ମଧ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଥିବା ଯୋଗୁଁ ଆସୁଥିବା ପୁରୁଷ ଲୋକ କିମ୍ବା ମହିଳା ଯଦି ସେମାନଙ୍କୁ ହଠାତ୍ ପରିସ୍ରା କିମ୍ବା ମଳତ୍ୟାଗ କରିବାକୁ ପଡୁଛି ତେବେ ସେମାନେ ଚିନ୍ତିତ ହୋଇପଡୁଛନ୍ତି । ଅନ୍ୟପଟେ ଦୀର୍ଘ ଦିନ ପୂର୍ବେ କାର୍ଯ୍ୟାଳୟ ସମ୍ମୁଖରେ ଲେଖାଯାଇଥିଲା ଫଳକ ବର୍ତ୍ତମାନ ଦେଖା ଯାଉନାହିଁ କାରଣ ତାହା ଏବେ ଲିଭିବାକୁ ବସିଲାଣି । ଯେଉଁ ଫଳକ ବୋର୍ଡଟି ଅଛି ତାହା ସଂପୂର୍ଣ୍ଣ ଅଦୃଶ୍ୟ ମାନ ଭଳି ପଡ଼ିରହିଛି । ଦୀର୍ଘ ଦିନ ଧରି ଏହି ଅବ୍ୟବ୍ୟବସ୍ଥା ଦେଖା ଯାଉଥିଲେ ମଧ୍ୟ ଏଥିରେ କାହାର ନଜର ପଡୁନାହିଁ । ଯାହାକୁ ନେଇ ଏବେ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ଶୌଚାଳୟ ନିର୍ମାଣ ସହିତ କାର୍ଯ୍ୟାଳୟ ସମ୍ମୁଖରେ ନୂତନ ଫଳକ ଲଗାଇବାକୁ ଜିଲ୍ଲାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ବେଆଇନ୍ ଜବରଦଖଲ ଉଚ୍ଛେଦ କଲା ପୌରସଂସ୍ଥା

**କେନ୍ଦ୍ରାପଡା, ୧୯।୧୧ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ଧରି ବେଆଇନ୍ ଭାବେ କେନ୍ଦ୍ରାପଡା ପୌରାଞ୍ଚଳକୁ ଜବର ଦଖଲ କରିଥିବା ବ୍ୟକ୍ତିଙ୍କ ଦୋକାନ ଗୃହରେ ଜେସିବି ମେସିନ ଦ୍ୱାରା ଶେଷରେ ଭଙ୍ଗା ଯାଇଛି। ହେଲେ ଏହା କେବଳ ଗରିବ ଛୋଟ ମୋଟ ବ୍ୟବସାୟୀଙ୍କ ପାଖରେ ରହିଯାଇଛି। ବଡ଼ ବଡିଆମାନଙ୍କ ପାଖରେ ଏପର୍ଯ୍ୟନ୍ତ ଉଚ୍ଛେଦ ପହଞ୍ଚି ପାରି ନାହିଁ। ମଙ୍ଗଳବାର କେନ୍ଦ୍ରାପଡ଼ାର କେନ୍ଦ୍ରସ୍ଥଳୀ ପୁରୁଣା ବସଷ୍ଟାଣ୍ଡ ପୌରସଂସ୍ଥା କାର୍ଯ୍ୟାଳୟ ସାମ୍ନାରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା କଡରେ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରହସନରେ ପରିଣତ ହୋଇଛି।

ରାସ୍ତାର ଦୁଇ କଡରେ ବହୁବ୍ୟକ୍ତି ଦୋକାନ ଗୃହ ସାମ୍ନା ରାସ୍ତାକୁ ମଡାଇ ଜବରଦଖଲ କରି ସାମଗ୍ରୀ ରଖିବା ସହ ରାସ୍ତାକୁ ସଂକୁଚିତ କରି ରଖିଥିଲେ। ପୌର ପ୍ରଶାସନ ପକ୍ଷରୁ ଏଗୁଡିକୁ ହଟାଇବା ପାଇଁ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ତିନି ତିନି ଥର ନୋଟିସ୍ ଜାରି କରାଯିବା ସହ ସରକାରୀ ଜାଗାରୁ ହଟିଯିବା ପାଇଁ ସୂଚନା ଦିଆଯାଇ ଥିଲା। ମାତ୍ର ପ୍ରଭାବଶାଳୀ ବ୍ୟକ୍ତିମାନେ ଏହି ନୋଟିସକୁ ଖାତିର ନକରି ସେମାନଙ୍କର ଜବରଦଖଲକୁ ବଜାୟ ରଖିଥିଲେ। ତେବେ ମଙ୍ଗଳବାର ପୂର୍ବାହ୍ନରେ ପୌର ପ୍ରଶାସନ ପକ୍ଷରୁ ଜବର ଦଖଲ ହଟାଇବା ପ୍ରକ୍ରିୟା ଆରମ୍ଭ କରାଯାଇ ଥିଲା। ତେବେ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଖଟ ପକାଇ ବସୁଥିବା ଚର୍ମକାର ମାନଙ୍କୁ ହଟାଇ ଦିଆଯାଇ ଥିବାବେଳେ ସ୍ଥାୟୀ ନିର୍ମାଣ କରିଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘର ସେହିଭଳି ରହିଛି । ଗରିବ ଗୁରୁବା ଲୋକମାନେ ହଟି ଯାଇଥିବା ବେଳେ ପ୍ରଭାବଶାଳୀ ବ୍ୟକ୍ତି ମାନଙ୍କ ଜବରଦଖଲରେ କୌଣସି ଯାଂଚ ଆସିନାହିଁ । ତେବେ ପୌର ପ୍ରଶାସନର ଏହି ଏକ ପାଖିଆ ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯାଇଛି । ନିରପେକ୍ଷ ଭାବେ ମାପଚୁପ କରି ଉଭୟ ପାର୍ଶ୍ୱରୁ ଜବରଦଖଲ ହଟାଇବାକୁ ସାଧାରଣରେ ଦାବି ହେଉଛି।

ଆଜିର ଏହି ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ତାପସ ରଂଜନ ଦେହୁରୀ, ପୌର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁଙ୍କ ସମେତ ବହୁ ସଂଖ୍ୟକ ପୋଲିସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ ।



**ପ୍ରଭାବଶାଳୀ ରହିଲେ ଗରିବ ହଟିଲେ ପ୍ରଶାସନର ଅଜବ ନୀତିକୁ ନାପସନ୍ଦ କଲେ ବୁଦ୍ଧିଜୀବୀ**

# ରାଜ୍ୟରେ ଜମଧର ପ୍ରଥମ ଦ୍ୱିତୀୟରେ ଭରତପୁର ସମବାୟ ସମିତି

**କେନ୍ଦ୍ରାପଡା, ୧୯।୧୧ (ସଂଚାର ବ୍ୟୁରୋ):** ବର୍ତ୍ତମାନ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯାଉ ଥିବାବେଳେ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଜିଲ୍ଲାକୁ ଗୌରବାନିତ୍ୱ କରିଥିବା କେନ୍ଦ୍ରାପଡା ର ଜମଧର ପ୍ରାଥମିକ କୃଷି ସମବାୟ ସମିତିକୁ ରାଜ୍ୟ ସ୍ତରରେ ଶ୍ରେଷ୍ଠ ସମବାୟ ସମିତି ଭାବେ ଘୋଷଣା ସହ ସମ୍ମାନିତ କରାଯାଇଛି । ସେହିଭଳି ଭରତପୁର ପଂଚାୟତ ରେ ଥିବା ଭରତପୁର ପ୍ରାଥମିକ କୃଷି ସମବାୟ ସମିତିକୁ ଦ୍ୱିତୀୟ ସ୍ଥାନ ମିଳିଥିବା ଜଣାପଡିଛି । ଏହି ୨ ସମିତିରେ ଚାଷୀ, ଭାଗଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ସମିତି ର କମ୍ପ୍ୟୁଟରୀ କରଣ, ଚାଷୀ ମାନଙ୍କୁ ସାର, ବିହନ ଆଦି ଯୋଗଇବାରେ ପ୍ରମୁଖ ଭୂମିକା ଗ୍ରହଣ କରାଯାଇଛି। ଓଡିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏହି ଘୋଷଣା କରାଯାଇଥିବା ସୂଚନା ମିଳିଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଚସ୍ପତି ସୁରମା ପାଢୀ, ସମ୍ମାନିତ ଅତିଥି ସମବାୟ ମନ୍ତ୍ରୀ ପ୍ରଦିପ ବଳସାମନ୍ତ, ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ସମବାୟ ବିଭାଗର ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ଓ ମହା ସମୀକ୍ଷକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ତଥା ରାଜ୍ୟ ସମବାୟ ୟୁନିୟନ ର ସଭାପତି ପ୍ରଭାସିନୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ଜମଧର ସମବାୟ ସମିତିର ସଭାପତି ଧରଣୀଧର ଦାସ, ବୈରାଗୀ ଚରଣ ସାହୁ, ଭରତପୁର ସମବାୟ ସମିତିର ସଭାପତି ବସନ୍ତ କୁମାର ରାଉତ, ସଂପାଦକ ସୁବୋଧ କୁମାର ଲେଙ୍କା ପ୍ରମୁଖ ପୁରସ୍କାର ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମରେ ସମିତିର ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ ।

**ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ**

# ୮୫ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ୍ୟ




**କେନ୍ଦ୍ରାପଡା, ୧୯।୧୧ (ସଂଚାର ବ୍ୟୁରୋ):** ମଙ୍ଗଳାବର ପୂର୍ବାହ୍ନ ୧୧ଘଟିକା ସମୟରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁୟାରୀ ୧୦ ତାରିଖରୁ ୧୧୮ଟି ମଣ୍ଡିରେ ଧାନକ୍ରୟ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ମଣ୍ଡିଗୁଡିକର ଭିତ୍ତିଭୂମି ଓ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଯୋଗୀ ଯନ୍ତ୍ରପାତିଗୁଡ଼ିକର ବ୍ୟବସ୍ଥା କରାଯାଇଛି । ମଣ୍ଡିଗୁଡିକ ସପ୍ତାହରେ ୩ଦିନ ଧାନ ସଂଗ୍ରହ କରିବେ । ସକାଳ ୮ ଘଟିକା ରୁ ଦିନ ୨ ଘଟିକା ମଧ୍ୟରେ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ୨୪ ଘଣ୍ଟା ରୁ ୭୨ ଘଣ୍ଟା ମଧ୍ୟରେ ଟୋକନ ଧାରୀ ଚାଷୀଙ୍କ ଅକାଉଣ୍ଟକୁ ସିଧାସଳଖ ଅର୍ଥ ରାଶି ପ୍ରେରଣ କରାଯିବ ।

ଏ ବର୍ଷ ୪୪,୦୧୬ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବୈଧ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ରହିଛି ୪୪,୦୦୪ଜଣ । କେନ୍ଦ୍ରାପଡା ଜିଲ୍ଲାରେ ଏ ବର୍ଷ ପୂର୍ବ ବର୍ଷ ପରି ସାଟେଲାଇଟ ଯାଞ୍ଚ ମାଧ୍ୟମରେ ପଞ୍ଜୀକୃତ ଜମିରେ ଚାଷ ହୋଇଛିକି ନାହିଁ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି ଫଳରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ କରିବା ସହ କ୍ଷୁଦ୍ର, ମଧ୍ୟମ ଚାଷୀମାନଙ୍କଠାରୁ ଟୋକନ ମାଧ୍ୟମରେ ଧାନ ସଂଗ୍ରହ କରାଯାଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

କେନ୍ଦ୍ରାପଡାରେ ଚାଷୀମାନେ ବନ୍ୟା,ବାତ୍ୟା ପାଇଁ କ୍ଷ୍ୟତିଗ୍ରସ୍ତ ହେଉଛନ୍ତି । ସୁନିୟନ୍ତ୍ରିତ ବ୍ୟବସ୍ଥା, ସମସ୍ତଙ୍କ ସହଯୋଗ ଓ ସହଭାଗୀତାରେ ଧାନ ସଂଗ୍ରହ କରିପାରିଲେ କ୍ଷୁଦ୍ର/ମଧ୍ୟମ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ହୋଇପାରିବ ଏବଂ ସଠିକ ଢଙ୍ଗରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରିଲବ୍ଧ ଅର୍ଥ ଯାଇପାରିବା ସହ ସରକାରଙ୍କ ମୂଳ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ରାଜନଗର ଓ କେନ୍ଦ୍ରାପଡ଼ା ବିଧାୟକ ମତ ପ୍ରକାଶ କରିଥିଲେ । ରଙ୍ଗଣୀ ଓ ତାଳଚୁଆରେ ଧାନମଣ୍ଡି ଖୋଲିବାକୁ ରାଜନଗର ବିଧାୟକ ଧୃବ ଚରଣ ସାହୁ ପ୍ରଶାସନ ନିକଟରେ ପ୍ରସ୍ତାବ ରଖିଥିଲେ। ଚଳିତ ବର୍ଷ ପ୍ରଥମ କିସ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୮୫,୩୦୮ ମେଟ୍ରିକ ଟନ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୨୪-୨୫ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ନିମନ୍ତେ ରାଜ୍ୟ ସରକାର ନଭେମ୍ବର ୧ ରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଛନ୍ତି । ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ପାଇଁ ୧୧୮ଜଣ ମଣ୍ଡି ନୋଡଲ ଅଫିସର, ୩୮ଜଣ ମଣ୍ଡି ସୁପରଭାଇଜିଙ୍ଗ୍ ଅଫିସର ନିଯୁକ୍ତି ଦିଆଯାଇଛି । ବ୍ଲକ ସ୍ତରରେ ବିଡିଓମାନେ ନୋଡାଲ ଅଫିସର ହୋଇଥିବା ବେଳେ ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନୀଲୁ ମହାପାତ୍ର ନୋଡାଲ ଅଫିସର ଭାବେ କାର୍ଯ୍ୟକରି ସମସ୍ତ କାର୍ଯ୍ୟକୁ ତଦାରଖ କରିବେ ।

ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜନଗର ବିଧାୟକ ଧୃବ ଚରଣ ସାହୁ, କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦର ସଭାପତି ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ବରିଷ୍ଠ ଏଆରସିଏସ ସନ୍ତୋଷ କୁମାର ଦାସ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲାସ୍ତରୀୟ ଅଧିକାରୀ, ମାପ ଓଜନ ନିରିକ୍ଷକ, ଆରଏମସିର ପଦାଧିକାରୀ, ସୋସାଇଟିର ସମ୍ପାଦକ, ମିଲର, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

**ପୂଜା ବାହାନାରେ ଖାକି ବାବୁଙ୍କ ଚାନ୍ଦା ଆଦାୟ ଘଟଣା**

# ଭ୍ୟାନ ବଦଳରେ ବାଇକ୍ ଧରି ବୁଲୁଛନ୍ତି

**କେନ୍ଦ୍ରାପଡ଼ା, ୧୯।୧୧ (ସଂଚାର ବ୍ୟୁରୋ):** ପୂଜା ବାହାନାରେ ଖାକି ବାବୁଙ୍କ ମୋଟା ଅଙ୍କର ଚାନ୍ଦା ଆଦାୟ ଘଟଣା ଏବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ! କାର୍ତ୍ତିକେଶ୍ୱର ପୂଜା ପାଇଁ ପୁଲିସ୍ ବାବୁମାନେ ଭ୍ୟାନ ଧରି ଗାଁ ଗାଁ ବୁଲି ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ କିଏ ଏବଂ କାହା ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ କରୁଛନ୍ତି ତାକୁ ନେଇ ପ୍ରଶ୍ନ ମଧ୍ୟ ଉଠିଛି। ଜଳଖିଆ ଦୋକାନଠୁ ଆରମ୍ଭ କରି ମେଡ଼ିସିନ୍ ଦୋକାନ ପର୍ଯ୍ୟନ୍ତ କାହାରିକୁ ଛଡ଼ା ଯାଉନଥିବା ବେଳେ ଏହା ଏତିକିରେ ସୀମିତ ରହିନି ପୂଜା ପାଇଁ ଚାନ୍ଦା ଆଦାୟ ପଡ଼ୋଶୀ ଜିଲ୍ଲା ପାରାଦ୍ୱୀପ ପର୍ଯ୍ୟନ୍ତ ଲାଗିଛି।

ପୂର୍ବରୁ ପ୍ରତ୍ୟେକ ଦୋକାନ ସମ୍ମୁଖରେ ପୁଲିସ୍ ଭ୍ୟାନ ଲଗାଇ ପୁଲିସ୍ ବାବୁମାନେ ହାତରେ ନିମନ୍ତ୍ରଣ କାର୍ଡ ଧରି ଚାନ୍ଦା ଆଦାୟ ପାଇଁ ପହଞ୍ଚି ଯାଉଥିଲେ । ପୁଲିସ୍ ଭ୍ୟାନ ଏବଂ ଖାକି ବାବୁଙ୍କୁ ଦେଖି ଦୋକାନୀମାନେ ଭୟଭୀତ ହୋଇଯାଉଥିଲେ। କେଉଁ କାରଣ ପାଇଁ ଦୋକାନ ସମ୍ମୁଖରେ ଭ୍ୟାନ ରଖୁଥିଲେ ତାହା ଦୋକାନୀ ମାନେ ଜାଣିପାରୁନଥିଲେ । ହେଲେ ଖାକି ବାବୁ ମାନେ ଥାନାରେ ଅନୁଷ୍ଠିତ ହେବାକୁ ଥିବା କାର୍ତ୍ତିକେଶ୍ୱରଙ୍କ ପୂଜାର ନିମନ୍ତ୍ରଣ ପତ୍ର ଖଣ୍ଡେ ଧରି ଦୋକାନୀକୁ ଦେଉଥିଲେ । ଏଭଳି ଦୃଶ୍ୟ ସାମ୍ନାକୁ ଆସିବା ପରେ ଏନେଇ "ସଂଚାର"ରେ ଗତ ୧୩ ତାରିଖ ରେ "ପୂଜା ପାଇଁ ଚାନ୍ଦା ଆଦାୟ" ଘଟଣା ପ୍ରକାଶିତ ହୋଇଥିଲା । ଖବର ପ୍ରକାଶ ପାଇବା ପରେ ଥାନା ବାବୁ ମାନେ ଏବେ ହଡ଼ବଡ଼େଇ ଯାଇଛନ୍ତି । କାହିଁକିନା ଏହି ବିଷୟରେ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀ ମାନେ ଜାଣିବା ପରେ ଥାନା ବାବୁଙ୍କୁ ଫୋନ୍ କରି ତାଗିଦ କରିଛନ୍ତି। ଏହି ତାଗିଦ୍ ପରେ ଖାକି ବାବୁ ଭ୍ୟାନ ବଦଳରେ କେହି ନ ଜାଣିଲା ଭଳି ଏବେ ବାଇକ୍ ନେଇ ଚାନ୍ଦା ଆଦାୟ କରୁଛନ୍ତି ।

> **ପୂଜା ସରିବାକୁ ବର୍ସିଲାଣି, ଚାନ୍ଦା ଆଦାୟ ସରୁନି**

ସବୁଠୁ ବଡ଼ କଥା ହେଉଛି ଯେଉଁ ବାବୁ ମାନେ ନିମନ୍ତ୍ରଣ ପତ୍ର ପୂର୍ବରୁ ବାଣ୍ଟିକି ଆସିଥିଲେ ଏବେ ସେହି ସ୍ଥାନ ମାନଙ୍କରେ ପହଞ୍ଚି ଚାନ୍ଦା ଆଦାୟ କରୁଛନ୍ତି । ଖାକି ବର୍ଦ୍ଦିର ଧମକ ଦେଇ ଚାନ୍ଦା ଆଦାୟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ । ପୂଜା ପାଇଁ ବାଲି ମାଫିଆ , ମଦ ମାଫିଆ,ଦଲାଲ୍,କୁଜି ନେତା,ଠିକାଦାର, ଜୁଆଡି , ଦେହ ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବା ଯୋଗୁଁ ଆଗାମୀ ଦିନରେ ସୁରକ୍ଷା ବେବସ୍ଥା କିଭଳି ରହିବ ତାହା ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଏବେଠୁ ସନ୍ଦେହ କଲେଣି ।

# ପ୍ରାଥମିକ ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ସମ୍ପର୍କିତ ଆଲୋଚନାଚକ୍ର

**କେନ୍ଦ୍ରାପଡ଼ା, ୧୯।୧୧ (ସଂଚାର ବ୍ୟୁରୋ):** ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନାଭୁକ୍ତ ) କେନ୍ଦ୍ରାପଡା ବ୍ଲକ ଦ୍ୱାରା ଗରାପୁରସ୍ଥିତ ଶିକ୍ଷକ ଭବନରେ ଏକ ସମ୍ବର୍ଦ୍ଧନା ବୈଠକ ଏବଂ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ମାନଙ୍କର ସମସ୍ୟା ସମ୍ପର୍କିତ ଏକ ଆଲୋଚନାଚକ୍ର ବ୍ଲକ ସଭାପତି ଦାଶରଥି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ନୂତନ ଭାବେ କନିଷ୍ଠ ଶିକ୍ଷକ ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ପାରି ବଦଳି ହୋଇ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ମୁଖ୍ୟ ଅତିଥି କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ସହ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକ, ଅବସର ପ୍ରାପ୍ତ ସହ ମଣ୍ଡଳ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ର ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ର ସଂପାଦକ ଶୈଳବାଳା ସାମଲ, ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡା ଯୋଗଦେଇ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସଂପାଦକ ଦେବେନ୍ଦ୍ର ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବାପାଇଁ ମଣ୍ଡଳ ଶିକ୍ଷାଧିକାରୀ ଓ ସହ ମଣ୍ଡଳ ଶିକ୍ଷାଧିକାରୀ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ନିମନ୍ତ୍ରିତ ସଂଘର ନେତୃତ୍ୱ ଏକତା ବଳରେ ବିଭିନ୍ନ ଦାବିଗୁଡିକ ସରକାରଙ୍କ ଠାରୁ ହାସଲ କରିବାର ବାର୍ତ୍ତା ଅଭିଭାଷଣରେ ପ୍ରକାଶ କରିଥିଲେ। ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡା ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ମାନଙ୍କର ଅନେକ ସମସ୍ୟା କଥା ଉତ୍ଥାପନ କରିଥିଲେ ।






# ବିଜୁ ଜନତା ଦଳ ପକ୍ଷରୁ ନୂତନ ବିଡିଓଙ୍କୁ ସ୍ୱାଗତ

**ରାଜନଗର, ୧୯।୧୧ (ସଂଚାର ବ୍ୟୁରୋ):** ରାଜନଗର ବିଡିଓ ଭାବେ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଚଳିତ ମାସ ୭ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜନଗର ବିଡିଓ ନିଶାନ ମିଶ୍ରଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ପ୍ରଶାସନିକ ଆବଶ୍ୟକତା ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଗିରିଙ୍କୁ ଦାୟିତ୍ୱ ଦେବା ପରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଡିଓ ଶ୍ରୀ ଗିରିଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ।

**ଗୋରୁ ଅନାହାରରେ ରହିବା ଘଟଣା**

# ସାତଭାୟାରେ ସ୍ଥିତି ପରଖିଲେ ଜିଲ୍ଲାପାଳ, ଡିଏଫ୍ଓ

**ରାଜନଗର, ୧୯।୧୧ (ସଂଚାର ବ୍ୟୁରୋ):** ବଂଗୋପସାଗର କୂଳରେ ଥିବା ପୁରୁଣା ସାତଭାୟା ଅଞ୍ଚଳରେ ବାତ୍ୟା ଦାନାର ପ୍ରଭାବ ଯୋଗୁଁ ସେଠାରେ ରହୁଥିବା ଗୋରୁ ଗାଈ, ସମେତ ସମସ୍ତ ଗୃହପାଳିତ ପଶୁ ମାନଙ୍କ ପ୍ରତି ବିପଦ ମାଡି ଆସିଥିଲା। ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ଖାଇବା ଓ ପିଇବାକୁ ପାଣି ନପାଇ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁଘଟିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଚଳିତମାସ ୧୧ ତାରିଖ ଦିନ ସାତଭାୟାରେ ପହଁଚି ସ୍ଥିତି ପରଖିବା ପରେ ପ୍ରାଣୀ ଚିକିତ୍ସା ବିଭାଗକୁ ସାତଭାୟାରେ ଥିବା ଗାଈ ଗୋରୁଙ୍କ ପାଇଁ ଖାଦ୍ୟ ଓ ଚିକିତ୍ସା ବ୍ୟବସ୍ଥା ନିର୍ଦ୍ଦେଶ ଦେବା ପରେ ପଶୁ ଚିକିତ୍ସା ବିଭାଗ ପକ୍ଷରୁ ଟୀକାକରଣ କରାଯାଇଥିଲା। ମାତ୍ର ସାତଭାୟାରେ ଗୋରୁଙ୍କ ପାଇଁ ପିଇବାକୁ ପାଣି ନଥିବାରୁ ସେମାନେ ପୁଣି ଅନାହାରରେ ଶିକାର ହେବାର ଆଶଙ୍କା ରହିଛି।



ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ସହିତ ପାନୀୟ ଜଳ ବିଭାଗର ଅଧିକାରୀମାନେ ଭୋର ୬ଟାରେ ସାତଭାୟାରେ ପହଁଛିଥିଲେ। ସମୁଦ୍ର କୂଳରେ ଚରୁଥିବା ଗୋରୁ ଗାଈଙ୍କ ଅବସ୍ଥା ଦେଖିଥିଲେ। ସେ ଚାରିଆଡେ ଲୁଣି ପାଣି ଥିବାରୁ ଗୋରୁଙ୍କ ପିଇବା ପାଇଁ ସାତଭାୟାରେ ଥିବା ଜଳକୂପ ଗୁଡିକୁ କାର୍ଯ୍ୟକ୍ଷମ କରାଯିବା, ନଳକୂପ ନିକଟରେ ସୋଲାର ପ୍ୟାନ ବସାଯିବା, ଗୋରୁ ଗାଈଙ୍କ ପିଇବା ପାଇଁ କୁଣ୍ଡ ନର୍ମାଣ କରାଯିବା ଏବଂ ଗୋରୁ ଗାଈମାନେ ଖୋଲାରେ ରହୁଥିବାରୁ ସେମାନଙ୍କ ପାଇଁ ସେଡ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ନିଷ୍ପତି ନେଇଛନ୍ତି।



# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

**ରାଜନଗର, ୧୯।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମା ସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ଶ୍ରୀ ଶ୍ରୀ ମହାବିଦ୍ୟାଳୟର ପ୍ରାଧ୍ୟାପିକା ରାଜଶ୍ରୀ ସାମନ୍ତ, ସମ୍ମାନୀତ ଭାବେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଚିନ୍ମୟ କୁମାର ଦାସ, ବିଆରସିସି ଭକ୍ତଲତା ବାରିକ, ସହକାରୀ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା, ଚିତ ରଞ୍ଜନ ଜେନା, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ବିଜ୍ଞାନ ସଂଯୋଜକ ସାନ୍ତନୁ କୁମାର ସୂତାର, ସିଆରସିସି ମଧୁସୂଦନ ସାହୁ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ ବାଲ ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜ୍ଞାନ ମେଳା ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଉଦ୍ଯାପନ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ସେଠୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବ ସାହୁ, ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସମ୍ମାନୀୟ ଅତିଥି ଭାବେ ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମହାପାତ୍ର, ସମିତିସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଯୋଗଦେଇ କୃତି ବାଲ ବୈଜ୍ଞାନିକ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀ ମେଳାରେ ୮୫ଜଣ ବାଲ ବୈଜ୍ଞାନିକ ସେମାନଙ୍କର ବିଜ୍ଞାନ ପ୍ରଦର୍ଶନୀ କରିଥିଲେ।

**ସାହାରା ଜମାକାରୀଙ୍କ ପାଇଁ ବଢ଼ିଲା ଆଶା**


# ଦୀର୍ଘଦିନ ପରେ ଫେରି ପାଇବେ ଟଙ୍କା

**କେନ୍ଦ୍ରାପଡ଼ା, ୧୯।୧୧ (ସଂଚାର ବ୍ୟୁରୋ):** ସାହାରା ଜମାକାରୀଙ୍କ ପାଇଁ ବଢ଼ିଲା ଆଶା । ଦୀର୍ଘ ଦିନ ହେବ ବନ୍ଦ ପଡ଼ିଥିବା ସାହାରା କାର୍ଯ୍ୟାଳୟ ଆଜି ଖୋଲିଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଜିଲ୍ଲାର ଥିବା ବଣିଆମାଳ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଜମାକାରୀଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଛି। ପୂର୍ବରୁ ଅନଲାଇନ ମାଧ୍ୟମରେ ଆବେଦନ କରିଥିବା ଜମାକାରୀମାନେ ଆଜି ଅଫଲାଇନ ମାଧ୍ୟମରେ ଆବେଦନ କରୁଛନ୍ତି। ଯାହାକୁ ନେଇ ସାହାରା ଜମାକାରୀ ଙ୍କ ମନରେ ଖୁସି ସଂଚାର ହୋଇଛି। ଦୀର୍ଘଦିନ ଧରି ଜମାକାରୀ ମାନେ ସାହାରା ମାଧ୍ୟମରେ ଟଙ୍କା ଜମା କରିଥଲେ ମଧ୍ୟ ସେମାନଙ୍କ ଜମା ଅର୍ଥ ଫେରି ପାଉନଥିଲେ । ଏପରିକି ନିଜ ସଞ୍ଚିତ ଧନ ବୁଡିଯିବା ଭୟରେ ଅନେକ ଜମାକାରୀ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ମଝିରେ ମଝିରେ ଅନେକ ଥର ଅର୍ଥ ଫେରିପାଇବାର ଆଶା ସଂସ୍ଥା ଦେଇଥିବା ପରେ ମଧ୍ୟ ଜମାକାରୀ ନିରାଶ ହୋଇଛନ୍ତି। ପ୍ରତ୍ୟକ ଦିନ ଜମାକାରୀ ଦୂରଦୂରାନ୍ତରୁ ଆସନ୍ତି ଏବଂ କାର୍ଯ୍ୟାଳୟ ବନ୍ଦ ଥିବାରୁ ନିରାଶ ହୋଇ ଫେରନ୍ତି। ତେବେ ଆଜି କାର୍ଯ୍ୟାଳୟ ଖୋଲିଥିବାରୁ, କେବଳ ଜମାକାରୀ ନୁହଁନ୍ତି, ଏଜେଣ୍ଟ ମାନଙ୍କର ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ଜିଲ୍ଲାର ପଟ୍ଟାମୁଣ୍ଡାଇ, ଆଳି, ଡେରାବିଶ, ମହାକାଳପଡ଼ା, ଗରଦପୁର, ମାର୍ଶାଘାଇ ଭଳି ପ୍ରତ୍ୟକ ଅଂଚଳରୁ ଜମାକାରୀମାନେ ଆସି ମୁଖ୍ୟ କାର୍ଯ୍ୟାଳୟରେ ଭିଡ଼ ଜମାଇଥିଲେ। ପୂର୍ବରୁ ଅନଲାଇନ ଭାବେ ଆବେଦନ କରାଯାଇ ନିରାଶ ହୋଇଥିବା ଆବେଦନକାରୀ ବର୍ତ୍ତମାନ ଅଫଲାଇନ ରେ ଆବେଦନ କରିଛନ୍ତି। ପ୍ରତ୍ୟକ ଜମାକାରୀ ମାନଙ୍କର ଗୋଟିଏ ଆଶା, ଯେ ସେମାନଙ୍କ ସଞ୍ଚିତ ଅର୍ଥ ସେମାନଙ୍କୁ ଫେରସ୍ତ କରାଯାଉ ବୋଲି ଦାବି ହୋଇଛି।

# ଡିଏଫ୍ଓ, ରେଞ୍ଜ ଅଫିସର ଓ ଫରେଷ୍ଟରଙ୍କ ନାଁରେ ବିଜେପି ପକ୍ଷରୁ ଏତଲା

**ରାଜନଗର, ୧୯।୧୧ (ସଂଚାର ବ୍ୟୁରୋ):** ସାତଭାୟା ଅଞ୍ଚଳରେ ଗୋରୁ ଗାଈଙ୍କ ଅନାହାର ମୃତ୍ୟୁ ଘଟଣା କେବଳ କେନ୍ଦ୍ରାପଡ଼ା ଜିଲ୍ଲା ନୁହେଁ, ବରଂ ସମଗ୍ର ରାଜ୍ୟରେ ଏହା ଏକ ସମ୍ବେଦନଶୀଳ ଘଟଣା ରୂପେ ଛିଡା ହୋଇଛି। ଆଜି ବିଜେପିର ବରିଷ୍ଠ ନେତା ନୀଳମଣି ସାହାଣୀ, ପବିତ୍ର ପରିଡ଼ା, ରୋଜାଲିନ ମହାନ୍ତି, ମିନତୀ ସାମନ୍ତରାୟ, ସୂର୍ଯ୍ୟକାନ୍ତ ଭୂୟାଁ, ରଶ୍ମୀତା ସାହୁ, ବ୍ରଜ ମୋହନ ମହାନ୍ତି, ମହେଶ୍ୱର ଗୋଛାୟତ, ପ୍ରଦୀପ ରାଉତ ପ୍ରମୁଖ ରାଜନଗର ଥାନାରେ ପହଁଚି ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣି ଡିଭିଜନର ଡିଏଫଓ, ରାଜନଗର ରେଞ୍ଜ ଅଫିସର ଓ ସାତଭାୟା ଫରେଷ୍ଟରଙ୍କ ନାଁରେ ଲିଖିତ ଏତଲା ଦେଇଛନ୍ତି।

ବିଜେପିର ଅଭିଯୋଗ ମୁତାବକ ସାତଭାୟାରେ କେତୋଟି ପରିବାର ସହିତ ଶହ ଶହ ଗୋମାତା, ବାଛୁରୀ, ଷଣ୍ଢ ଆଦି ଗୃହପାଳିତ ପଶୁମାନେ କାନପୁର ଠୁଁ ଗହୀରମଥା ଯାଏଁ ରହୁଥିଲେ। ବାତ୍ୟା ଦାନା ପରେ ସମଗ୍ର ସାତଭାୟା ଅଞ୍ଚଳରେ ଲୁଣିପାଣି ମାଡିଯିବା ଯୋଗୁଁ ପିଇବା ପାଣି ଓ ଖାଦ୍ୟ ଅଭାବରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗୃହପାଳିତ ପଶୁ ମୃତ୍ୟୁବରଣ କରିଛନ୍ତି। ଏହି ଖବରପାଇ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଘଟଣାସ୍ଥଳକୁ ଯିବା ସମୟରେ ବାଉଁଶଗଡ଼ ନଦୀ ନିକଟରେ କାହାରିକୁ ସାତଭାୟା ଅଞ୍ଚଳକୁ ପ୍ରବେଶ ଅନୁମତି ଦିଆଗଲା ନାହିଁ। ବନ ଅଧିକାରୀଙ୍କ ଅସଲ ଉଦ୍ଦେଶ୍ୟ ହେଉଛି ବେଆଇନ ଭାବେ ସମସ୍ତଙ୍କ ଯାହାୟତକୁ ବାଧା ଦେଇ ଅଲିଭରିଡଲେ କଇଁଛଙ୍କ ମୃତ୍ୟୁର ବାସ୍ତବିକ ସ୍ଥିତି ଲୁଚାଇବା, ପ୍ରାୟୋଜିତ ଭାବେ ଜଙ୍ଗଲ ବିଭାଗ ଦ୍ୱାରା କଂଟେନରରୁ ସାମଗ୍ରୀ ଲୁଟ, କ୍ଲାଇମେଣ୍ଟ ଫଣ୍ଡ ଲୁଟ, ଅଭୟାରଣ୍ୟ ସୁରକ୍ଷା ଓ ପରିଚାଳନା ପାଇଁ ଆସୁଥିବା ଅର୍ଥ ଲୁଟ ସହିତ ଜଙ୍ଗଲ ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରିବା ସହ ଚକ୍ରାନ୍ତ କରି ଗୋସମ୍ପଦ ହତ୍ୟାର କାରଣ ହୋଇ ହିନ୍ଦୁମାନଙ୍କ ଧାର୍ମିକ ଭାବନାରେ କୁଠାରଘାତ କରିଛନ୍ତି ବୋଲି ସେମାନେ ଏତଲାରେ ଦର୍ଶାଇଛନ୍ତି। ଏହି ଅଭିଯୋଗର ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଏସପିଙ୍କୁ ଦେଇଛନ୍ତି।



# ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ମାତୃ ସମ୍ମିଳନୀ ଓ ପ୍ରକଳ୍ପ ମେଳା

**ପଟ୍ଟାମୁଣ୍ଡାଇ, ୧୯।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ମାତୃ ସମ୍ମିଳନୀ ଓ ଶିଶୁ ପ୍ରକଳ୍ପ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସ୍କୁଲ ଅଧକ୍ଷ ପ୍ରତାପ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ରାଜ୍ୟ ଶିଶୁ କଲ୍ୟାଣ ବୋର୍ଡ ପ୍ରାକ୍ତନ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟଅତିଥି, ମଧୁର ଭାରତୀ ଓ ମଧୁର ଝଙ୍କାର ସମ୍ପାଦିକା ଜୟନ୍ତୀ ପଢିଆରୀ ମୁଖ୍ୟବକ୍ତା, ସ୍କୁଲ ନିର୍ଦ୍ଦେଶକ ଆଡ଼ଭୋକେଟ ସଞ୍ଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା'ମାନେ ସଶକ୍ତ ହେଲେ ସୁନ୍ଦର ଶିଶୁ ସୁନ୍ଦର ସମାଜ ଓ ସୁଦୃଢ଼ ଦେଶ ଗଠନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସୁମନପ୍ରିୟା ନାୟକ ସ୍ୱାଗତ ଭାଷଣ ଓ ବିନିମୟୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଇ ଅବସରରେ ମା' ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ ଇଂରାଜୀ, ସାମାଜିକ, ବିଜ୍ଞାନ ଓ ଗଣିତ ବିଭାଗରେ ୧୧୦ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଚିତ୍ରକଳା ଓ ହସ୍ତକଳାରେ ୩୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

ଅଟାଳ ଉତ୍କଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ସାହୁ ଓ ନମୌଜା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଟଳ ବିହାରୀ ନନ୍ଦ ବିଚାରକ ଭାବେ ଯୋଗ ଦେଇ ଶ୍ରେଷ୍ଠ ପ୍ରକଳ୍ପ ଓ ଶ୍ରେଷ୍ଠ ଶିଶୁ ପ୍ରତିଭା ଚୟନ କରିଥିଲେ। ନମିତା ସୂତାର ଓ ଜ୍ୟୋତିର୍ମ୍ମାଳା କୃତୀ ଛାତ୍ରଛାତ୍ରୀଙ୍କ ତାଲିକା ପାଠ କରିବା ପରେ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ରିଙ୍କେଶ୍ୱରୀ ଦାସ ଧନ୍ୟବାଦ ଦେଇଥିଲେ । ଏହି ମାତୃ ସମ୍ମିଳନୀ ଓ ପ୍ରକଳ୍ପ ମେଳାକୁ ବୀରସେନ ଜେନା, ଗୌରବ ବେହେରା, ଅମିତ ପାତ୍ର,ସୌମ୍ୟ ରଞ୍ଜନ ପଣ୍ଡା, ମୋନାଲିସା ରାୟ, ପ୍ରମୁଖ ପରିଚାଳନା କରିଥିବାବେଳେ ପ୍ରିୟଙ୍କା ସୂତାର, ଭାଗ୍ୟଶ୍ରୀ ରାଉତ, ତପସ୍ୱିନୀ ପ୍ରଧାନ ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଇ ଅବସରରେ ଆୟୋଜିତ ଚିତ୍ରକଳା ଓ ହସ୍ତଶିଳ୍ପକୁ ରାକେଶ ସୂତାର, ପ୍ରବୀର ବାରିକ ସୋନାଲିସା ପରିଡା,ପ୍ରିୟଦର୍ଶନୀ ବାରିକ, ସୌମ୍ୟାସ୍ୱାତୀ ଲେଙ୍କା ପ୍ରମୁଖ ପରିଚାଳନା କରିଥିବା ବେଳେ ଆଶୁତୋଷ ପରିଡା, ମଧୁସ୍ମିତା ଗିରି, ଅରବିନ୍ଦ ପରିଡା, ଭକ୍ତ ରଞ୍ଜନ ମହାନ୍ତି, ଆଶାଲତା ମଲ୍ଲିକ, ଅରୁନ୍ଧତୀ ଦାସ, ଚମ୍ପକଲତା ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ଦେବରାୟଙ୍କ ସ୍ମୃତିଚାରଣ କଲେ ପ୍ରମୁଖ ସଚିବ



ନୂଆଦିଲ୍ଲୀ,୧୯।୧୧: ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ)ର ଅଧ୍ୟକ୍ଷ ପଦ୍ମଶ୍ରୀ ଡକ୍ଟର ବିବେକ ଦେବରାୟଙ୍କ ଜୀବନ ଓ କାର୍ଯ୍ୟର ସ୍ମୃତିଚାରଣ କରିବା ପାଇଁ ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀର ଆକାଶବାଣୀ ରଙ୍ଗ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପୂର୍ବରୁ ଡକ୍ଟର ଦେବରାୟଙ୍କ ବିୟୋଗରେ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ଜଣେ ମହାନ ବିଦ୍ୱାନ ଥିଲେ, ଅର୍ଥନୀତି, ଇତିହାସ, ସଂସ୍କୃତି, ରାଜନୀତି, ଆଧ୍ୟାତ୍ମିକତା ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ଗଭୀର ଜ୍ଞାନ ଥିଲା। ନିଜ କାର୍ଯ୍ୟ ମାଧ୍ୟମରେ ସେ ଭାରତର ବୌଦ୍ଧିକ ଦୃଶ୍ୟପଟରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି। ଡକ୍ଟର ଦେବରାୟ ଜଣେ ବହୁମୁଖୀ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଥିଲେ ଯିଏ ପ୍ରାଚୀନ ଭାରତୀୟ ଗ୍ରନ୍ଥ ଉପରେ କାମ କରିବାକୁ ଉପଭୋଗ କରୁଥିଲେ ଏବଂ ଏହାକୁ ଯୁବବର୍ଗଙ୍କ ପାଇଁ ଉପଲବ୍ଧ କରାଇଥିଲେ। ତାଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ସ୍ୱର୍ଗତ ଦେବରାୟଙ୍କ ସହିତ କାମ କରିବାର ପୁରୁଣା ଦିନଗୁଡ଼ିକ ବିଷୟରେ ସ୍ମୃତିଚାରଣ କରିଥିଲେ। ଡକ୍ଟର ମିଶ୍ର କହିଥିଲେ, ସେମାନେ ନୀତି ନିର୍ଦ୍ଧାରଣ କରିବା କ୍ଷେତ୍ରରେ କାମ କରୁଥିଲେ ଏବଂ ଅର୍ଥବ୍ୟବସ୍ଥାରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରୁଥିଲେ ତଥା ସେଗୁଡ଼ିକର ସମାଧାନ କିପରି ହୋଇପାରିବ ସେ ନେଇ ବିଚାରବିମର୍ଶ କରୁଥିଲେ। ସ୍ୱର୍ଗତ ଦେବରାୟଙ୍କୁ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଅଭିହିତ କରି ଡକ୍ଟର ମିଶ୍ର କହିଥିଲେ ଯେ, ସ୍ୱର୍ଗତ ଦେବରାୟଙ୍କ ବୌଦ୍ଧିକ ଜ୍ଞାନର ପରିସର ଅର୍ଥନୀତି ପରିଧି ଆରମ୍ଭ କରି ସଂସ୍କୃତ ସାହିତ୍ୟ, ଇତିହାସ ଏବଂ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିଲା।

# ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ,୧୯।୧୧: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରାଜିଲର ରିଓ ଡି ଜେନେରିଓରେ ଜି-୨୦ ଶିଖର ସମ୍ମିଳନୀରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କୁ ସାକ୍ଷାତ କରିଛନ୍ତି। ଜାନୁଆରୀରେ ଗଣତନ୍ତ୍ର ଦିବସ ସମାରୋହର ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରପତି ମାକ୍ରୋନଙ୍କ ଭାରତ ଗସ୍ତ ପରେ ଏବଂ ଜୁନ୍ ମାସରେ ଇଟାଲୀରେ ଅନୁଷ୍ଠିତ ଜି୭ ଶିଖର ସମ୍ମିଳନୀ ପରେ, ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଏହା ତୃତୀୟ ବୈଠକ ଥିଲା। ଏହି ବୈଠକରେ ଦୁଇ ନେତା ଭାରତ-ଫ୍ରାନ୍ସ ରଣନୀତିକ ଭାଗିଦାରୀକୁ ଆଗକୁ ବଢ଼ାଇବା ସହିତ ଦ୍ୱିପାକ୍ଷିକ ସହଯୋଗ ତଥା ଅନ୍ତର୍ଜାତୀୟ ଭାଗିଦାରୀ ପାଇଁ ସେମାନଙ୍କର ସହଭାଗୀ ଦୃଷ୍ଟିକୋଣକୁ ପୁନଃପ୍ରତିପାଦିତ କରିଛନ୍ତି, ଯାହା ହୋରିଜନ୍ ୨୦୪୭ ରୋଡମ୍ୟାପ ଏବଂ ଅନ୍ୟାନ୍ୟ ଦ୍ୱିପାକ୍ଷିକ ଘୋଷଣାରେ ଦର୍ଶାଯାଇଛି। ପ୍ରତିରକ୍ଷା, ମହାକାଶ ଏବଂ ନାଗରିକ ଆଣବିକ ଶକ୍ତି ଭଳି ରଣନୀତିକ କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସହଯୋଗରେ ହାସଲ ହୋଇଥିବା ଅଗ୍ରଗତିକୁ ସେମାନେ ପ୍ରଶଂସା କରିଥିଲେ ଏବଂ ରଣନୀତିକ ସ୍ୱାଧୀନତା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେମାନେ ମଧ୍ୟ ଭାରତର ଜାତୀୟ ସଂଗ୍ରହାଳୟ ପ୍ରକଳ୍ପ ସମ୍ବନ୍ଧିତ ସହଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ଦୁଇ ନେତା ଡିଜିଟାଲ୍ ପ୍ରଯୁକ୍ତି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡିଜିଟାଲ୍ ପବ୍ଲିକ୍ ଇନ୍ଫ୍ରାଷ୍ଟ୍ରକ୍ଚର୍ ଉପରେ ଭାରତ-ଫ୍ରାନ୍ସ ସହଭାଗିତା ସହ ବାଣିଜ୍ୟ, ପୁଞ୍ଜି ନିବେଶ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଜବୁତ ସମ୍ପର୍କକୁ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସରେ ଆଗାମୀ ଏଆଇ ଆକ୍ସନ ସମ୍ମିଳନୀର ଆୟୋଜନ ପାଇଁ ରାଷ୍ଟ୍ରପତି ମାକ୍ରୋନଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ଭାରତ-ପ୍ରଶାନ୍ତ କ୍ଷେତ୍ର ସମେତ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ନେତା ମତ ବିନିମୟ କରିଥିଲେ। ବହୁପକ୍ଷବାଦକୁ ପୁନର୍ଜୀବିତ କରିବା ଏବଂ ସେଥିରେ ସୁଧାର ଆଣିବା ଏବଂ ଏକ ସ୍ଥିର ଅନ୍ତର୍ଜାତୀୟ ଶୃଙ୍ଖଳା ଗଢ଼ିବାରେ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେମାନେ ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି।

## ଖୁବ୍ ଶୀଘ୍ର ଆଧୁନିକ କୃଷି ଚୌପାଲ କାର୍ଯ୍ୟକ୍ରମ



ନୂଆଦିଲ୍ଲୀ,୧୯।୧୧: କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଆଜି ନୂଆଦିଲ୍ଲୀର ପୁସା ଠାରେ ଆୟୋଜିତ ବିଶ୍ୱ ମୃତ୍ତିକା ସମ୍ମିଳନୀ ୨୦୨୪କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସଂସ୍କୃତିର ମୌଳିକ ମନ୍ତ୍ର ହେଉଛି ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଏକ ମିଳିତ ଚେତନାରେ ବିଶ୍ୱାସ । ଆମ ଋଷିମାନେ ଶିକ୍ଷା ଦେଇଛନ୍ତି ଯେ ସମସ୍ତଙ୍କ ମଧ୍ୟରେ କେବଳ ଗୋଟିଏ ସାର୍ବଜନୀନ ଚେତନା ଅଛି; ତେଣୁ ସମଗ୍ର ପୃଥିବୀ ଗୋଟିଏ ପରିବାର ଏବଂ ଆମେ ସମସ୍ତଙ୍କୁ ନିଜର ଭଳି ବ୍ୟବହାର କରିବା ଉଚିତ୍ । ଏହି ଚେତନା କେବଳ ମନୁଷ୍ୟ ମଧ୍ୟରେ ସୀମିତ ନୁହେଁ ବରଂ ପଶୁମାନଙ୍କ ପାଇଁ ମଧ୍ୟ ବ୍ୟାପିଥାଏ । ମାଟିରେ ମଧ୍ୟ ଏହା ରହିଛି ବୋଲି ସେ କହିଛନ୍ତି ଏବଂ ମାଟି ଜୀବହୀନ ନୁହେଁ ବରଂ ଜୀବନ୍ତ ବୋଲି ଗୁରୁତ୍ୱାରୋପ କରିଛନ୍ତି। ଶ୍ରୀ ଚୌହାନ କହିଥିଲେ ଯେ ଆମ ଶରୀର ବିଭିନ୍ନ ତତ୍ତ୍ୱକୁ ନେଇ ଗଠିତ, ସେଥିମଧ୍ୟରୁ ମୃତ୍ତିକା ଏକ ପ୍ରମୁଖ ଉପାଦାନ ଏବଂ ମାଟି ଥିଲେ ହିଁ ଜୀବନ ଥାଏ। ମାଟି ଅସ୍ୱାସ୍ଥ୍ୟକର ହେଲେ ଜୀବଜନ୍ତୁ ମଧ୍ୟ ସୁସ୍ଥ ରହିପାରିବେ ନାହିଁ। ଆମେ ପରସ୍ପରର ପରିପୂରକ, ତେଣୁ ମାଟି ଯେପରି ସୁସ୍ଥ ରହେ ତାହା ନିଶ୍ଚିତ କରିବା ଜରୁରୀ । ଆଜି ସମଗ୍ର ବିଶ୍ୱ ମାଟିର ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ । ଏହି ପୃଥିବୀ କେବଳ ଆମର ନୁହେଁ; ଏଥିରେ ପଶୁ ଓ ଉଦ୍ଭିଦମାନଙ୍କର ମଧ୍ୟ ଅଧିକାର ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି। ମୃତ୍ତିକା ସ୍ୱାସ୍ଥ୍ୟ ଆଜି ଗମ୍ଭୀର ଚିନ୍ତାର ବିଷୟ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱାଧୀନତା ପରଠାରୁ ଭାରତ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ।

- ବୈଜ୍ଞାନିକମାନେ ଚାଷୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ
- ମୃତ୍ତିକା କ୍ଷୟ କେବଳ ଏକ ଜାତୀୟ ପ୍ରସଙ୍ଗ ନୁହେଁ, ବିଶ୍ୱ ପାଇଁ ଚିନ୍ତାର ବିଷୟ

## କ୍ୟାପିଟାଲ ହସ୍ପିଟାଲରେ ବଢ଼ିବ ଆଇସିୟୁ ବେଡ୍



ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଖୁବଶୀଘ୍ର ୪୦ ଆଇସିୟୁ ବେଡ୍‌ବିଶିଷ୍ଟ ହେବ କ୍ୟାପିଟାଲ ହସ୍ପିଟାଲ। ଏନେଇ ସୂଚନା ଦେଇଛନ୍ତି ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। କ୍ୟାପିଟାଲ ହସପିଟାଲରେ ୧୬ଟି ଆଇସିୟୁ ବେଡ୍ ରହିଛି। ଖୁବଶୀଘ୍ର ଆଉ ୨୪ଟି ଆଇସିୟୁ ବେଡ୍ ସାମିଲ ହେବ ବୋଲି ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ବସିଥିବା ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ କମିଟି ବୈଠକରେ ହସ୍ପିଟାଲ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ସୂଚନା ଅନୁଯାୟୀ, ପ୍ରତି ମାସରେ ହସ୍ପିଟାଲକୁ ୧ ହଜାର ୪୩୨ଟି ଡାଇଲେସିସ କେସ୍ ଆସୁଛି। ଏବେ ଯେତିକି ବେଡ୍ ରହିଛି, ପ୍ରତ୍ୟେକ ବେଡରେ ଦୈନିକ ୩ଟି ସିଟିଂରେ ଡାଇଲେସିସ କରାଯାଉଛି। ଏହାକୁ ଦୈନିକ ୪କୁ ବୃଦ୍ଧି କରାଯିବାର ଯୋଜନା ରହିଛି। ସେହିପରି ବନ୍ଦ ରହିଥିବା ମିଶନ ଶକ୍ତି କାଫେକୁ ମଧ୍ୟ ଏସଏଚଜି ମହିଳାଙ୍କୁ ହସ୍ତାନ୍ତର କରି ଚାଲୁ କରିବାକୁ ନିଷ୍ପତ୍ତି ହୋଇଛି। ହସ୍ପିଟାଲରେ ମନ୍ଥର ଗତିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଯଥା ଶୀଘ୍ର ସାରିବାକୁ ଆର୍‌ଏଣ୍ଡବି ବିଭାଗକୁ କୁହାଯାଇଛି। ଦୈନିକ ହସ୍ପିଟାଲରେ ରୋଗୀ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ କିପରି ରୋଗୀ ସେବା ସଠିକ୍ ଯୋଗାଇ ଦିଆଯାଇ ପାରିବ, ସେ ନେଇ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ, ଏକାମ୍ର ବିଧାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ହସ୍ପିଟାଲର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱରସ୍ଥ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପିସିସି ପକ୍ଷରୁ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରାଜୀ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ଶ୍ରୀମତୀ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶିବାନନ୍ଦ ରାୟ, ଲଲାଟେନ୍ଦୁ ମହାପାତ୍ର, ପୃଥିବୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ଅମିୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଶଗରିଆ, ତରୁଣ ମିଶ୍ର, ଲିଙ୍ଗରାଜ ସାହୁ, ନଜିବୁର ରହେମାନ ଖାଁ, ଦେବେନ୍ଦ୍ର ମହାନ୍ତି, ଆଲୋକ ମହାନ୍ତି, ମନୋରଞ୍ଜନ ରାଉତରାୟ, ମୋଟରାଜ ଡୁଙ୍ଗ ଡୁଙ୍ଗ, ମାସୁଦ ଅଲ୍ଲୀ, ଭାସ୍କର ସେଠୀ, ସୁଧାଂଶୁ ମହାନ୍ତି, ଖଗେଶ୍ୱର ମଲ୍ଲିକ, ସୁବାଷ ପ୍ରଧାନ, ତାପସ ସେଠୀ, କୁଳମଣି ସାହୁ, ଅଜୟ ସାମଲ, ଅକ୍ଷୟ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସୋଆ ଉପସଭାପତି ଶାଶ୍ୱତୀଙ୍କୁ ଫେମିନା ଆଚିଭର୍ସ ଇଷ୍ଟ ସମ୍ମାନ



ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ଙ୍କୁ 'ଫେମିନା ଆଚିଭର୍ସ ଇଷ୍ଟ -୨୦୨୪' ସମ୍ମାନରେ ସମ୍ମାନୀତ କରାଯାଇଛି। ଦେଶର ଅଗ୍ରଣୀ ଇଂରାଜୀ ମହିଳା ପତ୍ରିକା ଫେମିନା ପକ୍ଷରୁ ଶ୍ରୀମତି ଦାସ ଙ୍କୁ 'ଏକ୍ସଲେନ୍ସ ଇନ୍ ଇନ୍‌ସ୍ପିରେସ୍‌ନାଲ୍ ଲିଡରସିପ୍' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଗତ ନଭେମ୍ବର ୧୫ ତାରିଖ ଦିନ କୋଲକାତା ଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା।

ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଅଗ୍ରଣୀ ଭୂମିକା ନେଇଥିବା ମହିଳାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ବିଶେଷ କରି ପୂର୍ବ ଭାରତରେ ସମାଜର ବିଭିନ୍ନ ବର୍ଗରେ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ଏବଂ ଉତର-ପୂର୍ବ ଭାରତରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରିୟୁ ଫ୍ଲେମିଂ ଏବଂ ଆଲାଏନ୍ସ ଫ୍ରାଞ୍ଚାଇଜି ଡୁ ବେଙ୍ଗାଲେ ର ନିର୍ଦ୍ଦେଶକ ଶ୍ରୀ ନିକୋଲାସ ଫାସିନୋ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ।

## ପୁରୀ ଜିଲ୍ଲାରେ ୨ରୁ ଧାନ ସଂଗ୍ରହ

### କଟନି ଛଟନିରହିତ ଧାନ ସଂଗ୍ରହ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଚାଷୀଙ୍କଠାରୁ ସୂଚାରୁ ରୂପେ ଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି। ପୁରୀ ଜିଲ୍ଲାରେ ଡିସେମ୍ବର ୨ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଯେପରି ଅସୁବିଧାର ନ ହେବ ଓ ଅଧିକରୁ ଅଧିକ ଧାନ ସଂଗ୍ରହ ହୋଇପାରିବ ସେନେଇ ଚାଷୀଙ୍କୁ ସଚେତନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟନି ଛଟନିରହିତ ଧାନ ସଂଗ୍ରହ ରାଜ୍ୟ ସରକାରଙ୍କର ମୂଳ ଲକ୍ଷ୍ୟ। ସମସ୍ତ ଧାନ କ୍ରୟ କେନ୍ଦ୍ରରେ ସିସିଟିଭି ଲଗାଯିବା ପାଇଁ ବ୍ୟବସ୍ଥା କରାଯିବ। ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବେ। ଯଦି କୌଣସି ଚାଷୀଙ୍କର ଟୋକନ ଅବଧି ଶେଷ ହୋଇଯାଏ ତେବେ ଜିଲ୍ଲାପାଳ ଆଉ ୭ ଦିନ ଅବଧି ବୃଦ୍ଧି କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




## ୩ରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଡିସେମ୍ବରରେ ପୁଣି ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ସେ ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ମୁଖ୍ୟ ଶାସନ ସଚିବ ଏବଂ ଡିଜିପି ସମୀକ୍ଷା ବୈଠକ କରିଛନ୍ତି। ଡିସେମ୍ବର ୬ରେ ସେ ବିମାନ ଯୋଗେ ପଶ୍ଚିମବଙ୍ଗର କଲେଇକୁଣ୍ଡା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୟୂରଭଞ୍ଜର ରଙ୍ଗମାଟିଆ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ନିଜ ଗାଁ ଉପରବେଡାକୁ ଯିବେ। ଗାଁରେ ପହଞ୍ଚିବା ପରେ ଉପରବେଡା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେଠାରୁ ନିଜ ବାସଭବନକୁ ଯିବେ। ୭ ତାରିଖରେ ବାଙ୍ଗିରିପୋଷି ଯାଇ ଯାଇ ବହୁ ପ୍ରତୀକ୍ଷିତ ବାଙ୍ଗିରିପୋଷି-ଗୋରୁ ମହିଷାଣୀ, ବୁଢ଼ାମରା-ଚାକୁଳିଆ ଓ ବାଦାମପାହାଡ-କେନ୍ଦୁଝରଗଡ ରେଳପଥର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଏହାସହ ଆଭାସୀ ଜରିଆରେ ଆଦିବାସୀ ଗବେଷଣା କେନ୍ଦ୍ର, ଏୟାରଷ୍ଟ୍ରିପ୍ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

# କିସ୍ ଓ କିଟ୍‌ରେ ବଲିଉଡ୍ ଅଭିନେତା ଉତ୍କର୍ଷ ଶର୍ମା




ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ବଲିଉଡ୍ ଅଭିନେତା ଉତ୍କର୍ଷ ଶର୍ମା ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି । କିସ୍‌ର ୪୦ ହଜାର ପିଲାଙ୍କ ମଧ୍ୟରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ବନବାସ'ର ପ୍ରଚାର ପାଇଁ ସେ ମୁମ୍ବାଇର କିସ୍ ଆସିଥିଲେ । ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ 'ବନବାସ' । ଉତ୍କର୍ଷଙ୍କ ପିତା ତଥା ବିଶିଷ୍ଟ ବଲିଉଡ୍ ନିର୍ଦ୍ଦେଶକ ଓ ନିର୍ମାତା ଅନୀଲ ଶର୍ମା କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିଷୟରେ ଶୁଣିଥିଲେ । ତେଣୁ ସେ ମୁମ୍ବାଇ ଛାଡ଼ି କିସ୍ ପିଲାଙ୍କ ସହ ଚଳଚ୍ଚିତ୍ର 'ବନବାସ'ର ପ୍ରଚାର ପାଇଁ ଉତ୍କର୍ଷଙ୍କୁ କିସ୍ ପଠାଇଥିଲେ । ଉତ୍କର୍ଷଙ୍କ ସହ ତାଙ୍କ ମାଆ ଓ ଭଉଣୀ ମଧ୍ୟ କିସ୍ ଆସିଥିଲେ। ଆଜି ସକାଳେ ସେମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଅପରାହ୍ନରେ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିଥିଲେ । କିସ୍ କ୍ୟାମ୍ପସ ଦେଖି ସେ ଅଭିଭୂତ ହୋଇ କହିଥିଲେ, ମୁଁ ଦେଶ ଓ ବିଦେଶର ଅନେକ ସ୍ଥାନ ବୁଲିଛି । କିନ୍ତୁ କିସ୍ ଭଳି ସ୍ଥାନ କେଉଁଠି ଦେଖିନାହିଁ । ଏଠାରେ ପିଲାଙ୍କ ରହିଥିବା ଭିତ୍ତିଭୂମି ବିଶ୍ୱସ୍ତରୀୟ । କାରଣ ମୁଁ ମୁମ୍ବାଇ ଓ ଆମେରିକାରେ ପାଠ ପଢ଼ିଥିଲେ ମଧ୍ୟ ସେଠାରେ ଯେଉଁ ଭିତ୍ତିଭୂମି ରହିଛି ତାଠାରୁ ଏଠାରେ ଅତି ଉନ୍ନତ ଭିତ୍ତିଭୂମି ରହିଛି । ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ପ୍ରତିଭା ଓ ଦକ୍ଷତା ବିକାଶ ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା ରହିଛି । ଏହାର ସଦୁପଯୋଗ ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ସେ କହିଲେ, ଦେଶର ଅନେକ ସମାଜ ପାଇଁ ଅନେକ କିଛି କରିଛନ୍ତି । କିନ୍ତୁ ଅଚ୍ୟୁତ ସାମନ୍ତ ଯାହା କରୁଛନ୍ତି ତାହା କଳ୍ପନାର ବାହାରେ । ଏଠାରେ ୪୦ ହଜାର ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବାନ ବିରାଜମାନ କରୁଥିବା ମୁଁ ଦେଖିପାରୁଛି। ସେମାନଙ୍କ ଶୁଭେଚ୍ଛା ଓ ଭଲ ପାଇବା ମୋତେ ଅଭିଭୂତ କରିଛି ବୋଲି ସେ କହିଥିଲେ । ପରେ ସେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ କିଛି ସମୟ ଅତିବାହିତ କରିଥିଲେ । ନିଜ ଚଳଚ୍ଚିତ୍ର ଉପରେ ସେ କହିଲେ, ଏହି ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପାରିବାରିକ ଓ ମନୋରଞ୍ଜନଧର୍ମୀ । ସନ୍ତାନଙ୍କ ଲାଳନ ପାଳନ କରିବା ପିତାମାତଙ୍କ କର୍ମ ହୋଇଥିବା ବେଳେ ପିତାମାତାଙ୍କୁ ସମ୍ମାନ କରିବା ଓ ପରବର୍ତ୍ତୀ ସମୟରେ ସେମାନଙ୍କ ଯତ୍ନ ନେବା ହେଉଛି ପିଲାଙ୍କ ଧର୍ମ ବୋଲି ସେ କହିଥିଲେ ।

## ଓଡ଼ିଶା ପ୍ରେସ୍ ଏକାଡେମୀ ପକ୍ଷରୁ ଭରତ ପ୍ରଧାନ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ଓଡିଶା ପ୍ରେସ୍ ଏକାଡେମୀ ଦ୍ୱାରା ଆୟୋଜିତ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ତଥା ବିଭିନ୍ନ ତଥ୍ୟକୁ ପ୍ରିଣ୍ଟ, ଟେଲିଭିଜନ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରି ଏକ ବିଶେଷ ଭୂମିକା ନିର୍ବାହ କରୁଥିବା ଯୁବ ଉଦ୍ୟୋଗୀ ଭରତ ପ୍ରଧାନ (ଭରତ ମୋସନ ଇଭେଣ୍ଟ)ଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଓଡିଶା ପ୍ରେସ୍ ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ, ଉପସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରବି ରାୟ, ସଜ୍ଜନ ଶର୍ମା ପ୍ରମୁଖ ଯୋଗଦେଇଥିଲେ।

## କୋଟିଏ ନିରକ୍ଷର ଓଡ଼ିଶାରେ



ଭୁବନେଶ୍ୱର,୧୯।୧୧: ଶେଷ ଜନଗଣନା ବେଳେ ଓଡ଼ିଶାରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୧କୋଟି ୧୪ଲକ୍ଷ ଥିଲା। ଏବେ ଏହି ସଂଖ୍ୟା କେତେ କମିଛି କି ବଢ଼ିଛି ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ଚିତ୍ର ନଥିଲେ ବି ଆଗାମୀ ଜନଗଣନାରେ ଏହି ପରିସଂଖ୍ୟାନ ଜଣାପଡ଼ିବ। କେବଳ ସେତିକି ନୁହେଁ, ଓଡ଼ିଶାରେ ମହିଳା ଏବଂ ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ସଂଖ୍ୟା ସମ୍ପର୍କରେ ମଧ୍ୟ ବାସ୍ତବ ଚିତ୍ର ପରବର୍ତ୍ତୀ ଜନଗଣନାରେ ଆସିବ। ଗତ ଜନଗଣନା ବେଳକୁ ଓଡ଼ିଶାର ଜନସଂଖ୍ୟା ୪, ୧୯, ୭୪, ୨୧୮ ଥିଲା। ଏବେ ଏହି ସଂଖ୍ୟା ୪ କୋଟି ୪୦ଲକ୍ଷରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଥିବା ବେଳେ କେତେକ ଏହି ସଂଖ୍ୟା ସାଢ଼େ ଚାରିକୋଟି ଟପିପାରେ ବୋଲି ମଧ୍ୟ ଅନୁମାନ କରୁଛନ୍ତି। ସେତେବେଳେ ଓଡ଼ିଶାରେ ଅନୁସୂଚିତ ଜାତିର ଜନସଂଖ୍ୟା ପାଖାପାଖି ୭୨ଲକ୍ଷ ଥିବାବେଳେ ଅନୁସୂଚିତ ଜନଜାତିର ଲୋକଙ୍କ ସଂଖ୍ୟା ପ୍ରାୟ ୯୬ଲକ୍ଷ ଥିଲା। ଇତିମଧ୍ୟରେ ନୂଆ ଜନଗଣନା ହୋଇନଥିବା ବେଳେ ରାଜ୍ୟର ଜନଜାତି ବର୍ଗର ଜନସଂଖ୍ୟା କୋଟିଏକୁ ଟପିଯାଇଥିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଥିବା ବେଳେ ଅନୁସୂଚିତ ଜାତିର ଲୋକଙ୍କ ସଂଖ୍ୟା ୮୦ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଜାତିଭିତ୍ତିକ ଜନଗଣନା ହୋଇନଥିବାରୁ ଓଡ଼ିଶାରେ ପଛୁଆବର୍ଗର ଜନସଂଖ୍ୟା କେତେ ତାହାର ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କେହି କେହି ଓଡ଼ିଶାରେ ପଛୁଆ ବର୍ଗର ଜନସଂଖ୍ୟା ୫୦ ପ୍ରତିଶତରୁ ଅଧିକ ବୋଲି ଦାବି କରିବା ସହିତ ଏହି ବର୍ଗର ଲୋକଙ୍କ ପାଇଁ ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନ ନାମାଙ୍କନ କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦାବି କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଲାଗି ଜନସଂଖ୍ୟା ଆଧାରରେ ୩୮.୭୫ ପ୍ରତିଶତ ସଂରକ୍ଷଣ ସରକାରୀ ଚାକିରି କ୍ଷେତ୍ରରେ ରହିଛି। ଗତ ଜନଗଣନା ସମୟରେ ଜଣାପଡ଼ିଥିଲା ଯେ ରାଜ୍ୟରେ ସାକ୍ଷରଙ୍କ ସଂଖ୍ୟା ୭୨.୯ ପ୍ରତିଶତ। ଅର୍ଥାତ୍ ସେତେବେଳକୁ ଓଡ଼ିଶାରେ ସାକ୍ଷର ଲୋକଙ୍କ ସଂଖ୍ୟା ପ୍ରାୟ ୩ କୋଟି ୯୬ଲକ୍ଷ ଥିବାବେଳେ ନିରକ୍ଷରଙ୍କ ସଂଖ୍ୟା ପାଖାପାଖି ୧ କୋଟି ୧୪ଲକ୍ଷ ରହିଥିଲା। ସାରା ଦେଶରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ବହିପତ୍ର, ଜୋତା ସମେତ ସ୍କୁଲ ପୋଷାକ ଆଦି ମାଗଣାରେ ଯୋଗାଇ ଦେବା ସଂଗେ ସଂଗେ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବାରୁ ଅଧିକ ସଂଖ୍ୟକ ପିଲା ବିଦ୍ୟାଳୟକୁ ଆସୁଥାଇପାରନ୍ତି ବୋଲି ଆକଳନ କରାଯାଉଛି। (ତଥ୍ୟ)

## ମୋଟର ଯାନ ଆଇନ ବୁଝାଇଲେ ପରିବହନ କମିଶନର



ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ମୋଟର ଯାନ ଆଇନ ସଂପର୍କରେ ବିସ୍ତୃତ ଭାବରେ ବୁଝିଛନ୍ତି ନୂଆ କରି ଭାରତୀୟ ପୁଲିସ ସେବାରେ ଯୋଗ ଦେଇଥିବା ସାତ ଟ୍ରେନି ଆଇପିଏସ ଅଧିକାରୀ। ସେମାନଙ୍କ ପ୍ରଶିକ୍ଷଣର ଅଂଶ ଭାବରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୧ ରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବହନ କମିସନର ତଥା ଏଡିଜି ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତୀୟ ପୁଲିସ ସେବାରେ ନୂଆ କରି ପାଦ ଥାପିଥିବା ଯୁବପିଢ଼ିଙ୍କୁ ପରିବହନ ଆୟୁକ୍ତ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଥିଲେ।ସେମାନଙ୍କ ସହ ନିଜ ଦୀର୍ଘ ଅଭିଜ୍ଞତାକୁ ବାଣ୍ଟିଥିଲେ। ଜନସାଧାରଣଙ୍କ ସେମାନଙ୍କଠାରୁ ଥିବା ଆକାଂକ୍ଷା ସଂପର୍କରେ ବୁଝାଇଥିଲେ। ଆସିବାକୁ ଥିବା ଆହ୍ୱାନ ଏବଂ ଆଇପିଏସମାନଙ୍କ କର୍ତ୍ତବ୍ୟ ସଂପର୍କରେ କହିଥିଲେ। ବିଶେଷକରି, ବଢ଼ୁଥିବା ସଡ଼କ ଦୁର୍ଘଟଣାକୁ ରୋକିବାକୁ ସରକାରଙ୍କ ପଦକ୍ଷେପ ଏବଂ ଏହାର ସଫଳ କାର୍ଯ୍ୟାନ୍ୱୟନରେ ଦାୟିତ୍ୱରେ ଥିବାଅଧିକାରୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇନରେ କେଉଁ କେଉଁ ଦିଗକୁ ଗୁରୁତ୍ୱ ଦିଆଯାଇଛି, କେଉଁ ତ୍ରୁଟି ପାଇଁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସଂପର୍କରେ ଆଲୋଚନା ହୋଇଥିଲା। ଏହାସହ, ଟ୍ରାଫିକ ସମସ୍ୟା ଓ ଏହାର ମୁକାବିଲା, ସଚେତନତା, ଏନଫୋର୍ସମେଣ୍ଟର ବିଭିନ୍ନ ଦିଗ, ଜନତାଙ୍କ ପ୍ରତି ଆଚରଣ ଇତ୍ୟାଦି ବିଷୟରେ ଚର୍ଚ୍ଚା ହୋଇଥିଲା।

## ୨୬ରେ ବିଧାନସଭା ୨୫ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୯।୧୧(ସଂଚାର ବ୍ୟୁରୋ): ବିଧାନସଭାର ଶୀତ ଅଧିବେଶନକୁ ଦୃଷ୍ଟିରେ ରଖି ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୨୫ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ଆସନ୍ତା ୨୬ତାରିଖରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେଉଛି ଓ ପ୍ରଥମଦିନରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଧାନସଭା ଅଧିବେଶନ ପାଇଁ ବାଚସ୍ପତି ୨୫ତାରିଖ ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ଅଧିବେଶନରେ ବିଭିନ୍ନ ବିଲ୍ ଉପସ୍ଥାପନ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜ୍ୟର ଲୋକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସମସ୍ତ ବିଲ୍ ସୁରୁଖୁରୁରେ ପାରିତ ହେଉ ବୋଲି ଚାହିଁଛନ୍ତି। ଶୀତ ଅଧିବେଶନ ସମ୍ପର୍କରେ କ୍ୟାବିନେଟ୍ ସହଯୋଗ ଓ ବିଜେପି ବିଧାୟକମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ବିଲ୍ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ବିଧାନସଭା ଅଧିବେଶନବେଳେ ବିରୋଧୀ ଦଳ ଯେକୌଣସି ପ୍ରସଙ୍ଗ ଉଠାଇବେ ତାହା ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ବିଧାନସଭାର ଶୀତ ଅଧିବେଶନ ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ ।



SANCHAR
ସଂଚାର

୪ | ବୁଧବାର ୨୦ ନଭେମ୍ବର ୨୦୨୪, ଭୁବନେଶ୍ୱର
Wednesday 20 November 2024 | Bhubaneswar


# ବୀରେନ ସିଂହଙ୍କ ବିଫଳତା

ମଣିପୁରରେ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ରାଜ୍ୟରେ ଏକ ନିର୍ବାଚିତ ସରକାର ଥିବା ଭଳି ଲାଗୁ ନାହିଁ। ଯଦି ମଣିପୁରରେ ବିଜେପି ପରିବର୍ତ୍ତେ କଂଗ୍ରେସ ବା ଅନ୍ୟ କୌଣସି ଦଳର ସରକାର ଥାଆନ୍ତା ତେବେ ଏତେବେଳକୁ ରାଜ୍ୟରେ ରାଷ୍ଟ୍ର ଶାସନ ଜାରି ହୋଇସାରନ୍ତାଣି। ଏବେ ମଣିପୁରରେ ରାଷ୍ଟ୍ରପତି ଶାସନର ଆବଶ୍ୟକତା ରହିଛି। ସ୍ଥିତି ସ୍ୱାଭାବିକ ହେଲେ ରାଜ୍ୟରେ ସାନି ବିଧାନସଭା ନିର୍ବାଚନ କରାଯାଇ ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠା ହେବା ଉଚିତ। ଏନ ବୀରେନ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ରାଜ୍ୟରେ ଲୋକଙ୍କ ଧନଜୀବନର ସୁରକ୍ଷାରେ ବ୍ୟର୍ଥ ହୋଇଛି। ଏହି ସରକାର ଶାସନ କ୍ଷମତାରେ ରହିବାର ନୈତିକ ଅଧିକାର ହରାଇଛି। ପରିସ୍ଥିତି ଯାହା ସେଥିଲେ ସରକାରଙ୍କୁ ଦୋଷ ଦେବାର ମଧ୍ୟ ଯଥାର୍ଥତା ନଥାଇପାରେ। କିନ୍ତୁ ଯଦି ସରକାର ହିଂସା ରୋକିବାରେ ଅସମର୍ଥ ତେବେ ଏହା ଶାସନ କ୍ଷମତା ମଧ୍ୟ ଛାଡ଼ିଦେବା ଉଚିତ। କିଛିଦିନର ବ୍ୟବଧାନରେ ମଣିପୁରରେ ପୁଣି ହିଂସାତେଜିଛି। ସୁରକ୍ଷା ବାହିନୀର ଗୁଳିରେ ୧୧ଜଣ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିହତ ହୋଇଛନ୍ତି। ଏହା ପରେ କୁକି ସମ୍ପ୍ରଦାୟ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ରାଜ୍ୟରେ ପୁଣି କର୍ଫ୍ୟୁ ଜାରି କରାଯାଇଛି। ଏହା ଫଳରେ ରାଜ୍ୟରେ ପୁଣି ଭୟ, ଆତଙ୍କ ଏବଂ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି। କୁକି ଉଗ୍ରବାଦୀଙ୍କ ଦ୍ୱାରା ଅପହୃତ ମୈତେଇ ସମ୍ପ୍ରଦାୟର ୬ଜଣଙ୍କୁ ହତ୍ୟା କରାଯିବା ପରେ ପରିସ୍ଥିତି ଆହୁରି ଜଟିଳ ହୋଇଛି। ମୈତେଇ ସମ୍ପ୍ରଦାୟ ପକ୍ଷରୁ ହତ୍ୟାକାରୀଙ୍କୁ ଧରିବା ନିମନ୍ତେ ସରକାରଙ୍କୁ ୨୪ ଘଣ୍ଟା ପ୍ରଦାନ କରାଯାଇଥିଲା। ଏହି କଣ୍ଟ ପୁରଣ ହେବା ପରେ ମଧ୍ୟ ହତ୍ୟାକାରୀଙ୍କୁ ଗିରଫ କରାଯାଇପାରିନାହିଁ। ଏହି ହତ୍ୟା ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୋଲିସ ଗୁଳିରେ ଜଣେ ବିକ୍ଷୋଭକାରୀ ନିହତ ହୋଇଛନ୍ତି। ବିକ୍ଷୋଭକାରୀମାନେ ଅନେକ ସ୍ଥାନରେ ଜଳାପୋଡ଼ା କରିଛନ୍ତି। ଅନେକ ମନ୍ତ୍ରୀ ଓ ବିଧାୟକଙ୍କ ଘର ଉପରେ ଆକ୍ରମଣ ହୋଇଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜ୍ୱାଇଁ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରକୁ ଉତ୍ତ୍ୟକ୍ତ ଜନତା ଜାଳି ଦେଇଛନ୍ତି। ମଣିପୁର ପରିସ୍ଥିତି ଜାମ୍ମୁ-କାଶ୍ମୀରକୁ ବଳିଗଲାଣି। କହିବା ବାହୁଲ୍ୟ ଯେ, ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ôଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ôଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁଁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀ। ରାଜ୍ୟରେ ରାଜନୈତିକ ପ୍ରକ୍ରିୟା କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ ହେବା ଅନୁଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଅତି କମରେ ୩ ମାସ ପାଇଁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ଜଣେ ଦକ୍ଷ ପ୍ରଶାସକ ବା ରାଜ୍ୟପାଳଙ୍କୁ ନିଯୁକ୍ତ କରାଯିବା ଉଚିତ। ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଭୁଲ ବୁଝାମଣା ଦୂର କରିବାକୁ ଉଦ୍ୟମ କରାଯିବା ଉଚିତ। କେନ୍ଦ୍ର ସରକାର ମଣିପୁରକୁ ଏବେ ଆଉ ୫୦ କମ୍ପାନି ଅଧିକ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ପଠାଇଛନ୍ତି। କିନ୍ତୁ ଅଧିକ ସୁରକ୍ଷା ବାହିନୀ ଗଲେ ମଣିପୁର ସ୍ଥିତିରେ ଉନ୍ନତି ଆସିବ, ସେଭଳି ଭାବିବା ଭୁଲ୍। ବଳପ୍ରୟୋଗ କରି ବା ଭୟ ଦେଖାଇ କିଛିଦିନ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରେ। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଏଥିନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ହସ୍ତକ୍ଷେପ କରିବାକୁ ଉଭୟ ପକ୍ଷକୁ ଡାକି ସେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପନ୍ଥା ନିର୍ଦ୍ଧାରଣ କରିବା ଉଚିତ ହେବ।

# ହତାଦର ବରିଷ୍ଠ ନାଗରିକ-କହିବା କାହାକୁ, ବୁଝିବ କିଏ



## ରାଜେଶ କୁମାର ତ୍ରିପାଠୀ

ପରିବାର ଭିତରେ ଏବଂ ସମାଜରେ ବୃଦ୍ଧ ତଥା ବୟୋଜ୍ୟେଷ୍ଠ ମାନଙ୍କୁ ଆଦର ପୂର୍ବକ ଗ୍ରହଣ କରିବା ଏବଂ ସମ୍ମାନ ଦେବା ଆମର ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମମାନଙ୍କ ପ୍ରତି ଆମର ଶ୍ରଦ୍ଧା ଇଶ୍ୱରଙ୍କ ପ୍ରତି ଆମର ଏକ ପବିତ୍ର ସେବା ଭାବରେ ବିବେଚନା କରାଯାଏ। ସଂଯୁକ୍ତ ବା ଯୌଥ ପରିବାର ବ୍ୟବସ୍ଥାରେ ଏହା ଚିରାଚରିତ ପ୍ରଥା ଭଳି ଥିଲା। ସେ ବ୍ୟବସ୍ଥାରେ ଗୋଟେ ଘରର ଛାତ ତଳେ ତିନି ପିଢ଼ି ଏକା ସମୟରେ ରହୁଥିଲେ। ଜେଜେ ଜେଜେମା, ବାପା ମା - କକା ଖୁଡ଼ି, ପିଉସୀ ଆଉ ପିଲାମାନେ।କେତେକ କ୍ଷେତ୍ରରେ ଜେଜେ ଜେଜେମାଙ୍କ ପୂର୍ବ ପିଢ଼ି ମଧ୍ୟ ଜୀବିତ ଥିଲେ ଠାକୁର ସମ ଘରେ ସଯତ୍ନରେ ରହିବାର ଦେଖା ଯାଉଥିଲା। ସଂଯୁକ୍ତ ପରିବାର ବ୍ୟବସ୍ଥା ଆମକୁ ବଳିଦାନ, ସ୍ନେହ, ସହଯୋଗ, ନିସ୍ୱାର୍ଥପରତା ଶିଖାଉଥିବା ବେଳେ ସଦସ୍ୟମାନଙ୍କ ମଧ୍ୟରେ ସମ୍ପର୍କର ବ୍ୟାପକତା ଭଳି ମହତ ସାମାଜିକ ଗୁଣକୁ ସଫଳ ରୂପ ଦେବାରେ ଗରୁତ୍ୱପୂର୍ଣ୍ଣ ଭୂମିକା ନେଉଥିଲା।ଦ୍ରୁତ ସହରୀକରଣ ଏବଂ ବ୍ୟକ୍ତିଗତ ଆକାଂକ୍ଷା ଯୋଗୁଁ କେବେଠୁ ଯୌଥ ପରିବାର ବ୍ୟବସ୍ଥା ଭାଙ୍ଗି ଯାଇଛି।ଅଜି କାଲି ସାତ ସପନ ହୋଇଛି ଯୌଥ ପରିବାରଟିଏ। ସଭିଏଁ ଚାହାନ୍ତି ଏକା ଏକା ରହି ଶାନ୍ତିରେ କାଟିବୁ ଦିନ। କିଏ କାହିଁକି କାହା ବୋଝ ନେବ। ତେଣୁ ମୁଁ, ମୋ ସ୍ତ୍ରୀ ଏବଂ ମୋ ପିଲାଙ୍କୁ ନେଇ ସମାଜରେ ତିଆରି ହେଲା ଏକକ ପରିବାର ସଂସ୍କୃତି।

ଗୋଟେ ପଟେ ସାମଜିକ ପ୍ରତିଷ୍ଠା ପାଇଁ ନିଜ ପିଲାମାନଙ୍କୁ ଶିକ୍ଷା ଏବଂ ବୃତ୍ତି ନିୟୋଜନ ପାଇଁ ବଡ ସହର ତଥା ବିଦେଶକୁ ପଠାଇବାର ମଞ୍ଜି ପୋତୁ ଥିବା ବାପା ମା ମାନେ ବୟସ ଗଡ଼ିଲେ ଏକଲା ଜୀବନ କାଟିବାକୁ ଏକ ପ୍ରକାର ବାଧ୍ୟ ହୋଇ ପଡୁଛନ୍ତି।ଅନ୍ୟପଟେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କ୍ରମାଗତ ସୁଧାର ଏବଂ ଡାକ୍ତରୀ ବିଜ୍ଞାନରେ ପାରଦର୍ଶିତା କାରଣରୁ ମଣିଷର ଆୟୁ ବୃଦ୍ଧି ଘଟୁଛି।ଏହା ଫଳରେ ପିଲାଙ୍କ ଠୁ ଅଣଦେଖା ହୋଇ ବୃଦ୍ଧାବସ୍ଥାରେ ଅଧିକ ଦିନ ନିଜକୁ ବଞ୍ଚାଇବା କଷ୍ଟକର ହୋଇପଡୁଛି। ଦେଖିବାକୁ ଗଲେ ସାମ୍ପ୍ରତିକ ପରିସ୍ଥିତିରେ ବରିଷ୍ଠ ନାଗରିକଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି କାରଣ ଯୁବ ପିଢ଼ି ଆଜି ବରିଷ୍ଠ ନାଗରିକମାନଙ୍କୁ ଏକ ବୋଝ ଏବଂ ଜବରଦସ୍ତି ଲଦି ଦିଆଯାଉଥିବା ଦାୟିତ୍ୱ ଭାବରେ ଦେଖୁଛନ୍ତି। ହେଲେ କହିବା କାହାକୁ; ଅନେକାଂଶରେ ଏକକ ପରିବାର ସଂସ୍କୃତିର ଜନକ ଯେ ଆଜିର ବରିଷ୍ଠ ନିଜେ। ତିନି ଚାରି ଦଶକ ତଳେ ନିଜ ତଥା ନିଜ ପିଲାଙ୍କ ପ୍ରଗତି ପାଇଁ ଆଜିର ବରିଷ୍ଠ ସମାଜ ହିଁ ନିଜ ଯୁବ ଅବସ୍ଥାରେ ଯୌଥ ପରିବାର ଆଡୁ ମୁହଁ ବୁଲାଇ ନେଇଥିଲେ। ନିଜ ଭାଇ ଭଉଣୀଙ୍କ ଠୁ ଛଳରେ ସମ୍ପତି ନେଇ ନିଜ ସନ୍ତାନ ମାନଙ୍କ ପାଇଁ ଗଚ୍ଛିତ ରଖିବାରେ ବିଶ୍ୱାସ ରଖିଲେ। ହେଲେ ସନ୍ତାନ ମୋହରେ ସେମାନଙ୍କ ଅଜଣାତରେ ସେମାନେ ନିଜ ପିଲା ମାନଙ୍କୁ ଏହି ସମ୍ପତି ଲୋଭ ଆଉ ଭାଇ ଭଉଣୀ ଭିତରେ କୁଟିଳ ସାମଜିକ ଜୀବନର ବ୍ୟବସ୍ଥା ସହ ଯୋଡିବାର ଭୂମିକାରେ ରହିଲେ। ହେଲେ କିଏ ଜାଣିଥିଲା ତାଙ୍କୁ ହିଁ ଭୋଗିବାର ଅଛି ବାର୍ଦ୍ଧକ୍ୟର ହତାଦର ଆଉ ଏକକ ପରିବାରର ଏକଲା ପଣ।ନିରିଖୀ ଦେଖିଲେ ଏହାହିଁ ସତ। ଆମ ବାପା ମା ଆମକୁ ଜନ୍ମ ଦେଲା ପରେ ନିଜର ପିଲାଙ୍କ ମୋହରେ ତାଙ୍କ ବାପା ମା ଅର୍ଥାତ ଆମ ଜେଜେବାପା ଜେଜେମାଙ୍କୁ ଅଣଦେଖା କଲେ, ଆଉ ଆମେ ଆମ ସ୍ତ୍ରୀ ଆଉ ସନ୍ତାନ ସହ ଏକକ ପରିବାର ସଂସ୍କୃତିକୁ ଆଦରି ଆମ ବାପା ମାଙ୍କୁ ଅଣଦେଖା କରିବାକୁ ଯୁକ୍ତିଯୁକ୍ତ ମଣିଲେ।

ଏସବୁ ଶୁଣିବାକୁ ଖରାପ ଲାଗିଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଏହାହିଁ ସତ।ଗ୍ରହଣ କରିବା ନକରିବା ଆମର ନିଜର ବିଚାର ଉପରେ ନିର୍ଭର କରେ।ଆମକୁ ଲାଗୁଛି ଏହି ପ୍ରସଙ୍ଗରେ ଏବେ ଭୁଲ ଠିକର ତର୍ଜମାର ଆବଶ୍ୟକତା ରହିଛି।ନହେଲେ ଆଜିର ଆହ୍ୱାନ କାଲି ପାଇଁ ବି ଆହ୍ୱାନ ହୋଇ ରହିବ। ଆଜି ଆମ ଘରେ ଆମ ଜେଜେ ଜେଜେମା, ବାପା ମା ବୃଦ୍ଧ ବୟସରେ ଏକଲା ପଣର ଶିକାର, ହତାଦରରେ ଦୁଃଖୀ; ଆଉ କାଲି ଆମେ ଆମ ପିଲାଙ୍କ ଆଖିରେ ନିଜକୁ ଅଦରକାରୀ ଭାବେ ଦେଖି ସମୟକୁ ଦୋଷ ଦେବା।ଏହାଠୁ ଉଚିତ ହେବ ବରିଷ୍ଠ ନାଗରିକଙ୍କ ହତାଦର ଏବଂ ଏକଲାପଣର କାରଣର ତର୍ଜମା କରି ଏବଂ ଏହାର ନିରକାରଣ ଦିଗରେ ଆମର ସମୟ ଉଚିତ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ଯୁବପିଢ଼ିଙ୍କ ଠାରୁ ଅନେକ କିଛି ଆଶା କରି ହେଉ ନାହିଁ।ଯିଏ ବୁଝୁଛନ୍ତି ତାଙ୍କୁ କିଛି କହିବାର ଆବଶ୍ୟକତା ନାହିଁ, ଆଉ ଯିଏ ବୁଝୁ ନାହାନ୍ତି - ଯେତେ କହିଲେ ବି ସେମାନେ ପରିବାରରେ ବରିଷ୍ଠଙ୍କର ଅବଦାନ ବୁଝି ବି ପାରିବେ ନାହିଁ।ସମୟ ଖରାପ ଚାଲିଛି ସମାଜର, ବିଷମ ପରିସ୍ଥିତି ଦେଇ ଗତି କରୁଛି ସାମାଜିକ ବ୍ୟବସ୍ଥା।

ଅନ୍ୟ ଏକ ଦିଗକୁ ଯଦି ଦେଖିବା ତେବେ ଏହା ମଧ୍ୟ ସାମ୍ନାକୁ ଆସିବ ଯେ ଦୁଇ ପିଢ଼ି ମଧ୍ୟରେ ରହିଥିବା ବ୍ୟବଧାନ ଯାହାକି ଯୁବକ ଏବଂ ସେମାନଙ୍କର ବୟସ୍କମାନେ, ବିଶେଷକରି ପିଲା ଏବଂ ସେମାନଙ୍କ ପିତାମାତାଙ୍କ ମଧ୍ୟରେ ରହୁଥିବା ସାମାଜିକ ଏବଂ ବୈଚାରିକ ଭିନ୍ନତା; ମଧ୍ୟ ବଢୁଥିବା ବରିଷ୍ଠ ଅନାଦରର ଅନ୍ୟ ଏକ ପ୍ରମୁଖ କାରଣ।ଆମକୁ ଏହା ଗ୍ରହଣ କରିବାକୁ ହେବ ଯେ ସବୁକିଛି ସମୟର ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୁଏ - ସମାଜ, ସଂସ୍କୃତି, ଶାଳୀନତା, ଏବଂ ନୈତିକତା।ଏହି ପରିବର୍ତ୍ତନ ସମସ୍ତଙ୍କୁ ପ୍ରଭାବିତ କରେ ଏବଂ ଯୁବ ପିଢ଼ି ମଧ୍ୟ ପ୍ରଭାବିତ ହୋଇଛି। ପ୍ରତ୍ୟେକ ପିଢ଼ି ଭଳି ଏମାନେ ବି ନିର୍ଦ୍ଦିଷ୍ଟ ପରିସ୍ଥିତି ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ବାସ କରୁଛନ୍ତି।ତେଣୁ, ଜୀବନ ବଂଚିବାର ଏବଂ ଦୁନିଆକୁ ଦେଖିବାର ତଥା ବୁଝିବାର ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଅଛି।ହେଇପାରେ ବୟସ୍କ ମାନଙ୍କୁ ସେସବୁ ଗ୍ରହଣୀୟ ଲାଗିବ ନାହିଁ।ଭାବିଲେ ଦେଖି ଗୋଟେ ଛାତ ତଳେ ପିଲାଙ୍କର କିଛି ଚଳଣି ବୟସ୍କଙ୍କ ପାଇଁ ରୁଚିଯୁକ୍ତ ନହେଲେ ପିଲା ମାନେ ନିଜ ଇଛାର ଜୀବନ ବଞ୍ଚିବା ପାଇଁ କେଉଁ ରାସ୍ତାରେ ଯିବେ। ଅଲଗା ଘର ଖୋଜିବେ, ଏହା ଉଚିତ ବୋଲି ଆମେ କହିବାନି କିନ୍ତୁ ଏହାହିଁ ଘଟୁଛି ସମାଜରେ। କିଛି ଘରେ ତ ବରିଷ୍ଠ ରାଗରେ ମତ ରଖନ୍ତି ଆମେ ବଞ୍ଚିଥିବା ବେଳେ ଏସବୁ ଏଠି ଚଳିବ ନାହିଁ, ଆମ ଅନ୍ତେ ଯାହା ଇଛା କର।ଅର୍ଥ ପିଲା ଯଦି ନିଜ ପିଢ଼ିର ଜୀବନଶୈଳୀକୁ ନେଇ ଇଚ୍ଛା ରଖିଥିବା ତେବେ ତ ପାଖରେ ଆପଣଙ୍କ ତାଉ ହଟିବା ଅବା ନିଜ ପାଇଁ ଅନ୍ୟ ଏକ ଘରକୁ ଛାଡ଼ି ଆଉ କଣ ରାସ୍ତା ରହିଲା।

ଆମକୁ ଭିତରକୁ ଯାଇ ବୁଝିବାକୁ ହେବ। ବିଭିନ୍ନ ଅବସ୍ଥାରେ ବିଭିନ୍ନ ଅବସ୍ଥାରେ ଜନ୍ମ ହୋଇଥିବା ବ୍ୟକ୍ତିମାନେ ଯେଉଁ ପରିସ୍ଥିତି ଦେଇ ବଞ୍ଚୁଥିବେ ତାହା ଉପରେ ଆଧାର କରି ସେମାନଙ୍କର ମତ ରହିଛି। ସମୟ ଅନୁସାରେ ଜୀବନର ଧାରା କ୍ରମାଗତ ଭାବେ ବଦଳୁଛି। ସମସ୍ତେ ତାଙ୍କ ମାର୍ଗରେ ବଞ୍ଚିବାକୁ ଏବଂ ଆଚରଣ କରିବାକୁ ଚାହାଁନ୍ତି ଏବଂ ତାଙ୍କ ମୂଲ୍ୟବୋଧ ଏବଂ ଦୃଷ୍ଟିକୋଣକୁ କେହି ବୁଝାମଣା କରିବାକୁ ଚାହାଁନ୍ତି ନାହିଁ। ଯୁବ ଏବଂ ବୟସ୍କ ପିଢ଼ି ମଧ୍ୟରେ ମନୋଭାବ କିମ୍ବା ବୁଝାମଣାର ଅଭାବ ଆଜିର ପ୍ରସଙ୍ଗ ନୁହଁ। ଦଶକ ଦଶକ ଧରି ଏହି ପାର୍ଥକ୍ୟ ରହିଆସିଛି। ଏହି ବିଭେଦ ପିଢ଼ିର ବ୍ୟବଧାନକୁ ବୃଦ୍ଧି କରିଛି ଏବଂ ଏହା ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି। ଏହି ବ୍ୟବଧାନ ବର୍ତ୍ତମାନ ଆମ ଜୀବନକୁ ଭୁଲ ଉପାୟରେ ପ୍ରଭାବିତ କରିବା ଆରମ୍ଭ କରିଛି।ବିଭିନ୍ନ ପ୍ରକାରର ଧାରଣା, ଦୃଷ୍ଟିକୋଣ ଏବଂ ମତାମତ ରହିବା ସର୍ବଦା ଭଲ। ଏହା ସୂଚିତ କରେ ଯେ ଆମେ କିପରି ବିକାଶ ଏବଂ ଅଗ୍ରଗତି କରୁଛୁ କିନ୍ତୁ ବେଳେବେଳେ ଏହା ଚିନ୍ତାଜନକ ହୋଇଯାଏ ଯେତେବେଳେ କିଛି ମୌଳିକ ପ୍ରସଙ୍ଗ, ଜୀବନ ଶୈଳୀ ଏବଂ ଧାରଣା ଉଭୟ ପିଢ଼ି ଦ୍ୱାରା ଗ୍ରହଣୀୟ ହୁଏ ନାହିଁ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କ ପାଇଁ ସେମାନଙ୍କ ମନରେ ଏକ ନିର୍ଦ୍ଦିଷ୍ଟ ପ୍ରତିଛବି ସୃଷ୍ଟି କରନ୍ତି। ସେମାନେ ସେମାନଙ୍କର ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ସହିତ ବଢ଼ାଇବାକୁ ଚାହାଁନ୍ତି ଏବଂ ସେମାନଙ୍କ ପିଲାମାନେ ମଧ୍ୟ ସେହି ଅନୁସରଣ କରିବେ ବୋଲି ଆଶା କରନ୍ତି।

ଅଭିଭାବକମାନେ ଚାହାଁନ୍ତି ଯେ ପିଲାମାନେ ସେମାନଙ୍କର ମୂଲ୍ୟବୋଧକୁ ଅନୁସରଣ କରନ୍ତୁ, ଯେପରି ସେମାନେ ବିଶ୍ୱାସ କରନ୍ତି, ଏହା ସେମାନଙ୍କର ଲାଭ ପାଇଁ ଏବଂ ସେମାନଙ୍କ ପାଇଁ ଭଲ କରିବ। ଏହା ଠିକ ମଧ୍ୟ ହେଲେ ଅନ୍ୟ ପଟେ ପିଲାମାନଙ୍କର ଏକ ବ୍ୟାପକ ଦୃଷ୍ଟିକୋଣ ରହିଛି ଏବଂ ସେମାନେ ପାରମ୍ପାରିକ ଜୀବନର ଦୃଷ୍ଟିକୋଣକୁ ଶତ ପ୍ରତିଷ୍ଠା ଗ୍ରହଣ କରିବାକୁ କୁଣ୍ଠିତ ରୁହନ୍ତି। ସେମାନେ ସବୁ ବିଷୟରେ ନିଜ ଦୃଷ୍ଟିକୋଣ ଆଧାରରେ ପଥ ପ୍ରସ୍ତୁତ କରିବାକୁ ଚାହାଁନ୍ତି। ପ୍ରାୟତଃ ଯୁବକମାନେ ବିବାହ ପରେ ଏହି ଦ୍ୱନ୍ଦ୍ୱ ବେଶୀ ଅନୁଭବ କରନ୍ତି। ସେମାନେ ଆତ୍ମ-ପରିଚୟ ପାଇଁ ଏବଂ ନିଜ ଦାମ୍ପତ୍ୟ ଜୀବନକୁ ନିଜ ପସନ୍ଦର ରାସ୍ତାରେ ଚାଲିବାକୁ ପ୍ରୟାସ କରୁଥିବା ବେଳେ ସେମାନଙ୍କ ପିତାମାତାମାନେ ଏହି ଦ୍ରୁତ ଗତିଶୀଳ ଜଗତର ସ୍ୱରକୁ ଶୁଣିବାରେ ବିଫଳ ହୁଅନ୍ତି। ଯଦିବା ଶୁଣି ପାରନ୍ତି ତାହା ତାଙ୍କୁ ଗ୍ରହଣୀୟ ଲାଗେ ନାହିଁ। ପରିଶେଷରେ, ଦୁଇ ପିଢ଼ିର ପରସ୍ପର ପ୍ରତି ଶ୍ରଦ୍ଧା ଏବଂ ସ୍ନେହ ଉଭୟ ଦୂରେଇ ଯାଏ। ଉଭୟ ପିଢ଼ି ପରସ୍ପରକୁ ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ, ଦୋଷ ଠେଲା ଠେଲି ହୁଏ। ଫଳସ୍ୱରୂପ, ଯୋଗାଯୋଗ ବିଚ୍ଛିନ୍ନ ଏବଂ ସମ୍ପର୍କ ତିକ୍ତ ହେଲାଭଳି ସମ୍ଭାବନା ସୃଷ୍ଟି ହୁଏ।ନିଜ ଚିନ୍ତାଧାରା ଏବଂ ନିଜ ସମୟର ଚଳଣିକୁ ପିଲାମାନଙ୍କ ଉପରେ ଲଦି ଦେବାରୁ ବିରତ ରହିବା ଠିକ ବୋଲି ଆମେ ମତ ରଖି ପାରିବାନି ହେଲେ ଏହାର ଯେ ଆବଶ୍ୟକତା ଅଛି ଏଥିରେ ଭିନ୍ନ ମତ ରହିଲା ଭଳି ଅନୁଭବ ହୁଏ ନାହିଁ।ଏହା ହୃଦୟଙ୍ଗମ କରିବାର ସମୟ ଆସିଛି ଯେ ଆପଣଙ୍କ ପିଲା ପାଇଁ ମଧ୍ୟ ପରିବର୍ତ୍ତିତ ସମୟରେ ଆପଣଙ୍କ ପିଢ଼ି ଏବଂ ତାଙ୍କ ପିଲାଙ୍କ ପିଢ଼ି ସହ ପାଦରେ ପାଦ ମିଳାଇ ଚାଲିବା ସହଜ ହୋଇନାହିଁ।ସେମାନେ ବି ସଂଘର୍ଷ କରୁଛନ୍ତି; ଏକ ସାଙ୍ଗେ ନିଜ ଘରର ବରିଷ୍ଠଙ୍କୁ ଖୁସି କରିବାକୁ ଆଉ ନିଜ ଇଛାରେ ନୂଆ ଯୁଗ ସହ ବଞ୍ଚିବାକୁ।ହେଲେ ଅନୁଭୂତି ଆଉ ଅଭିଜ୍ଞତା କମ ଥିବାରୁ ଯୁବ ପିଢ଼ି ସେ ରାସ୍ତା ପାଇଁ ପାରୁ ନାହାନ୍ତି। ବରିଷ୍ଠଙ୍କୁ ନିଜ ପିଲାଙ୍କୁ ସେ ରାସ୍ତା ଦେଖାଇବା ସହ ସେଥିରେ ସଫଳତାର ସହ ଚାଲିବା ଶିଖାଇବାର ଦାୟିତ୍ୱ ନେବାକୁ ହେବ। ସେମିତି ହେଲେ ପିଢ଼ି ବ୍ୟବଧାନ ଦୂର ହେବ; ପରସ୍ପର ପ୍ରତି ଆଦର ଶ୍ରଦ୍ଧା ଅତୁଟ ରହିବ।ଏମିତି ବି ଆଧୁନିକତାର ଚାକଚକ୍ୟରେ ରହି ଯୁବ ବର୍ଗ ସାମଜିକତା ଠୁ ବହୁ ଦୂରରେ; ତାଙ୍କୁ ପୁଣି ସମାଜ ମୁହାଁ କରିବାକୁ ହେବ। ଅନ୍ୟ ପ୍ରମୁଖ ଦିଗଟି ହେଉଛି ବୋହୂକୁ ଦେଖିବାର ନଜର ବଦଳିବା ଉଚିତ। ଆପଣଙ୍କ ଝିଅ ଭଳି ଆପଣଙ୍କ ବୋହୂ ମଧ୍ୟ ନିଜ ଇଛାରେ ସ୍ୱାଧୀନ ଭାବେ ନିଜ ପରିବାର ଚଳାଇବାକୁ ଚାହିଁବା ସ୍ୱାଭାବିକ।ଆପଣଙ୍କ ବୋହୂ ନିଜ ଇଚ୍ଛାରେ ଖାଇବାକୁ ଏବଂ ଖୁଆଇବାକୁ ଚାହିଁ ପାରେ, ନିଜ ଇଚ୍ଛାରେ ଶୋଇ ବାକୁ କିମ୍ବା ନିଜ ଦୈନନ୍ଦିନ ଜୀବନକୁ କାଟିବାକୁ ଚାହିଁ ପାରେ। ଆଗ ଭଳି ତଥାକଥିତ ବୋହୂର ଜୀବନ ଶୈଳୀକୁ ଗ୍ରହଣ କରିବାକୁ କୁଣ୍ଠିତ ହୋଇ ପାରେ ଏବଂ ଆପଣ ଏଥି ପାଇଁ ବାଧ୍ୟ କଲେ ସିଏ ନିଜ ସଂସାର ନେଇ ଆପଣଙ୍କଠାରୁ ଦୂରେଇ ଯିବାକୁ ରାସ୍ତା କରି ପାରେ। ଆପଣ କହିବେ; ଏଇଟା କଣ ଠିକ, ଏଇଟା କଣ ନ୍ୟାୟ। ଆମେ ତାହା ସପକ୍ଷରେ ଯୁକ୍ତି ରଖୁ ନାହାନ୍ତି। ଆମେ ଘର ଭିତରେ ବରିଷ୍ଠ ଅନାଦର ସଂସ୍କୃତିକୁ ଦୂରେଇବା ଦିଗରେ ସମାଧାନ ଖୋଜୁଛନ୍ତି। ଆପଣ ନୂଆ ପିଢ଼ିଙ୍କ ଦୋଷ ଦୁର୍ବଳତା ଖୋଜିବେ, ତାକୁ ଦର୍ଶାଇବେ, ଆଉ ସେମାନେ ଏସବୁରେ ଅତିଷ୍ଠ ହୋଇ ଆପଣଙ୍କଠୁ ଦୁରେଇ ଯାଇ ନିଜ ପାଇଁ ପୁରା ଏକ ବ୍ୟକ୍ତିଗତ ଜୀବନ ଖୋଜିବେ। ଏହାହିଁ ହେଉଛି ଏବଂ ଏହା ଆଗକୁ ହେବ ମଧ୍ୟ। ସଂସାରର ଜଟିଳ ଗଣିତ ବରିଷ୍ଠ ବୁଝି ନପାରିଲେ ଯୁବକ ବୁଝିବେ ଏମିତି ଆଶା ଫଳପ୍ରଦ ହେଲା ଭଳି ଲାଗେ ନାହିଁ।

ଏହା ମଧ୍ୟ ସତ ଯେ ଗୋଟିଏ ପିଢ଼ି ସଂପୂର୍ଣ୍ଣ ଠିକ୍ କିମ୍ବା ସମ୍ପୂର୍ଣ୍ଣ ଭୁଲ ନୁହନ୍ତି। ତେଣୁ କେଉଁ ଏକ ନିର୍ଦ୍ଦିଷ୍ଟ ପିଢ଼ିକୁ ଦାୟୀ କରିବା ପରିବର୍ତ୍ତେ ଅତି ସମ୍ବେଦନଶୀଳ ଭାବରେ ଏହାକୁ ବିଚାର କରିବା ଉଚିତ। ଉଭୟ ପିଢ଼ିକୁ ପରସ୍ପର ପ୍ରତି ଅଧିକ ଗ୍ରହଣୀୟ ହୋଇ ପାରିବାର ଇଚ୍ଛାକୁ ବଢାଇବାକୁ ପଡ଼ିବ। ପରସ୍ପର ମଧ୍ୟରେ ଥିବା ଚିନ୍ତାଧାରାରେ ଦ୍ୱନ୍ଦ୍ୱକୁ ଦୂର କରିବା, ପରସ୍ପରର ଜୀବନ ଶୈଳୀକୁ ଆଦର ପୂର୍ବକ ଗ୍ରହଣ କରିବା ଏବଂ ପରସ୍ପର ପାଇଁ ସେମାନଙ୍କର ମାନସିକତା ପରିବର୍ତ୍ତନ କରିବା ଏବଂ ଗୋଟେ ମଝି ବିନ୍ଦୁରେ ଆସିବାର ଇଛା ଦୁଇ ପିଢ଼ି ମଧ୍ୟରେ ବ୍ୟବଧାନ ଦୂର କରିବାରେ ସବୁଠାରୁ ସାହାଯ୍ୟକାରୀ ଉପକରଣ ହୋଇପାରେ। ଏହା ବ୍ୟତୀତ ଉଭୟ ପିଢ଼ିର ପାରସ୍ପରିକ ସମ୍ମାନ ରହିବା ଆବଶ୍ୟକ। ଦୁଇ ପିଢ଼ି ମଧ୍ୟରେ କଳହକୁ ହ୍ରାସ କରିବାକୁ ଉଭୟଙ୍କୁ ପରସ୍ପରକୁ ସେମାନଙ୍କର ନିଜସ୍ୱ ସ୍ଥାନ ଦେବାକୁ ପଡ଼ିବ ଯାହା ପରବର୍ତ୍ତୀ ସମୟରେ ସମ୍ପର୍କକୁ ସୁରକ୍ଷା ଦେବ। ଯୁବ ଏବଂ ବୟସ୍କଙ୍କ ମଧ୍ୟରେ ଏକ ଭଲ ସମ୍ପର୍କ ପାଇବା ପାଇଁ ଉଭୟ ପକ୍ଷର ପ୍ରୟାସ ହେବା ଉଚିତ୍। ପିଢ଼ିର ବ୍ୟବଧାନ ପରିବାର ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ କିନ୍ତୁ ଯଦି ଜଣେ ଅନ୍ୟର ଚିନ୍ତାଧାରାକୁ ବୁଝିବାକୁ ଚେଷ୍ଟା କରନ୍ତି ଏବଂ ଏହା ମଧ୍ୟରେ ଏକ ରାସ୍ତା ବାଛନ୍ତି ତେବେ ଉଭୟ ଏକ ସୁଖୀ ଜୀବନଯାପନ କରି ପାରିବେ। କେହି ଉତ୍ତେଜିତ ପରିବେଶରେ ରହିବାକୁ ଚାହୁଁ ନଥିଲେ ମଧ୍ୟ ଏବଂ ସମସ୍ତେ ସର୍ବଦା ନିଜ ମଣିଷ ମାନଙ୍କୁ ଆବଶ୍ୟକ କରନ୍ତି। କଥା ଏତିକି; ନିଜ ଲୋକ ଜୀବନ ବଞ୍ଚିବାର ନିଜସ୍ୱ ରୁଚିକୁ ବିରୋଧ ନକରୁ। ଭିନ୍ନତା ଯେତେ ଥାଉନା କାହିଁକି, ନିଜ ଲୋକ ନିଜକୁ ଭଲ ଲାଗନ୍ତି। ଗୋଟେ ପିଢ଼ିର ସ୍ନେହ ଏବଂ ଯତ୍ନ ପ୍ରକାଶ କରିବାର ରାସ୍ତା ଏବଂ ସମ୍ପର୍କ ରଖିବାର ଶୈଳୀ ଅନ୍ୟ ପିଢ଼ିକୁ ଗ୍ରହଣୀୟ ଲାଗି ନପାରେ କିନ୍ତୁ ଏହା ସତ ଯେ ପରସ୍ପରକୁ ନେଇ ବଞ୍ଚିବାର ଇଛା ଏବଂ ଆବଶ୍ୟକତାରେ ଖାଦ ନଥାଏ। ଆମକୁ ଖାଲି ଏହା ବୁଝିବାକୁ ହେବ ଯେ ଏହି ପିଢ଼ି ବ୍ୟବଧାନ ଜୀବନର ଏକ ବାସ୍ତବତା ଏବଂ ବ୍ୟବଧାନ ହ୍ରାସ ଦିଗରେ ଉଭୟ ପିଢିଙ୍କୁ ମଝି ବିନ୍ଦୁ ଖୋଜିବାର ଆବଶ୍ୟକତା ରହିଛି।

ଶେଷରେ ଏହା କହି ହେବ ଯେ ପରିବର୍ତ୍ତିତ ସମୟ ଆଗରେ ହ୍ୟାଣ୍ଡ-ଡାଉନ୍ ମୂଲ୍ୟବୋଧର ଅତ୍ୟଧିକ ଗ୍ରହଣୀୟତା ସହ ଏକ ଡଜନ ସଦସ୍ୟ ସହ ଭରପୂର ଘରଗୁଡିକର ପୃଷ୍ଠଭୂମି ବିରୁଦ୍ଧରେ ଆମେ ଯେଉଁ ନୂତନ ସଂସ୍କୃତିକୁ ଅଣୀ ନବେ ଦଶକରେ ଆରମ୍ଭ କରିଥିଲେ ତାହା ଆଜି ସ୍ୱାର୍ଥପରତାର ବିରାଟ ବଟବୃକ୍ଷ ହୋଇ ଆମକୁ ଡ଼ରାଇବା ଆରମ୍ଭ କଲାଣି। ନୂତନ ପିଢ଼ି ବରିଷ୍ଠଙ୍କ ଠୁ ଶିଖି ଆଜି, ଏହା 'ମୋ ଘର', 'ମୋର ସ୍ଥାନ' ଏବଂ 'ମୋର ବ୍ୟକ୍ତିଗତ ଜୀବନ' ବିଷୟକୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛି। ତେଣୁ ପରିବର୍ତ୍ତନ ହେବ ତ ବରିଷ୍ଠଙ୍କ ପଦକ୍ଷେପରେ ହେବ। ନିଜ ପୁରୁଖାଙ୍କ ଯତ୍ନ କରି ଯୁବ ପିଢ଼ିଙ୍କ ପାଇଁ ଉଦାହରଣ ତିଆରି କରିବାକୁ ହେବ, ନିଜ ବୋହୂକୁ ଝିଅ କରି ପୁଅର ସାଂସାରିକ ଜୀବନକୁ ସହଜ କରିବାକୁ ହେବ, ଯୁବ ପିଢିଙ୍କର ନୂଆ ଯୁଗର ଜୀବନଶୈଳୀ ପ୍ରତି ଥିବା ରୁଚିର ବାସ୍ତବତାକୁ ହୃଦୟଙ୍ଗମ କରିବାକୁ ହେବ, ଦୁଇ ପାଦ ନିଜକୁ ଆଗକୁ ଆସି ଦୁଇ ପାଦ ପିଲାଙ୍କୁ ଆସିବାକୁ ଉତ୍ସାହିତ କରିବାକୁ ହେବ।ପାଠକଙ୍କୁ ଲାଗି ପାରେ ଏହି ଆଲେଖ୍ୟରେ ବରିଷ୍ଠଙ୍କୁ ଦାୟୀ କରାଯାଇଛି; ତାହା ବିଲକୁଲ ନୁହଁ। ବରଂ ସେମାନଙ୍କ ପାଖରେ ବିନମ୍ର ଭାବରେ ଆଶା ରଖା ଯାଇଛି। ଯୁବ ପିଢ଼ିର ବଡ ଭାଗ ଯେ ଆଜି ପଥଭ୍ରଷ୍ଟ, ସ୍ୱାର୍ଥପର ଏଥିରେ ଦ୍ୱିମତ ନାହିଁ, ହେଲେ ସେମାନଙ୍କ ରାସ୍ତା ସଜାଡ଼ିବାର କ୍ଷମତା ଭଗବାନ ବରିଷ୍ଠଙ୍କୁ ଦେଇ ରଖିଛନ୍ତି।ତେଣୁ ଆଶା ବରିଷ୍ଠଙ୍କୁ ରଖା ଯାଇଛି।


ଭୁବନେଶ୍ୱର, ଓଡ଼ିଶା
ମୋବାଇଲ୍: ୯୬୯୨୩୩୩୦୩୧


# ମନର କୋହ



## ଦିପ୍ତିମୟୀ ନାୟକ

ମନର କୋହ ଯେବେ ହୃଦୟକୁ କହିପାରେନି ଟିକେ ରହ ସେତେବେଳେ ଏ ମନର କୋହ ହିଁ ମନକୁ ବୁଝେଇ ପାରେନା ତା ଭିତରେ ଅଛି କେତେ ଯନ୍ତ୍ରଣା। ସେ ଭୁଲିଯାଏ ତା ନୀରବତାର କାହାଣୀ କେଉଁଠି ଆରମ୍ଭ କେଉଁଠି ଶେଷ ତଥାପି ତା ଜୀବନରେ କେବଳ ଅବଶୋଷ। କଣ ପାଇବାର ଇଚ୍ଛା ଥିଲା।ଆଉ କଣ ନମିଳିଲା। ତେବେ ମଣିଷ ଯେତେବେଳେ ଯାହା ଚାହେଁ ତାକୁ ତାହା ମିଳେନା ମିଳେ ଯଦି ଦୁଃଖ କେବଳ ମାଗଣା। ଦୁଃଖକୁ ପାଇବାକୁ ହେଲେ କୌଣସି ପରିଶ୍ରମ କରିବାକୁ ପଡ଼େନି କିନ୍ତୁ ଏ ଦୁଃଖର ପାରିଶ୍ରମିକ କେବଳ ଦୁଃଖ ପାଉଥିଲା ଦୁଃଖୀ ଲୋକଟି ଆଖିର ଲୁହ ହିଁ ଦୁଃଖର ପାରିଶ୍ରମିକ। ଏ ପାରିଶ୍ରମିକ ଏତେ ଅଧିକ ହୋଇଯାଇଥାଏ ଯେ ମଣିଷ କେମିତି ଏ ଦୁଃଖକୁ ନିଜ ଭିତରେ ସମ୍ଭାଳି ରଖିବ ତାହା ସେ ଜାଣି ପାରେନି କିନ୍ତୁ କୋହଭରା ହୃଦୟ ଭିତରେ ନିଶବ୍ଦ ଜାଗାଟିଏ ଖୋଜେ। ହେଲେ ଚାରିଆଡେ ଖାଲି କୋଳାହଳର ଶବ୍ଦ ଶୁଣେ। ନା ନିଜେ କାନ୍ଦି ପାରେ ନା ଅନ୍ୟକୁ ତା ଯନ୍ତ୍ରଣା କହିପାରେ ବାସ କୋହଭରା ମନରେ ଅନେକ କୋହକୁ ଲୁଚେଇ ବେଳେବେଳେ ତାକୁ ପାଗଳଙ୍କ ପରି ଅନୁଭବ ହୁଏ। ଆଉ ଶେଷରେ ମନର ମଣିଷକୁ ପାଖରେ ପାଇଲେ ଜୋରେ କାନ୍ଦିବାକୁ ଲାଗେ କିନ୍ତୁ ଏ ବଦମାସ କୋହ ହୃଦୟକୁ କେବେ କୁହେନି ରହ।

ତେବେ ମଣିଷ ଜୀବନରେ କେବେ ସୁଖ କେବେ ଦୁଃଖ ଅଛି କିନ୍ତୁ ସୁଖ ବଦଳରେ ଯେତେବେଳେ ମଣିଷକୁ ଅନେକ ଦୁଃଖ ମିଳେ ସେତେବେଳେ ଏ ମଣିଷ ଜିଇଁ ଥାଉ ଥାଉ ମରିଯାଏ। ହୁଏତ କାଚ ଭାଙ୍ଗିଗଲେ ଚୁନା ହୋଇଯାଏ କିନ୍ତୁ ମଣିଷ ଭାଙ୍ଗିଗଲେ ସୁନା ସଂସାର ବି ଚୁନା ହୋଇଯାଏ। ଏକଥା ଏଠାରେ କାହିଁକି କହିଲି ଆପଣ ମାନେ ଜାଣିବାକୁ ନିଶ୍ଚିନ୍ତ ଆଗ୍ରହୀ ଥିବେ। ତେବେ ଏକଥା ଏଥିପାଇଁ କହିଲି ଥରେ ଗୋଟେ ଝିଅଟିଏକୁ ଦେଖିଲି ତା ଆଖିର ଲୁହକୁ ଟିକେ ପଢ଼ିବାକୁ ଚେଷ୍ଟା କଲି ଯଦିଓ ସେ ଝିଅ ତା ମନର କଥାକୁ ମୋ ଆଗରେ ଖୋଲି କହିଲା ନାହିଁ କିନ୍ତୁ ତା ବିଷୟରେ ଜାଣିବାକୁ ମୋର ବହୁତ ଇଚ୍ଛା ଥିଲା ସେଥିପାଇଁ ତା ଦୁଃଖଭରା ଶୁଖିଲା ମୁହଁକୁ ଦେଖି ପଚାରି ଦେଲି ଆଉ ସବୁ ଭଲ ତ। ସେଇଠୁ ଝିଅଟି ହସି ଦେଇ କହିଲା ହଁ ବହୁତ ଭଲ। ମୁଁ ତାଙ୍କୁ କହିଲି ଯଦି ତମେ ବହୁତ ଭଲ ଅଛ ତେବେ ତୁମ ମୁହଁ ଶୁଖିଯାଇଛି କାହିଁକି। କିଛି କଷ୍ଟରେ ଅଛ କି ସେ କହିଲା କଷ୍ଟ କଣ ମୋତେ ଆଉ କୁହନି କଷ୍ଟର ପରିଭାଷା ମୁଁ କେମିତି ବୁଝେଇବି। କେତେ ଲୋକ ଏ ଦୁନିଆରେ ମରିଯାଉଛନ୍ତି ମୋତେ କାହିଁକି ମରଣ ହେଉନି। ମୁଁ କହିଲି କାହିଁକି ଏମିତି କହୁଛ ସେ କହିଲେ ମୁଁ ମୋ ଜୀବନର କଷ୍ଟ ସହି ପାରୁନି ମୁଁ ପାଗଳ ହୋଇଯିବି। ମୁଁ ସେଇଠୁ କହିଲି ଆଚ୍ଛା ଶୁଣ ସମସ୍ତଙ୍କ ଜୀବନରେ କଷ୍ଟ ଅଛି ତମ ଜୀବନରେ ବି କଷ୍ଟ ଅଛି କିନ୍ତୁ ତା ବୋଲି ନୁହେଁ ପାଗଳ ହୋଇଯିବା ଭଳି ଅନୁଭବ କରିବା। ମନକୁ ଖୋଲା ଛାଡିଦିଅ କଷ୍ଟକୁ ନିଜର କରିନିଅ କାରଣ ତୁମେ ଜାଣିଛ ସୁଖ ବେଳରେ ସମସ୍ତେ ପାଖରେ ଥାଆନ୍ତି ଆଉ ଦୁଃଖ ବେଳରେ ପାଖରେ କେହି ନଥାନ୍ତି ସେଥିପାଇଁ ତମେ ତୁମ ଦୁଃଖକୁ ନିଜର କରିନିଅ ସେ ତ ତମ ପାଖରେ ଅଛି। ମୋ କଥା ଶୁଣି ଝିଅଟି ଜୋରେ କାନ୍ଦିବାକୁ ଲାଗିଲା ଆଉ ମୋ ପାଖରୁ ଉଠିକି ଚାଲିଗଲା। ମୁଁ ମଧ୍ୟ ଦ୍ୱନ୍ଦରେ ପଡ଼ିଗଲି ଏମିତି କଣ ଘଟିଛି ଏ ଝିଅ ଜୀବନରେ କଣ ପାଇଁ ଏ ଝିଅ ନିଜକୁ ଏତେ ଅସହାୟ ମନେ କରୁଛି। କାହିଁକି ଯା ଭିତରେ ଏତେ କୋହ। କାହିଁକି ଏ ଯା ଆଖିରେ ଏତେ ଲୁହ। ମୋ ମନକୁ ବିଚଳିତ କରିଦେଲା ଆଉ ମୁଁ ସେ ଝିଅ ବିଷୟରେ ଜାଣିବାକୁ ପାଇଲି। ଝିଅଟି ଉଚ୍ଚ ଶିକ୍ଷିତ ତାଙ୍କ ବାପାଙ୍କର ସରକାରୀ ଚାକିରୀ ଥିଲା। ରହିବା ଖାଇବାରେ କିଛି ଅସୁବିଧା ନଥିଲା। କି ତାଙ୍କ ଘରକୁ ଯେକୌଣସି ଲୋକ କିଛି ଅର୍ଥ ମାଗନ୍ତି କେହି ଖାଲି ହାତରେ ଯାଆନ୍ତିନି ଏମାନେ ସମସ୍ତଙ୍କୁ ସାହାଯ୍ୟ କରନ୍ତି କିନ୍ତୁ ଦୁଃଖର କଥା ଝିଅଟିଏର ବାପା ଯେତେବେଳେ ହୃଦଘାତରେ ମରିଗଲେ ସେତେବେଳେ ସେମାନେ କିଛି ଦିନ ପରେ ଭାରି ହଇରାଣ ହେଲେ।ରଜା ସୁଖ କରୁଥିଲେ ହେଲେ ଅନ୍ୟ ଘରେ ବାସନ ମାଜି ଚଳିଲେ। ଆଉ କହିଲେ ଏ ଦିନ କାହାକୁ ଦେଖିବାକୁ ନମିଳୁ। ବାପ ଥିଲା ପିଲା କେବେ ଏମିତି କଷ୍ଟ କରନ୍ତିନି କିନ୍ତୁ ବାପ ନଥିଲା ପିଲା ଏମିତି କଷ୍ଟ କରନ୍ତି। ଆଗରୁ ତା ବୋଉ ଯଦି କୁହନ୍ତି ମା' ଲୋ ଟିକେ ଘର ଓଳେଇ ଦେ ସେତେବେଳେ ତା ବାପା କୁହନ୍ତି ତୁ ବସେ ମା' ମୁଁ ଓଳେଇ ଦେଉଛି। ଟିକେ ରୋଷେଇ କରିବାକୁ ଗଲେ କୁହନ୍ତି ମା' ତୁ ବସେ ଆଜି ମୁଁ ରୋଷେଇ କରିବି। କିଛି ମାଗିବା ପୂର୍ବରୁ କୁହନ୍ତି ତୋର କଣ ପଇସା ଦରକାର ଥିବ ନେ ପଇସା ଖର୍ଚ୍ଚ କରିବୁ। ଆଉ ଏବେ ମୁଁ ସେହି ପୁରୁଣା ଦିନକୁ ଖୋଜୁଛି ହେଲେ ମୋତେ ସେ ଦିନ ମିଳୁନି। ମୁଁ ବଞ୍ଚି ଥାଉ ଥାଉ ମରିଯାଉଛି। ଏକଥା ଜାଣିବା ପରେ ମୋ ଆଖି ଲୁହ ସ୍ଥିର ହେଲାନି। ହେବବା କେମିତି ସତେ ଯେପରି ସେ ଝିଅର କୋହ ମୋ ହୃଦୟ ଭିତରେ ଆଉ ଗୋଟେ କୋହ ସୃଷ୍ଟି କରିଥିଲା। ଆଉ ସେଥିପାଇଁ ବୋଧହୁଏ ମୁଁ ଆଜି ଲେଖୁଛି ମନର କୋହ।

ତେବେ ଜୀବନରେ ଅନେକ କିଛି ପାଇ ଆମେ ବହୁତ କିଛି ହରେଇ ଥାଉ ଯେତେବେଳ କାହାର ବାପ-ମା'ଙ୍କର ଅକାଳ ମୃତ୍ୟୁ ହୁଏ ସେତେବେଳେ ପିଲାଟି ବେସାହାରା ହୋଇଯାଏ। ମୁଁ କହିବିନି ସେ କଷ୍ଟ ସେ ଭୁଲନ୍ତୁ କାରଣ ଏହା ହେଉଛି ଜୀବନର ଏକ ଅପୂରଣୀୟ କ୍ଷତି ଯେଉଁ କ୍ଷତିର ପୂରଣ କେହି କେବେବି କରି ପାରିବେନି କି ସେ ବେସାହାରା ଝିଅଟିଏ ଆଖିର ଲୁହ ହୁଏତ କେବେ ସୁଖିବନି କାରଣ ବାପ-ମା'ଙ୍କ ଭଲପାଇବା କେବେ ଭୁଲି ହୁଏନି। ଜୀବନରେ ବହୁତ କିଛି ଦୁଃଖ ଭିତରୁ ମଣିଷ ସୁଖରେ ରହିବା ଶିଖିଯିବ କିନ୍ତୁ ଥରେ ବାପ-ମା'ଙ୍କୁ ହରେଇଲେ ଏ ହୃଦୟ ଭିତରେ କୋହ ରହିଯିବ।


ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ: ୯୦୯୦୬୬୧୫୮୬


# ଆମେ ଏବେ କେଉଁଠି

## ଡ. କିଶୋର ମହାନ୍ତି

ଦୀର୍ଘ ଦିନର ଜନ ଆନ୍ଦୋଳନର ଫଳଶ୍ରୁତି ହେଲା ସ୍ୱାଧୀନତା ପ୍ରାପ୍ତି - ଗାନ୍ଧିଜୀ ଥିଲେ ଏହାର ପଥ ପଦର୍ଶକ ଓ ସୁଭାଷ ଚନ୍ଦ୍ର ବୋଷ ଏ ମାଟିର ସୁଯୋଗ୍ୟ ସନ୍ତାନ, ଆଜାଦ୍ ହିନ୍ଦ୍ ଫୌଜ୍ ଗଢ଼ି ବ୍ରିଟିଶ ଏ ଭାରତ ମାଟିରୁ କିପରି ହଟିବ ତାର ସଙ୍କଳ୍ପ ନେଇଥିଲେ। ତେଣୁ ଯେଉଁ ଯୁଗପୁରୁଷମାନେ ଅତୀତରେ ନିଜ ଜୀବନକୁ ଉତ୍ସର୍ଗୀକୃତ କଲେ ସେମାନେ ଏବେ ବି ଜନମାନସରେ ପ୍ରକୃତରେ ଦେବତାର ଆସନରେ ଅଧିଷ୍ଠିତ ହେଇ ରହିଛନ୍ତି। ସ୍ୱାଧୀନତା ପ୍ରାପ୍ତି ପରେ ପରେ ଆମେ ଗଣତନ୍ତ୍ର ପ୍ରତିଷ୍ଠା କଲେ ସତ ହେଲେ ଲୋକ ଶାସନର ପଦ୍ଧତି ଲୋକ କଲ୍ୟାଣ କ୍ଷେତ୍ରରେ ଅଧିକନ୍ତୁ ଅନ୍ତରାୟ ସୃଷ୍ଟି କଲା। ଲେକଙ୍କୁ ଜମି, ଜଳ ଜଙ୍ଗଲର ଅଧିକାରରୁ ବଞ୍ଚିତ କରାଗଲା। ନିପିଡ଼ିତ ଜନତାର ସୁଖ ଦୁଃଖ କଥାକୁ ହେୟଜ୍ଞାନ କରି ଲୋକମାନଙ୍କ ଉପରେ ଅରାଜକତା ବଢ଼ି ଚାଲିଲା। ଶ୍ରେଣୀ ବିବାଦ, ଜାତିବାଦ ବିବାଦ, ସାମନ୍ତବାଦୀ ଚିନ୍ତାଧାରା ପ୍ରକୃତ ଗଣତନ୍ତ୍ରର ମୂଳଲକ୍ଷ୍ୟ ଠାରୁ ଦୂରେଇଗଲା। ନିରିହ ଜନତା, ବାସହୀନଙ୍କ ଥଇଥାନ ପାଇଁ କୌଣସି ସୁଚିନ୍ତିତ ଯୋଜନା ହିଁ ନାହିଁ। ସହରର ଉପାନ୍ତରେ ବସ୍ତି ସଂସ୍କୃତିର ପ୍ରତିଷ୍ଠା ହୋଇଛି। ଗୁଜରାଣ ମେଣ୍ଟାଉଥିବା ଓ ଛୋଟ ଛୋଟ ପରିବାରର କୁଡ଼ିଆ, ଚାଳଘର ନିର୍ମାଣ ହିଁ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଇଛି, ହେଲେ ଲୋକେ ରହିବେ କେଉଁଠି ? କ୍ଷମତାସୀନ ବ୍ୟକ୍ତି ବିଶେଷ ଆପଣା ମୃତ୍ୟୁର ପୂର୍ବ ମୁହୂର୍ତ୍ତ ଯାଏ ଜୀବନସାରା ପିନ୍ଧିଥିବା ଖୋଳଟାକୁ ଜାବୁଡ଼ି ଧରିଥାନ୍ତି। ପୁରୁଣା କାତିର ବୋଝ ଗୁଡ଼ିକୁ ଖସାଇ ମଣିଷ ପଣର ଖୋଳ ଧାରଣ କରିବାକୁ ସେମାନେ ଏକାନ୍ତ ଭାବରେ ନାରାଜ। ଶାସକ ଓ ଶାସିତ ଭିତରେ ଖୁବ୍ ସୁଦୀର୍ଘ ଦୂରତା। ରବମଷ ଷସଙ୍କ୍ଷରକ୍ଷଲ, କ୍ଷରବ୍ୱ ଯରଙ୍ଗଂସକ୍ଷ ବ୍ୱବଳର ବ୍ୱଷର ଙ୍ଗସଭୟ ଙ୍କକ୍ଷଟ୍ଟବ୍ୱ, ଏବେ ମଣିଷ ସ୍ୱାଧୀନତା ପ୍ରତି ପଦ ପଦେରେ ବିପଦ-ବନ୍ଧୁକ, ହାତକଡ଼ି, ଜେଲ ଓ ବୁଲଡ଼ୋଜର ପଂଝା। ଯେଉଁମାନେ ସରଳ, ସ୍ୱଚ୍ଛ ସେମାନେ କୂଟକପଟତା ଓ ଡ଼ିପ୍ଲୋମାସି ଧାର ଧାରନ୍ତିନି, ସେମାନଙ୍କ ଉପରେ ଅତ୍ୟାଚାର ହୁଏ। ସାମାଜିକ ଭୟ, ସରକାରୀ ଦମନ ପ୍ରତି ଭୟ, ନୂତନ ଚିନ୍ତା ଓ ଭାବର ଭୟ, ଆଜି ମଣିଷକୁ ବହୁ ଭାବରେ ଦହଗଂଜ କରୁଛି। ଲୋକସେବା ନାମରେ ଗଣଶୋଷଣ, ଗଣଧର୍ଷଣ, ଟିକସ ଫାଙ୍କି, ଠକାମୀ, କଳାବଜାରୀ, ପ୍ରତାରଣା ଏହା ସାମାଜିକ ମୂଲ୍ୟବୋଧକୁ ତଳିତଳାନ୍ତ କରିଦେଇଛି। ଲୋକଙ୍କର ତନ୍ତ୍ର ଲୋକଙ୍କ ହାତରେ ଆଉ ନାହିଁ।

ସ୍ୱାଧୀନତାର ସାଧକ ଅବିଶ୍ରାନ୍ତ ଭାବରେ ଦୁଃଖ ଦୈନ୍ୟ, ଯାତନା, ଯନ୍ତ୍ରଣା, ଲାଞ୍ଛନା, ଶୋଷଣ ବିରୁଦ୍ଧରେ ସ୍ୱର ଉତୋଳନ କରେ - ଯୁଦ୍ଧ କରେ। ସେହିପରି ସ୍ୱାଧୀନଚେତା ସାଧକର ଲହୁ ଲୁହର କାହାଣୀ ଆମକୁ ବିସ୍ମୃତ କରେ।

କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜିର ଜନନେତାମାନେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା, ଅଧିକାର ସୁରକ୍ଷା ଓ କଲ୍ୟାଣ ସାଧନ ପ୍ରତି ସେମାନଙ୍କ ଠାରୁ ପ୍ରତ୍ୟାଶିତ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ନିଷ୍ଠାର ନ୍ୟୁନତା ପ୍ରକଟ କରୁଛନ୍ତି। ବିଶେଷତଃ କ୍ଷମତା ପ୍ରଲୋଭନ ତାଙ୍କୁ ଜନସାଧାରଣଙ୍କ ସେବାଠାରୁ ଦୂରେଇ ରଖେ। ପ୍ରଥମତଃ ଅର୍ଥବଳ, ବାହୁବଳ ପ୍ରୟୋଗ, କ୍ଷମତାକୁ ହାତମୁଠାରେ ରଖି ସେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଏ ଫଳରେ ବିକାଶରେ ବାଧା ଉପୁଜେ।

ଏଠି ମୋ ସରକାର କହିଲେ, ନେତା, ପ୍ରଶାସନ ତଥା ଜନସାଧାଣରଙ୍କ ଦ୍ୱାରା ପରିଚାଳିତ। ଏଠି ଜନତାର ସହଭାଗୀତା ଓ ସହଯୋଗୀତା ନଥିଲେ କୌଣସି ଯୋଜନା କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ଉପୁଜେ। କଥାରେ କୁହନ୍ତି ଦୁର୍ନିତୀ ଗିଲେ ପ୍ରଗତି। ଦୁର୍ନିତୀ ଯେଉଁ ପରିମାଣରେ ବୃଦ୍ଧି ପାଇବ ସେହି ପରିମାଣରେ ପ୍ରଗତି କ୍ଷେତ୍ରରେ ଯୋଜନା ତ୍ୱରାନ୍ୱିତ ହେବା ସମ୍ଭବପର ହୋଇପାରେ ନାହିଁ। ଏଥିପାଇଁ ପ୍ରଶାସନ କଳ ଯେତିକି ଦାୟୀ, ସେତିକି ଦାୟୀ ନେତା ଓ ମନ୍ତ୍ରୀ। ଅମଲାମାନଙ୍କର କାର୍ଯ୍ୟ ପାଇଁ କୁଣ୍ଠା ପ୍ରକାଶ ଓ ହାତଗୁଞ୍ଜା ଦେବାରେ ଦୁର୍ନିତୀ କୁ ସର୍ବାନ୍ତ କରଣରେ ଆମେ ଉତ୍ସାହିତ କରୁଛେ ବୋଲି କହିବାକୁ ହେବ। ଏଥିପ୍ରତି ଜନସାଧାରଣଙ୍କ ସଚେତନତା ଲୋଡ଼ା। ଜନସାଧାରଣ ସକ୍ରିୟ ହେଲେ ଏହାକୁ କେବେ ହେଲେ ପ୍ରଶୟ ଦେବେ ନାହିଁ। ଏଠାରେ ସହଭାଗୀତା ଓ ସହଯୋଗୀତା ହିଁ ଲୋଡ଼ା ପଡ଼େ। କହିବାକୁ ଗଲେ କଳାବଜାର ସରକାରୀ ଅର୍ଥ ଭାଗବଣ୍ଟା, ଅଂଟାଗୁଞ୍ଜା, ଲାଇସେନ୍ସ, ପରମିଟ୍ ବିକ୍ରୀ, ରେସନ ଜିନିଷ ହରଣଚାଲ ଏସବୁ ଦୁର୍ନୀତି ଆଜି ସମାଜକୁ ରୁଗ୍ଣ କରିବାକୁ ବସିଲାଣି। ପୂଜା ଧ୍ୱଜା ପ୍ରଭୃତି ସାମାଜିକ ଚଳଣୀ ରୂପ ପ୍ରଚଳିତ ହେବା ଫଳରେ ସାମାଜିକ ମୂଲ୍ୟବୋଧ ବିଡ଼ମ୍ବିତ ହେବା ସଙ୍ଗେ ସଙ୍ଗେ ଜାତୀୟ ଚରିତ୍ରର ମଧ୍ୟ ସ୍ଖଳନ ଦେଖାଦେଉଛି। କିଛି କିଛି ଭୟ ଆଜି ସାଧାରଣଙ୍କ ମନରେ ଅହେତୁକ ଆଶଙ୍କା ସୃଷ୍ଟି କରୁଛି। ଶାସକ ଓ ଶାସିତ ଭିତରେ ସମନ୍ୱୟ ନାହିଁ। ନେତା ଓ ଜନତା ମଧ୍ୟରେ ଯେଉଁ ଦୂରତା ଥିଲା ତାହା ଏବେ ବି ରହିଛି। ଗଣତନ୍ତ୍ରରେ ପୁଞ୍ଜିବାଦର ଅବୈଧ ପ୍ରବେଶ ଗଣତାନ୍ତ୍ରିକ ଚେତନାକୁ ଦୂଷିତ କରୁଛି। ସଭ୍ୟତା ଓ ଆଧୁନିକତା ନାଁରେ ମଣିଷକୁ କିଭଳି ଦୁର୍ବଳ ଓ ପଙ୍ଗୁ କରି ଦିଆଯାଉଛି ତାହା ମଧ୍ୟ ଆଜିର ସମାଜ ପ୍ରତି ଦୃଷ୍ଟିପାତ କଲେ ଭଲ ଭାବରେ ଜଣାପଡ଼େ। ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଯେଉଁସବୁ ସମସ୍ୟା ଦେଖା ଦେଉଛି ତାହା ଆମରି ଦ୍ୱାରା ସୃଷ୍ଟ ବୋଲି ବୁଝିବାକୁ ହେବ। ଏଥିପାଇଁ ଜନମତ ନିର୍ବିଶେଷରେ ଆଶୁ ସମାଧାନ ପାଇଁ ସାଧାରଣ ଜନତା ଅଂଟା ଭିଡ଼ିବା ଦରକାର। ମା-ମାଟି-ମଣିଷ ଏମାନଙ୍କ ପାଇଁ ନିସ୍ୱାର୍ଥ ଭାବରେ ସବୁ ଭାରତୀୟ ଏକମନ ଏକ ପ୍ରାଣରେ ନିଜର ଶକ୍ତି ସାମର୍ଥ୍ୟ, ଜନସମର୍ଥନ ସୃଷ୍ଟି କରିବା ଉଚିତ।


ମୋବାଇଲ୍: ୯୪୩୭୭୨୮୪୭୫

## ପୁଟିନ ଭାରତ ଆସିବେ

**ମସ୍କୋ, ୧୯।୧୧:** ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଶୀଘ୍ର ଭାରତ ଗସ୍ତରେ ଆସୁଛନ୍ତି। ୨୦୨୨ ଫେବୃଆରୀରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ପୁଟିନଙ୍କର ଏହା ହେବ ପ୍ରଥମ ଭାରତ ଗସ୍ତ। ତେବେ ପୁଟିନ ନିର୍ଦ୍ଦିଷ୍ଟ ଭାବେ କେଉଁଦିନ ଭାରତ ଗସ୍ତରେ ଆସିବେ ଓ କେତେଦିନ ପାଇଁ ଆସିବେ ତାହା ଅସ୍ପଷ୍ଟ। ତେବେ ୨୦୨୫ ପ୍ରାରମ୍ଭରେ ସେ ଭାରତ ଆସିବେ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଥର ରଷିଆ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ମୋଦି ରୁଷ ରାଷ୍ଟ୍ରପତିଙ୍କୁ ଭାରତ ଆସିବା ନିମନ୍ତେ ଅନୁରୋଧ କରିଥିଲେ। ମୋଦିଙ୍କ ଏହି ଅନୁରୋଧ ରକ୍ଷା କରି ପୁଟିନ ଭାରତ ଆସୁଛନ୍ତି। ଏହି ଗସ୍ତ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ଅନେକ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି।

## କୁହୁଡ଼ି ପାଇଁ ଦୁର୍ଘଟଣା: ୨ ମୃତ, ୩୬ ଆହତ

**ନୂଆଦିଲ୍ଲୀ, ୧୯।୧୧:** ନୋଏଡ଼ା ସମେତ ପଶ୍ଚିମ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ପ୍ରବଳ କୁହୁଡ଼ି କାରଣରୁ ବଡ଼ ଧରଣର ଦୁର୍ଘଟଣା ଘଟିଛି। ବିଭିନ୍ନ ସ୍ଥାନରେ ସିରିଜ ଦୁର୍ଘଟଣା ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୬ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଇଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସୱେ ନିକଟରେ ଏକ ଟ୍ରକ୍ ପାର୍କିଂ କରି ଛିଡ଼ା ହୋଇଥିଲା। ଏହି ସମୟରେ ପାନିପତରୁ ମଥୁରା ଯାଉଥିବା ଏକ ବସ୍ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ପ୍ରବଳ କୁହୁଡ଼ି କାରଣରୁ ରାସ୍ତାଘାଟ କିଛି ଦେଖା ଯାଉନଥିବାରୁ ବସ୍ ଡ୍ରାଇଭର ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ବସରେ ଥିବା ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଅନ୍ୟପଟେ, ଆଗ୍ରା ନିକଟ ଫିରୋଜାବାଦରେ ମଧ୍ୟ ଏକ ଦୁର୍ଘଟଣା ଘଟିଛି। ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେର ନାସିରପୁର ନିକଟରେ କାର୍-ଟ୍ରକ୍ ଧକ୍କା ହୋଇଛି। ଏକ ଏସ୍ୟୁଭି କାର୍ ଟ୍ରକକୁ ଧକ୍କା ଦେବା ଫଳରେ ଅନ୍ୟ ଗାଡ଼ିମଧ୍ୟରେ ପରସ୍ପର ଧକ୍କା ହୋଇ ଏକାଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଲନ୍ଦସହରରେ ମଧ୍ୟ ବାଇକକୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେବା ଫଳରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜାତୀୟ ରାଜପଥ-୩୪ରେ ଏହି ଦୁର୍ଘଟଣା ଘଟିଛି। ପ୍ରବଳ କୁହୁଡ଼ି କାରଣରୁ ଟ୍ରକ୍ ଡ୍ରାଇଭର ବାଇକକୁ ଦେଖି ନ ପାରିବାରୁ ଏହି ଦୁଃଖଦ ଘଟଣା ଘଟିଛି।

## ଟ୍ରକ୍‌ରେ ପିଟିହେଲା ଇନୋଭା, ୬ ମୃତ

**ଡେରାଡୁନ, ୧୯।୧୧:** ଦ୍ରୁତ ଗତି ଆଣିଲା ମହା ବିପତ୍ତି। ବିଏମ୍‌ଡବ୍ଲ୍ୟୁ କାର୍ ସହ ରେସ୍ କରିବା ମହଙ୍ଗା ପଡ଼ିଲା। ଟ୍ରକ୍‌ରେ ପିଟିହେଲା ଇନୋଭା କାର୍। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଇନୋଭା କାର୍‌ଟି ସମ୍ପୂର୍ଣ୍ଣ ଚୁରମାର ହୋଇ ଯାଇଥିବା ବେଳେ ଘଟଣାସ୍ଥଳରେ ୬ ଜଣ ଆଖି ବୁଜିଛନ୍ତି। ମୃତକଙ୍କ ମଧ୍ୟରେ ୩ ଯୁବକ ଓ ୩ ଯୁବତୀ ଅଛନ୍ତି। ଏହି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଆଜି ଭୋରରୁ ଉତ୍ତରାଖଣ୍ଡର ଡେରାଡୁନରେ ଘଟିଛି। ସମସ୍ତ ମୃତକଙ୍କ ବୟସ ୨୫ ବର୍ଷ ଭିତରେ ହେବ ଓ ସମସ୍ତେ ପାଠ ପଢ଼ୁଥିବା ଜଣାଯାଇଛି। ମୃତକ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଘର ଡେରାଡୁନରେ ବୋଲି ଜଣାଯାଇଛି। ସମସ୍ତ ୭ ଯୁବକଯୁବତୀ ଗତ ରାତିରେ ଲଙ୍ଗ ଡ୍ରାଇଭରେ ବାହାରିଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି, ଦୁର୍ଘଟଣା ଘଟିବା ପୂର୍ବରୁ ଇନୋଭା କାର୍‌ଟି ପ୍ରାୟ ୧୨୦ କିମି ବେଗରେ ଗତି କରୁଥିବା ବେଳେ ଏକ ବିଏମ୍‌ଡବ୍ଲ୍ୟୁ କାର୍ ସହ ରେସ୍ ଚଳାଇଥିଲା। ଏପରିକି ଇନୋଭା କାର୍‌ଟି ଦୁର୍ଘଟଣା ସ୍ଥଳରୁ ମାତ୍ର ୬ଶହ ମିଟର ଦୂରରେ ଥିବା ବେଳେ ଘଟଣାସ୍ଥଳରେ ପହଞ୍ଚିବାକୁ ମାତ୍ର ୧୩ ସେକେଣ୍ଡ ଲାଗିଥିଲା। ମାତ୍ର ଏହାପରେ ଡ୍ରାଇଭରଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଲେ ଓ ଗାଡ଼ିଟି ଏକ ଟ୍ରକ୍‌ରେ ପିଟିହେଲା। ପଛରେ ଆସୁଥିବା ବିଏମ୍‌ଡବ୍ଲ୍ୟୁ କାର୍‌ଟି ଦୁର୍ଘଟଣାସ୍ଥଳରେ ୨୫ ମିନିଟ୍ କାଳ ଅଟକିଥିଲା। ଏଥିସହ ବିଏମ୍‌ଡବ୍ଲ୍ୟୁ କାର୍‌ରେ ଥିବା ଲୋକ ଗୁରୁତରଙ୍କୁ ହସ୍ପିଟାଲରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ। ସେ ଏବେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି।

### କ୍ୟାସ୍ ଫର୍ ଭୋଟ୍ ଅଭିଯୋଗ

## ବିନୋଦ ତାୱ୍‌ଡେଙ୍କ ବିରୁଦ୍ଧରେ ମାମଲା

**ମୁମ୍ବାଇ, ୧୯।୧୧:** ମହାରାଷ୍ଟ୍ର ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱ୍‌ଡେଙ୍କ ବିରୁଦ୍ଧରେ ମାମଲା ରୁଜୁ କଲେ ନିର୍ବାଚନ ଆୟୋଗ। ଭୋଟ୍ ପାଇଁ ଟଙ୍କା ବାଣ୍ଟିଥିବା ଅଭିଯୋଗ ଆସିବା ପରେ ନିର୍ବାଚନ ଆୟୋଗ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ବହୁଜନ ବିକାଶ ଅଗାଡି (ବିଭିଏ) ତାୱ୍‌ଡେ ପାଲଘର ଜିଲ୍ଲାରେ ଟଙ୍କା ବାଣ୍ଟିଥିବା ଅଭିଯୋଗ କରିଥିଲା। ବିଧାନସଭା ନିର୍ବାଚନ ପାଇଁ ଭୋଟିଂ ହେବାର ଗୋଟିଏ ଦିନ ପୂର୍ବରୁ ବିଜେପି ବିରୁଦ୍ଧରେ ଏପରି ସାଙ୍ଘାତିକ ଅଭିଯୋଗ ଆସିଥିଲା। ବିଭିଏ ଭିଡିଓ ଶେଆର କରି ଏହି ଅଭିଯୋଗ ଆଣିବାର କିଛି ସମୟ ପରେ ନିର୍ବାଚନ ଆୟୋଗ ତାୱ୍‌ଡେଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ପ୍ରକାଶ ଥାଉକି, ବିଭିଏ ବିଧାୟକ ହିତେନ୍ଦ୍ର ଠାକୁର ବିଜେପି ନେତା ତଥା ସାଧାରଣ ସମ୍ପାଦକ ବିନୋଦ ତାୱ୍‌ଡେ ଏବଂ ନାଲସପୋରାର ବିଜେପି ପ୍ରାର୍ଥୀ ରାଜନ ନାଏକଙ୍କର ଏକ ଭିଡିଓ ଜାରି କରିଥିଲେ। ଉଭୟ ପାଲଘର ଜିଲ୍ଲାର ଏକ ହୋଟେଲରେ ଆଲୋଚନା କରିବା ସମୟରେ ତାୱ୍‌ଡେ ୫ କୋଟି ଟଙ୍କା ଦେଇଥିବା ଦଳ ଅଭିଯୋଗ କରିଛି। ଭାଇରାଲ ଭିଡିଓରେ ଦେଖାଯାଉଛି ଯେ, ବିଜେପି କର୍ମୀ ଏକ ବ୍ୟାଗରୁ ନଗଦ ଟଙ୍କା ନେଉ ଥିବାବେଳେ ତାୱ୍‌ଡେ କିଛି ଦୂରରେ ବସିଛନ୍ତି। ସେମାନେ ତାଙ୍କ ସହ ଫଟୋ ଏବଂ ଭିଡିଓ ଶୁଟ୍ କରିବାକୁ ଆସିବା ସମୟରେ ବ୍ୟାଗଟି ତାଙ୍କର ନୁହେଁ ବୋଲି ତାୱ୍‌ଡେ କହୁଥିବା ଦେଖିବାକୁ ମିଳୁଛି। ଭିଡିଓ ଭାଇରାଲ ସତ୍ତ୍ୱେ ଏସବୁ ଅଭିଯୋଗକୁ ବିନୋଦ ତାୱ୍‌ଡେ ଖଣ୍ଡନ କରି ଥିବାବେଳେ ନିର୍ବାଚନ ଆୟୋଗ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି।

## ଶରୀର ଉପରେ ସ୍ୱାମୀଙ୍କ ସମ୍ପର୍କୀୟ ଆକ୍ଷେପ କଲେ ହେବ ଘରୋଇ ହିଂସା

**ତିରୁଅନନ୍ତପୁରମ୍, ୧୯।୧୧:** ଶାଶୁ ଘର ଲୋକଙ୍କ ସମେତ ସ୍ୱାମୀଙ୍କ ସମ୍ପର୍କୀୟମାନେ ଯଦି ଜଣେ ମହିଳାଙ୍କ ଶରୀର ଓ ବେଶଭୂଷାକୁ ନେଇ ଆକ୍ଷେପ କରିବେ, ତା'ହେଲେ ଏହାକୁ ଘରୋଇ ହିଂସା ଭାବେ ବିବେଚନା କରାଯିବ। କେରଳ ହାଇକୋର୍ଟ ଏପରି ଏକ ରାୟ ଦେଇଛନ୍ତି। ଅନେକ ସମୟରେ ବୋହୂମାନଙ୍କୁ ତାଙ୍କ ଶାଶୁ ଘରେ ଶରୀର ଓ ଚାଲିଚଳନକୁ ନେଇ କଟୁ ସମାଲୋଚନା କରାଯାଏ। ଏଣିକି ଏସବୁ ବନ୍ଦ ହେବ। ଯଦି କେହି ଏପରି କରନ୍ତି, ତା'ହେଲେ ତାଙ୍କ ବିରୋଧରେ ଘରୋଇ ହିଂସା ମାମଲା ଚାଲିବ। କେରଳ ହାଇକୋର୍ଟ ବିଚାରପତି ଜଷ୍ଟିସ ଏ ବଦ୍ଧାରୁଦ୍ଦିନ ଜଣେ ମହିଳାଙ୍କ ସ୍ୱାମୀଙ୍କ ବଡ଼ ଭାଇଙ୍କ ପତ୍ନୀ ଅର୍ଥାତ ମହିଳାଙ୍କ ଯା' ଦାଖଲ କରିଥିବା ପିଟିସନକୁ ଖାରଜ କରିଦେଇଛନ୍ତି। ସ୍ୱାମୀଙ୍କ ବଡ଼ ଭାଇଙ୍କ ପତ୍ନୀ ଘରୋଇ ହିଂସା ମାମଲାରେ ଫସିଛନ୍ତି। କନୁରଠାରେ ଥିବା କୋଥୁପାରାମ୍ବା ପୁଲିସ୍ ପକ୍ଷରୁ ମହିଳାଙ୍କ ଅଭିଯୋଗ ଆଧାରରେ ତାଙ୍କ ଯା'ଙ୍କ ବିରୋଧରେ ଘରୋଇ ହିଂସା ମାମଲା କରାଯାଇଥିଲା। ଏହି ମାମଲାରେ ମହିଳାଙ୍କ ସ୍ୱାମୀ, ଶଶୁର ଓ ବଡ଼ ଭାଇଙ୍କ ପତ୍ନୀଙ୍କ ନାଁ ରହିଛି। ଆବେଦନକାରୀ କୋର୍ଟରେ ଯୁକ୍ତି କରିଥିଲେ ଯେ ମହିଳାଙ୍କ ସ୍ୱାମୀଙ୍କ ବଡ଼ ଭାଇଙ୍କ ପତ୍ନୀଙ୍କ ବିରୋଧରେ ଥିବା ଅଭିଯୋଗ ଘରୋଇ ହିଂସାର ଦଫା ୪୯୮ ଏ ମଧ୍ୟରେ ଆସୁନାହିଁ। ଅତିରିକ୍ତ ଭାବେ ଯା' ଜଣଙ୍କ କେବଳ ଅଭିଯୋଗକାରୀଙ୍କ ଶରୀରର ଆକାରକୁ ନେଇ ଆକ୍ଷେପ କରିଥିଲେ। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ପାଇଁ ଉପଯୁକ୍ତ ନୁହନ୍ତ ବୋଲି ଯା' କହିଥିଲେ। ମହିଳାଙ୍କ ମେଡିକାଲ ଡିଗ୍ରୀ ଉପରେ ସେ ପ୍ରଶ୍ନ କରିଥିବାରୁ ଏହା ଘରୋଇ ହିଂସା ମାମଲା ଅଧୀନରେ ଆସୁନାହିଁ ବୋଲି ଆବେଦନକାରୀ କହିଥିଲେ।

## କାଫେରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

**ଆଗ୍ରା, ୧୯।୧୧:** ତାଜ ମହଲର ସହର ଆଗ୍ରାରେ ଘଟିଛି ଅଭାବନୀୟ ଘଟଣା। ଏଠାରେ ଥିବା ଗୋଟିଏ କାଫେ ଭିତରେ ଜଣେ ୧୮ ବର୍ଷୀୟ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ୩ ଜଣ ଯୁବକ(ବୟସ ୧୮ରୁ ୨୦) ଛାତ୍ରୀଙ୍କୁ କାଫେର ଗୋଟିଏ କ୍ୟାବିନ ଭିତରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସବୁଠାରୁ ସାଂଘାତିକ କଥା ହେଉଛି ଯେ ଅଭିଯୁକ୍ତମାନେ ଘଟଣା ବେଳର ଦୃଶ୍ୟକୁ ରେକର୍ଡ କରିଥିଲେ ଓ ଭିଡିଓ ବଦଳରେ ପୀଡ଼ିତାଙ୍କଠାରୁ ଟଙ୍କା ଆଦାୟ କରିବାକୁ ଚେଷ୍ଟା କରିଥିଲେ। ଛାତ୍ରୀ ଜଣଙ୍କ ଟଙ୍କା ଦେବାକୁ ମନା କରିଦେବାରୁ ସେମାନେ ଗଣଦୁଷ୍କର୍ମର ଭିଡିଓକୁ ସୋଶାଲ ମିଡିଆରେ ଅପଲୋଡ କରିଦେଇଥିଲେ। ଭିଡିଓ ଭାଇରାଲ ହେବା ପରେ ଛାତ୍ରୀ ଜଣଙ୍କ ତାଙ୍କ ସହ ଘଟିଥିବା ଭୟଙ୍କର ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଝିଅଠାରୁ ସବୁ କଥା ଶୁଣିବା ପରେ ବାପା ନଭେମ୍ବର ୧୪ରେ ଏନେଇ ପୁଲିସ୍‌ରେ ଅଭିଯୋଗ କରିଥିଲେ। ଏଫଆଇଆରରେ କୁହାଯାଇଛି ଯେ ଘଟଣା ପରେ ଛାତ୍ରୀ ଜଣଙ୍କ ପୂରା ସ୍ତବ୍ଧ ହୋଇଯାଇଛନ୍ତି ଓ ସେ ଏକାଧିକ ଥର ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି। ପୁଲିସ ଏଫଆଇଆର ପାଇବା ପରେ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଆଜି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ

### ସନ୍ଧ୍ୟାରେ ଆସିବ ଏକଜିଟ୍ ପୋଲ୍

**ନୂଆଦିଲ୍ଲୀ, ୧୯।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ ଗ୍ରହଣ ହେଉଛି। ଗତକାଲି ସନ୍ଧ୍ୟାରେ ଏଥିଲାଗି ପ୍ରଚାର ଅଭିଯାନ ଶେଷ ହୋଇଛି। ରାଜ୍ୟର ସମସ୍ତ ୨୮୮ ବିଧାନସଭା ଆସନରେ ଏଥର ଗୋଟିଏ ଦିନରେ ଭୋଟ ଗ୍ରହଣ ହେଉଛି। ଏଥର ନିର୍ବାଚନରେ ୨୦୧୯ ତୁଳନାରେ ୨୮% ଅଧିକ ପ୍ରାର୍ଥୀ ରହିଛନ୍ତି। ଗତ ଥର ମୋଟ ୩୨୩୯ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିବା ବେଳେ ଏଥର ୪୧୩୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୦୮୬ଜଣ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି।



ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏଥର ଦୁଇଟି ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି। ଗୋଟିଏ ପଟେ କଂଗ୍ରେସ-ଏନସିପି(ଅଜିତ ପାୱାର)-ଶିବସେନା (ଠାକରେ ଗୋଷ୍ଠୀ)କୁ ନେଇ ଗଠିତ ମହାଅଗାଢ଼ି ଏବଂ ଅନ୍ୟ ପଟେ ବିଜେପି, ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ମେଣ୍ଟ (ମହାୟୁତି) ମଧ୍ୟରେ ମୁକାବିଲା ହେଉଛି।ଏହା ବ୍ୟତିତ ବିଏସପି, ଏଆଇଏମଆଇଏମ ଭଳି ଅନ୍ୟ ବହୁ ଦଳ ନିର୍ବାଚନ ମଇଦାନରେ ସେମାନଙ୍କ ଉପସ୍ଥିତି ଜାହିର କରିବାକୁ ପ୍ରୟାସ କରୁଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ସର୍ବାଧିକ ୧୪୯ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏହାର ସହଯୋଗୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ୮୧ ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ୫୯ ଆସନରେ ପ୍ରାର୍ଥୀ ଦେଇଛି। ସେହିପରି ମହାଅଗାଢ଼ିର ମୁଖ୍ୟ ଅଂଶୀଦାର ଦଳ କଂଗ୍ରେସ ୧୦୧, ଶରଦ ପାୱାରଙ୍କ ଏନସିପି ୮୬ ଏବଂ ଉଦ୍ଧବ ଠାକରେଙ୍କ ଶିବସେନା ୯୫ ଆସନରେ ପ୍ରାର୍ଥୀ ଦେଇଛି। ଏହା ବ୍ୟତିତ ବିଏସପି ୨୩୭ଜଣ ପ୍ରାର୍ଥୀ ଦେଇଥିବା ବେଳେ ଅସାଦୁଦ୍ଦିନ ଓୱେସିଙ୍କ ଦଳ ଏଆଇଏମଆଇଏମ ୧୭ଟି ଆସନରେ ପ୍ରାର୍ଥୀ ଦେଇଛି। ଆସନ୍ତାକାଲି ସକାଳ ୭ଟାରେ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ବୁଥକୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ସୁରକ୍ଷା କର୍ମୀ ଯାଇସାରିଛନ୍ତି।

ଆସନ୍ତା କାଲି ଝାଡ଼ଖଣ୍ଡ ବିଧାନସଭାର ୩୮ ଆସନରେ ମଧ୍ୟ ଭୋଟ ଗ୍ରହଣ ହେବ। ଗତ ୧୩ ତାରିକରେ ପ୍ରଥମ ପର୍ଯ୍ୟାୟରେ ୪୩ଟି ଆସନରେ ଭୋଟ ଗ୍ରହଣ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ହାରାହାରି ୬୫ ପ୍ରତିଶତ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଆସନ୍ତା କାଲି ସନ୍ଧ୍ୟାରେ ଭୋଟ ଗ୍ରହଣ ପ୍ରକ୍ରିୟା ଶେଷ ହେବା ପରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଏକଜିଟ ପୋଲ ରିପୋର୍ଟ ପ୍ରକାଶ ପାଇବ। ଉଭୟ ବିଜେପି ଏବଂ କଂଗ୍ରେସ ଦୁଇ ରାଜ୍ୟରେ ବିଜୟ ନେଇ ଦୃଢ଼ ଆଶାବାଦୀ ଅଛନ୍ତି।

### ସ୍ୱର୍ଣ୍ଣ ମନ୍ଦିରରେ ରାହୁଲ

## ଭିଆଇପି ଟ୍ରିଟ୍‌ମେଣ୍ଟକୁ ନେଇ ଉଠିଲା ପ୍ରଶ୍ନ

**ଅମୃତସର, ୧୯।୧୧:** ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ହେବ ନିର୍ବାଚନ। ଆସନ୍ତାକାଲି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପଡ଼ିବ ଭୋଟ। ନଭେମ୍ବର ୨୩ରେ ଆସିବ ଫଳାଫଳ। ଏହାରି ଭିତରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ପଞ୍ଜାବର ଅମୃତସରରେ ପହଞ୍ଚିଥିଲେ। ସେଠାରେ ସେ ସ୍ୱର୍ଣ୍ଣ ମନ୍ଦିରକୁ ଯାଇ ପୂଜା କରିବା ସହ ସେବାରେ ମଧ୍ୟ ଭାଗ ନେଇଥିଲେ। କିନ୍ତୁ ବର୍ତ୍ତମାନ ରାହୁଲ ଗାନ୍ଧିଙ୍କ ଏହି ଗସ୍ତକୁ ନେଇ ଉତ୍ତେଜନା ଦେଖାଦେଇଛି।



ରାହୁଲ ଗାନ୍ଧି ସ୍ୱର୍ଣ୍ଣ ମନ୍ଦିରରେ ପହଞ୍ଚିବା ପରେ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଥିଲା। ଏହି ସମୟରେ ସେ ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ପାଣି ପିଆଇବା ଓ ବାସନ ଧୋଇବା ସେବା କରିଥିଲେ। ଏହି ସମୟ ମଧ୍ୟରେ ରାହୁଲ ଗାନ୍ଧିଙ୍କ ସହ ଗୁରୁଜିତ ସିଂହ ଔଜଲା ଏବଂ ପୂର୍ବତନ ଡେପୁଟି ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ସୋନିଙ୍କ ସହ ବହୁ ନେତା ଯୋଗ ଦେଇଥିଲେ। ତେବେ ଏହି ସମୟରେ ଜଣେ ଶ୍ରଦ୍ଧାଳୁ ରାହୁଲ ଗାନ୍ଧିଙ୍କୁ ମନ୍ଦିର ପରିସରରେ ଭିଆଇପି ଟ୍ରିଟ୍‌ମେଣ୍ଟ ଦେବା ଉପରେ ଆପତ୍ତି ଉଠାଇଛନ୍ତି। ଏହାକୁ ନେଇ ସେ ମନ୍ଦିର ପରିସରରେ ହଙ୍ଗାମା ସୃଷ୍ଟି କରିଥିଲେ। ରାହୁଲ ଗାନ୍ଧିଙ୍କୁ ମନ୍ଦିର ପରିସରରେ ଭିଆଇପି ଟ୍ରିଟ୍‌ମେଣ୍ଟ ଦିଆଯାଇଥିବା ଯୁବତୀ ଜଣକ ଅଭିଯୋଗ ଆଣିଛନ୍ତି। ଧାଡ଼ିରେ ଠିଆ ହୋଇଥିବା ଲୋକଙ୍କୁ ସାଇଡ୍ କରି ରାହୁଲ ଗାନ୍ଧିଙ୍କୁ ଆଗକୁ ବଢ଼ିବାକୁ ଦିଆଯାଇଥିଲା ଏବଂ ତାଙ୍କୁ ପୃଥକ ଭାବରେ ଦର୍ଶନ ଦିଆଯାଇଥିଲା। ଅଭିଯୋଗ ଆଣିଥିବା ଯୁବତୀ ଜଣକ ପ୍ରଶ୍ନ ଉଠାଇଛନ୍ତି। ଗୁରୁଜୀଙ୍କ ଦରବାରରେ ସମସ୍ତେ ସମାନ। ତେବେ ରାହୁଲ ଗାନ୍ଧିଙ୍କୁ ଭିଭିଆଇପି ଟ୍ରିଟ୍‌ମେଣ୍ଟ କାହିଁକି ଦିଆଯାଗଲା। ରାହୁଲ ଗାନ୍ଧି ଯିଦି ଭିଆଇପି, ତେବେ ଗୁରୁଦ୍ୱାରା ବାହାରେ ତାଙ୍କୁ ଭିଆଇପି ଟ୍ରିଟ୍‌ମେଣ୍ଟ ଦିଆଯିବା ଉଚିତ। ଗୁରୁଦ୍ୱାର ଭିତରେ ସମସ୍ତେ ସମାନ।

## ୟୁପିର ୯ ବିଧାନସଭା ଆସନରେ ଆଜି ଉପନିର୍ବାଚନ

### ବିଜେପି ବନାମ ସପା ମୁକାବିଲା



**ଲକ୍ଷ୍ନୌ, ୧୯।୧୧:** ଉତ୍ତରପ୍ରଦେଶର ୯ଟି ବିଧାନସଭା ଆସନ ଲାଗି ଆସନ୍ତାକାଲି ଉପନିର୍ବାଚନ ହେବାକୁ ଯାଉଛି। ଲୋକସଭା ନିର୍ବାଚନ ପରେ ଏହା ହେବ ପ୍ରଥମ ଶକ୍ତିପରୀକ୍ଷା। ଏହି ଉପନିର୍ବାଚନରେ ଶାସକ ବିଜେପି ଏବଂ ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟୀ ମଧ୍ୟରେ ମୁକାବିଲା ହେଉଛି। ଏହା ବ୍ୟତିତ ମାୟାବତୀଙ୍କ ବିଏସପି ମଧ୍ୟ ସମସ୍ତ ୯ଟା ଆସନରେ ପ୍ରାର୍ଥୀ ଦେଇଛି। କଂଗ୍ରେସ କୌଣସି ଆସନରେ ପ୍ରାର୍ଥୀ ଦେଇନି। ଏହା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟୀକୁ ସମର୍ଥନ କରୁଛି। ଚନ୍ଦ୍ରଶେଖରଙ୍କ ଆଜାଦ ସମାଜ ପାର୍ଟୀ ୮ଟି ଏବଂ ଅସାଦୁଦ୍ଦିନ ଓୱେସିଙ୍କ ଏଆଇଏମଆଇଏମ ୩ଟି ଆସନରେ ପ୍ରାର୍ଥୀ ଦେଇଛି। ତେବେ ଉପନିର୍ବାଚନରେ ବିଜେପି ଓ ସମାଜବାଦୀ ପାର୍ଟୀ ମଧ୍ୟରେ ମୁକାବିଲା ହେଉଛି। ଏହି ଉପନିର୍ବାଚନ ଫଳାଫଳ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ଯଦିଓ ଏହି ଉପନିର୍ବାଚନର ଫଳାଫଳ ସରକାରଙ୍କ ସ୍ଥିତିରେ କିଛି ପ୍ରଭାବ ପକାଇବାର ସମ୍ଭାବନା ନାହିଁ, କିନ୍ତୁ ଏହି ଉପନିର୍ବାଚନ ଫଳାଫଳରୁ ଯୋଗୀଜୀଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି କି ନାହିଁ ତାହା ପ୍ରମାଣିତ କରିବ। ଗତ ଲୋକସଭା ନିର୍ବାଚନରେ ବିଜେପି ୟୁପିରେ ସେଭଳି ସଫଳତା ପାଇନଥିଲା। ଯଦି ଉପନିର୍ବାଚନ ଫଳାଫଳ ବିଜେପି ବିରୋଧରେ ଯିବ ତେବେ ଆସନ୍ତା ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ସମ୍ଭାବନା ସୃଷ୍ଟି ହେବ।


## ବୁରହାନପୁରରେ ସାମ୍ପ୍ରଦାୟିକ ଉତ୍ତେଜନା

**ଭୋପାଳ, ୧୯।୧୧:** ଧାର୍ମିକ ସ୍ଥଳକୁ ନେଇ ଦେଖାଦେଲା ଉତ୍ତେଜନା । ମୁହାଁମୁହିଁ ହେଲେ ଦୁଇ ସମୁଦାୟ। ହେଲା ଆଖିବୁଜା ପଥର ମାଡ଼ ଓ ୪ ଜଣ ଗୁରୁତର ହେଲେ । ଏପରି ଏକ ଘଟଣା ମଧ୍ୟପ୍ରଦେଶରେ ବୁରହାନପୁରରେ ଘଟିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବହୁ ସଂଖ୍ୟକ ପୁଲିସ୍ ମୁତୟନ ହୋଇଛନ୍ତି। ବୁରହାନପୁରରେ ଧାର୍ମିକ ସ୍ଥଳକୁ ନେଇ ହିନ୍ଦୁ ଓ ମୁସଲିମ୍ ସମୁଦାୟ ମୁହାଁମୁହିଁ ହୋଇଥିଲେ। ଗୋଟିଏ ପକ୍ଷ ଚବୁତରେରେ ଦରଗାହ ଥିବା କହୁଥିବା ବେଳେ ଅପର ପକ୍ଷ ତାହାକୁ ନବନାଥ ବାବାଙ୍କ ସମାଧି ବୋଲି ଦାବି କରୁଥିଲେ। ଏହି ବିବାଦର ସମାଧାନ ନିମନ୍ତେ ପ୍ରଶାସନ ଉପସ୍ଥିତିରେ ଦୁଇ ପକ୍ଷ ପହଞ୍ଚିଥିଲେ। କିନ୍ତୁ ଘଟଣାର ସମାଧାନ ହେବା ପରିବର୍ତ୍ତେ ତାହା ଅଧିକ ବିଗିଡ଼ିବାକୁ ଲାଗିଲା। ଏହାପରେ ଉଭୟ ପକ୍ଷ ମଧ୍ୟରେ ପଥର ମାଡ଼ ଆରମ୍ଭ ହୋଇଗଲା। ଏଥିରେ ଉଭୟ ପକ୍ଷର ୪ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବହୁ ସଂଖ୍ୟାରେ ଫୋର୍ସ ମୁତୟନ ହୋଇଛନ୍ତି ଓ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି। ଏଥିସହ ଏହି ବିବାଦର ସମାଧାନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି।

### ତିରୁପତି ମନ୍ଦିରରେ ଅଣହିନ୍ଦୁ କର୍ମଚାରୀଙ୍କୁ ନିର୍ଦ୍ଦେଶ

## ଭିଆର୍‌ଏସ୍ ନ ନେଲେ ବଦଳି

**ତିରୁପତି, ୧୯।୧୧:** ସ୍ୱେଚ୍ଛାକୃତ ଅବସର ତଥା ଭିଆର୍‌ଏସ କିମ୍ବା ବଦଳି। ଏ ଦୁଇଟି ମଧ୍ୟରୁ ଗୋଟିଏ ବାଛିବାକୁ ହେବ। ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ କାମ କରୁଥିବା ଅଣ ହିନ୍ଦୁ କର୍ମଚାରୀଙ୍କ ପାଇଁ ଏଭଳି କିଛି ଆସିଛି ନିର୍ଦ୍ଦେଶ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏଠାରେ ନୂଆ ଭାବେ ଗଠିତ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ମନ୍ଦିରରେ କାର୍ଯ୍ୟ କରୁଥିବା ଅଣ-ହିନ୍ଦୁ କର୍ମଚାରୀଙ୍କ ପାଇଁ ଏକ ପ୍ରସ୍ତାବ ପାରିତ କରିଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ମନ୍ଦିର ବୋର୍ଡରେ କାର୍ଯ୍ୟ କରୁଥିବା ଅଣ-ହିନ୍ଦୁ କର୍ମଚାରୀମାନେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କିମ୍ବା ଆନ୍ଧ୍ରପ୍ରଦେଶର ଅନ୍ୟ ସରକାରୀ ବିଭାଗକୁ ସ୍ଥାନାନ୍ତରିତ ହେବା ମଧ୍ୟରେ ବାଛିବାକୁ ପଡ଼ିବ। ଗଣମାଧ୍ୟମର ଏକ ରିପୋର୍ଟ ଅନୁଯାୟୀ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର ନୂଆ ଅଧ୍ୟକ୍ଷ ବିଆର ନାଇଡୁ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ସ୍ପଷ୍ଟ କରିଛନ୍ତି। ତେବେ ମନ୍ଦିର ବୋର୍ଡରେ କାର୍ଯ୍ୟ କରୁଥିବା ଅଣ-ହିନ୍ଦୁ କର୍ମଚାରୀଙ୍କ ପ୍ରକୃତ ସଂଖ୍ୟା ପ୍ରକାଶ କରିବାକୁ ସେ ମନା କରି ଦେଇଛନ୍ତି। ସୂଚନାନୁସାରେ, ଟିଟିଡିର ନୂତନ ନିଷ୍ପତ୍ତି ବୋର୍ଡର ୭୦୦୦ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୩୦୦ କର୍ମଚାରୀଙ୍କୁ ପ୍ରଭାବିତ କରିବ। କହିରଖୁ ଯେ, ୧୪୦୦୦ ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ ଟିଟିଡିରେ କାମ କରନ୍ତି। ଟିଟିଡି ର ଏହି ନିଷ୍ପତ୍ତି ସମ୍ବିଧାନର ଧାରା ୧୬(୫) ଉପରେ ଆଧାରିତ। ସମ୍ବିଧାନର ଏହି ଧାରା ଧାର୍ମିକ ପ୍ରକୃତିର ଅନୁଷ୍ଠାନଗୁଡ଼ିକୁ ସେମାନଙ୍କର ଧର୍ମର ସଦସ୍ୟମାନଙ୍କୁ ନିଯୁକ୍ତି ଦେବାର ଅଧିକାର ଦେଇଥାଏ। ଆନ୍ଧ୍ରପ୍ରଦେଶର ଚାରିଟେବୁଲ୍ ଏବଂ ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଓ ଏଣ୍ଡୋମେଣ୍ଟସ୍ ସବୋର୍ଡେଟ୍ ସର୍ଭିସ୍ ନିୟମର ନିୟମ ୩ରେ ମଧ୍ୟ କୁହାଯାଇଛି ଯେ ଧାର୍ମିକ ଅନୁଷ୍ଠାନର କର୍ମଚାରୀମାନେ ହିନ୍ଦୁ ଧର୍ମ ସ୍ୱୀକାର କରିବାକୁ ହେବ। ନଭେମ୍ବର ୨୦୨୩ରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମଧ୍ୟ ସେବା ସର୍ତ୍ତକୁ ବାଧ୍ୟତାମୂଳକ କରିବା ପାଇଁ ଟ୍ରଷ୍ଟ ବୋର୍ଡର କ୍ଷମତା ଅଛି ବୋଲି କହିଥିଲେ। ଟିଟିଡି ହେଉଛି ଏକ ସ୍ୱାଧୀନ ସରକାରୀ ଟ୍ରଷ୍ଟ। ଏହା ଦୁନିଆର ସବୁଠାରୁ ଧନୀ ହିନ୍ଦୁ ମନ୍ଦିର ତିରୁମାଲା ଭେଙ୍କଟେଶ୍ୱର ମନ୍ଦିର ପରିଚାଳନା କରେ। ସୂଚନା ମୁତାବକ, ନିକଟ ଅତୀତରେ ଟିଟିଡି ଅଧିନିୟମରେ ତିନିଥର ସଂଶୋଧନ କରାଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ଯେ କେବଳ ହିନ୍ଦୁମାନଙ୍କୁ ମନ୍ଦିର ବୋର୍ଡ ଏବଂ ଏହାର ଅନୁବନ୍ଧିତ ଅନୁଷ୍ଠାନ ଦ୍ୱାରା ନିୟୋଜିତ କରାଯିବ। ୧୯୮୯ରେ ଜାରି କରାଯାଇଥିବା ଏକ ଆଦେଶରେ ଏହା ମଧ୍ୟ କୁହାଯାଇଥିଲା ଯେ ଟିଟିଡି ଦ୍ୱାରା ପରିଚାଳିତ ପଦବୀରେ ନିଯୁକ୍ତି କେବଳ ହିନ୍ଦୁମାନଙ୍କ ମଧ୍ୟରେ ସୀମିତ ରହିବ। ସୂଚନାଯୋଗ୍ୟ, ଗତ କିଛି ମାସ ହେବ ତିରୁପତି ମନ୍ଦିର ଚର୍ଚ୍ଚାରେ ରହିଛି। ନିକଟରେ ପ୍ରଥମେ ମନ୍ଦିର ପବିତ୍ର ଲଡୁରେ ଅପମିଶ୍ରିତ ଘିଅ ବ୍ୟବହାର କରାଯାଉଥିବା ନେଇ ଖବର ସାମ୍ନାକୁ ଆସିଥିଲା। ଏହାକୁ ନେଇ ବେଶ୍ ବିବାଦ ସୃଷ୍ଟି ହୋଇଥିଲା।



# ଗ୍ୟାସ ଚାମ୍ବର ପାଲଟିଛି ଦିଲ୍ଲୀ

### ବାୟୁ ପ୍ରଦୂଷଣ ସ୍ଥିତି ସାଂଘାତିକ

**ନୂଆଦିଲ୍ଲୀ, ୧୯।୧୧:** ବିଷ ପାଲଟିଲା ବାୟୁ। ଚାରିଆଡେ କେବଳ ଧୂଆଁ ଆଉ ଧୂଆଁ। କିଛି ବି ହେଉନାହିଁ ଦୃଶ୍ୟମାନ। ଏକ ପ୍ରକାର ଗ୍ୟାସ୍ ଚାମ୍ବର ପାଲଟିଛି ରାଜଧାନୀ ଦିଲ୍ଲୀ। ଏଠାରେ ବାୟୁ ପ୍ରଦୂଷଣର ସ୍ଥିତି ସାଂଘାତିକ ହେବାରେ ଲାଗିଛି। ଅତ୍ୟନ୍ତ ନିମ୍ନ ସ୍ତରକୁ ଖସିଛି ବାୟୁର ମାନ। ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ସମସ୍ତ ରେକର୍ଡ ଭାଙ୍ଗିଛି। ବିଭିନ୍ନ ସ୍ଥାନରେ ଆଜି ଏକ୍ୟୁଆଇ ୫୦୦ ଟପିଛି। ବାୟୁ ପ୍ରଦୂଷଣ ସ୍ଥିତି ସାଂଘାତିକ ହେବା ଯୋଗୁ ଲୋକେ ନିଶ୍ୱାସ ନେବା କଷ୍ଟକର ହୋଇପଡିଛି। ବାସ୍ତବରେ, ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣର ଅବସ୍ଥା ଅତ୍ୟନ୍ତ ଖରାପ ରହିଛି। ଗତକାଲି ଏକ୍ୟୁଆଇ ୪୭୦ ଥିବାବେଳେ ଆଜି ଏକ୍ୟୁଆଇ ୪୯୪ ରେ ପହଞ୍ଚିଛି। ଦିଲ୍ଲୀର ଆଲିପୁରରେ ଏକ୍ୟୁଆଇ ୫୦୦, ଆନନ୍ଦ ବିହାରରେ ୫୦୦ ଏବଂ ବାୱାନାରେ ୫୦୦ ଥିବା ରେକର୍ଡ ହୋଇଛି। ସେହିପରି ଜାହାଙ୍ଗିରପୁରାରେ ୫୦୦, ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏକ୍ୟୁଆଇ ୫୦୦, ଲୋଧି ରୋଡରେ ୪୯୩, ମେଜର ଧ୍ୟାନ ଚାନ୍ଦ ଜାତୀୟ ଷ୍ଟାଡିୟମରେ ୪୯୯, ମନ୍ଦିର ମାର୍ଗରେ ୫୦୦, ମୁଣ୍ଡକା ୫୦୦ ଏବଂ ନଜଫଗଡରେ ୪୯୧ରେ ପହଞ୍ଚିଛି ଏକ୍ୟୁଆଇ। ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ଜିଆର୍‌ପିଏ ୪ ଲାଗୁ କରାଯାଇଛି। ଏହି କାରଣରୁ ଦିଲ୍ଲୀର ସ୍କୁଲଗୁଡିକ ମଧ୍ୟ ବନ୍ଦ ରହିଛି। କ୍ଲାସଗୁଡ଼ିକ ବର୍ତ୍ତମାନ ଅନଲାଇନ୍ ମାଧ୍ୟମ ମାଧ୍ୟମରେ କରାଯିବ। ସେହିପରି ଦିଲ୍ଲୀ ୟୁନିର୍ଭସିଟି ଓ ଜେଏନ୍‌ୟୁ ମଧ୍ୟ ବନ୍ଦ ରଖାଯାଇଛି। ଅନ୍‌ଲାଇନ୍ କ୍ଲାସ ପାଇଁ ଘୋଷଣା ହୋଇଛି। ସେହିପରି ଦିଲ୍ଲୀରେ ଭୟଙ୍କର ପ୍ରଦୂଷଣ ସ୍ତରକୁ ଦୃଷ୍ଟିରେ ରଖି ସରକାରୀ କାର୍ଯ୍ୟାଳୟଗୁଡ଼ିକର ସମୟ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ଏମ୍‌ସିଡି କାର୍ଯ୍ୟାଳୟରେ ସକାଳ ସାଢ଼େ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଯିବ। ଦିଲ୍ଲୀ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ସକାଳ ୧୦ଟାରୁ ସାଢ଼େ ୬ଟା ପର୍ଯ୍ୟନ୍ତ କାମ କରିବେ। ସେହିପରି ଘରୋଇ ସେକ୍ଟରେ କାମ କରୁଥିବା ଅଧିକାଂଶ କର୍ମଚାରୀଙ୍କୁ ଓ୍ୱାର୍କ ଫ୍ରମ ହୋମ୍ କରିବାକୁ ପରାମର୍ଶ ଦିଆଯାଇଛି।



## କୃତ୍ରିମ ବର୍ଷା ହେବ

### କେନ୍ଦ୍ରକୁ ଚିଠି ଲେଖିଲେ ପରିବେଶ ମନ୍ତ୍ରୀ

**ନୂଆଦିଲ୍ଲୀ, ୧୯।୧୧:** ପ୍ରଦୂଷଣରେ ଆଉଟୁପାଉଟୁ ହେଉଛି ସମଗ୍ର ଉତ୍ତର ଭାରତ। ନିଶ୍ୱାସ ନେବା ଏଠି ମୁସ୍‌କିଲ ହୋଇପଡିଛି। ଧୂଳି ଆଉ ଧୂଆଁର ମୋଟା ଚାଦର ତଳେ ଢ଼ାଙ୍କି ହୋଇ ରହିଛି ଦିଲ୍ଲୀ। ଏଥିରେ ଆସୁନି କୌଣସି ସୁଧାର। ଦିନକୁ ଦିନ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ମଧ୍ୟ ନିଜ ହାତ ଟେକି ଦେଇଛନ୍ତି। ଏବେ କେବଳ କୃତ୍ରିମ ବର୍ଷା ଭରସା। ପ୍ରଦୂଷଣରୁ ମୁକ୍ତି ପାଇଁ କୃତ୍ରିମ ବର୍ଷା କରାଇବାକୁ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ରାୟ କହିଛନ୍ତି ଯେ ବର୍ତ୍ତମାନ କେବଳ କୃତ୍ରିମ ବର୍ଷା ଦ୍ୱାରା ରାଜଧାନୀରେ ପ୍ରଦୂଷଣ ସ୍ତର ଏବଂ ବାୟୁର ଗୁଣବତ୍ତାରେ ଉନ୍ନତ ଆସିପାରିବ। ଏନେଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି ମନ୍ତ୍ରୀ ଗୋପାଳ ରାୟ। ସମଗ୍ର ଉତ୍ତର ଭାରତ ଧୂଆଁର ଚାଦର ତଳେ ଢ଼ାଙ୍କି ହୋଇ ରହିଛି। ଏହି ଧୂଳି ଆଉ ଧୂଆଁରୁ ମୁକ୍ତି ପାଇବା ପାଇଁ ଏବେ ମାତ୍ର ଗୋଟିଏ ବିକଳ୍ପ ହେଉଛି କୃତ୍ରିମ ବର୍ଷା। ଏହା ଏକ ମେଡିକାଲ ଏମରଜେନ୍ସି ପରିସ୍ଥିତି। ପ୍ରଦୂଷଣ ସ୍ତରକୁ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ହସ୍ତକ୍ଷେପ କରିବା ଉଚିତ। ଏହା ସେମାନଙ୍କର ନୈତିକ ଦାୟିତ୍ୱ ଅଟେ। ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ପଦକ୍ଷେପ ନେବା ଉଚିତ୍ ବୋଲି ଗୋପାଳ ରାୟ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ମଧ୍ୟ ନିନ୍ଦା କରିଛନ୍ତି ରାୟ। ସେ କହିଛନ୍ତି ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଏବଂ ଆଜିକୁ ମିଶାଇ ମୁଁ ୪ଟି ଚିଠି ପଠାଇ ସାରିଲିଣି। ଏହା ସତ୍ତ୍ୱେ କୃତ୍ରିମ ବର୍ଷା କରିବା ନେଇ ଏଯାବତ୍ କୌଣସି ବୈଠକ ଡକାଯାଇ ନାହିଁ। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ପରିବେଶ ମନ୍ତ୍ରୀଙ୍କୁ କୃତ୍ରିମ ବର୍ଷା ଉପରେ ଏକ ବୈଠକ ଡକାଇବାକୁ କହିବା ଉଚିତ୍। କୃତ୍ରିମ ବର୍ଷା ପାଇଁ ସମାଧାନ କିମ୍ବା ସ୍ପଷ୍ଟ ରାସ୍ତା ଦିଅନ୍ତୁ। ଯଦି କେନ୍ଦ୍ର ସରକାର କାର୍ଯ୍ୟ କରିପାରୁନାହାଁନ୍ତି ତେବେ ସେମାନଙ୍କ ମନ୍ତ୍ରୀ ଇସ୍ତଫା ଦେଇ ଦିଅନ୍ତୁ ବୋଲି ଗୋପାଳ ରାୟ କହିଛନ୍ତି। ରାଜଧାନୀ ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ଆଜି ଜାତୀୟ ରାଜଧାନୀରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୫୦୦ ଛୁଇଁଛି। 'ଅତ୍ୟନ୍ତ ଗୁରୁତର ଶ୍ରେଣୀ'ରେ ରହିଛି ଦିଲ୍ଲୀର ବାୟୁ ଅବସ୍ଥା। ଲୋକେ ଘରୁ ବାହାରିବା ମୁସକିଲ୍ ହୋଇପଡିଛି। ପ୍ରଦୂଷଣ ଯୋଗୁ ଦୃଶ୍ୟମାନ କମିଛି। ଫଳରେ ଗାଡି ଚଳାଚଳରେ ଅସୁବିଧା ଉପୁଜିଛି। ସେପଟେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ କଲେଜ ବନ୍ଦ ରଖାଯାଇଛି। ସେହିପରି ଘରୋଇ ଅଫିସର କର୍ମଚାରୀଙ୍କୁ ଓ୍ୱାର୍କ ଫ୍ରମ ହୋମ୍ କରିବାକୁ ପରାମର୍ଶ ଦିଆଯାଇଛି। ବୟସ୍କ ଓ ଛୋଟ ପିଲାଙ୍କୁ ଘରୁ ନ ବାହାରିବାକୁ କୁହାଯାଇଛି।

# ଦିଲ୍ଲୀ କ୍ୟାପିଟାଲ୍ ଛାଡ଼ିବା ପ୍ରସଙ୍ଗରେ ନିରବତା ଭାଙ୍ଗିଲେ ପନ୍ତ



ନୂଆଦିଲ୍ଲୀ, ୧୯।୧୧: ବ୍ୟାଟିଂ ସୁପରଷ୍ଟାର ଋଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସରୁ ଅଲଗା ହେବା ପ୍ରସଂଗରେ ନିଜର ନୀରବତା ଭଙ୍ଗ କରିଛନ୍ତି। ସେ କହିଛନ୍ତି ଯେ ଆଇପିଏଲ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ୍‌ରୁ ସେ ଟଙ୍କା ପାଇଁ ଅଲଗା ହେଉନାହାନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗର ଅନ୍ୟତମ ପ୍ରସାରଣକାରୀଙ୍କ ଦ୍ୱାରା ଏକ ପୋଷ୍ଟର ଉତ୍ତରରେ ପନ୍ତ ଏ ବିଷୟରେ ନିଜର ମୁହଁ ଖୋଲିଛନ୍ତି। ଯେଉଁଥିରେ ସୁନୀଲ ଗାଭାସ୍କର ଆଇପିଏଲ୍ ୨୦୨୫ ମେଗା ନିଲାମ ପୂର୍ବରୁ ଦିଲ୍ଲୀ କାହିଁକି ତା'ର ଅଧିନାୟକଙ୍କୁ ରଖିନାହିଁ ତାହ ବୁଝାଇବାକୁ ଚେଷ୍ଟା କରିଥିଲେ।

ଭିଡିଓରେ ଗାଭାସ୍କର କହିଛନ୍ତି ଯେ ଦିଲ୍ଲୀ ରାଜଧାନୀ ଏବଂ ଋଷଭ ପନ୍ତଙ୍କ ମଧ୍ୟରେ ଟଙ୍କାକୁ ନେଇ ମତଭେଦ ହୋଇଥାଇପାରେ। ସେ ଆହୁରି ମଧ୍ୟ ଅନୁମାନ କରିଛନ୍ତି ଯେ ନଭେମ୍ବର ୨୪ ଏବଂ ୨୫ ରେ ଧାର୍ଯ୍ୟ ହୋଇଥିବା ମେଗା ନିଲାମରେ ଦିଲ୍ଲୀ କ୍ୟାପିଟାଲଙ୍କ୍ସ ପନ୍ତଙ୍କୁ କିଣିବାକୁ ଚାହିଁବ। ମାତ୍ର ଏକ ଏକ୍ସ ପୋଷ୍ଟ୍‌ର ଜବାବ ଦେଇ ପନ୍ତ କହିଛନ୍ତି ଯେ ଦିଲ୍ଲୀ କ୍ୟାପିଟାଲ୍ସରୁ ବାଦ୍ ପଡ଼ିବା କାରଣ ଆଦୌ ବି ଟଙ୍କାକୁ ନେଇ ନୁହେଁ। ପୂର୍ବ ଆଇପିଏଲ ନିଲାମରେ, ମିଚେଲ ଷ୍ଟାର୍କଙ୍କୁ ଆଇପିଏଲ ଦଳ କେ.କେ. ଆର. ୨୪.୭୫ କୋଟିରେ କିଣିଥିଲା। ଏହା ପରେ ଆଇପିଏଲ ଇତିହାସରେ ସବୁଠାରୁ ଦାମୀ ଖେଳାଳି ପାଲଟିଥିଲେ ମିଚେଲ। ବର୍ତ୍ତମାନ ଆଇପିଏଲ-୨୦୨୫ ପାଇଁ ମେଗା ନିଲାମି ଆରମ୍ଭ ହେବାକୁ ଯାଉଛି। ଏଥର କେଉଁ ଦଳ କାହାକୁ କେତେ ଟଙ୍କାରେ କିଣିବ ସେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଏମଧ୍ୟରେ ପୂର୍ବତନ ଭାରତୀୟ କ୍ରିକେଟର ଇରଫାନ ପଠାନ ନିଜର ପ୍ରତିକ୍ରିୟା ରଖିଛନ୍ତି। ଇରଫାନ୍ ଆଇପିଏଲ୍-୨୦୨୫ ନିଲାମିକୁ ନେଇ ଭବିଷ୍ୟବାଣୀ କରିବା ସହ ସବୁଠୁ ଦାମୀ ଖେଳାଳି କିଏ ହେବ ତାହା ଜଣାଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଇରଫାନ୍ ଏହି ଭବିଷ୍ୟବାଣୀ କରିଛନ୍ତି। ଇରଫାନ୍ ତାଙ୍କ ପୋଷ୍ଟରେ ସ୍ୱୀକାର କରିଛନ୍ତି ଯେ, ଆଇପିଏଲ-୨୦୨୫ ପାଇଁ ହେବାକୁ ଥିବା ନିଲାମିରେ ଋଷବ ପନ୍ତଙ୍କ ଉପରେ ଟଙ୍କା ବର୍ଷା ହେବ ଏବଂ ସେ ମିଚେଲ ଷ୍ଟାର୍କଙ୍କ ରେକର୍ଡ ଭାଙ୍ଗିବେ। ଇରଫାନ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, "ମିଚେଲ ଷ୍ଟାର୍କଙ୍କ ନିଲାମ ରେକର୍ଡ ବିପଦରେ ଅଛି। ଋଷବ ପନ୍ତ ଏହାକୁ ଭାଙ୍ଗିବାକୁ ପ୍ରସ୍ତୁତ ଅଛନ୍ତି।" ଇରଫାନଙ୍କ ଏହି ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ଶେଷରେ ହାର୍ ମାନିବ ପାକିସ୍ତାନ



ନୂଆଦିଲ୍ଲୀ, ୧୯।୧୧: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନ ଦ୍ୱାରା ଆୟୋଜିତ ହେବ। କିନ୍ତୁ ଏହି ଟୁର୍ନାମେଣ୍ଟ ବିଷୟରେ ଏପର୍ଯ୍ୟନ୍ତ କୌଣସି ସମାଧାନ ମିଳିନାହିଁ। ଭାରତୀୟ କ୍ରିକେଟ ଦଳ ପଡୋଶୀ ଦେଶ ଭ୍ରମଣ କରିବାକୁ ମନା କରିସାରିଛି। ଏଥି ସହିତ ପାକିସ୍ତାନ ମଧ୍ୟ ହାଇବ୍ରିଡ ମଡେଲରେ ଏହି ଟୁର୍ନାମେଣ୍ଟ କରିବାକୁ ଚାହୁଁନାହିଁ। ଏହି କାରଣରୁ ଆଇସିସି ଏପର୍ଯ୍ୟନ୍ତ କାର୍ଯ୍ୟସୂଚୀ ଘୋଷଣା କରି ନାହିଁ। ଏହି ଟୁର୍ନାମେଣ୍ଟ ଉପରେ ପାକିସ୍ତାନ କ୍ରିକେଟ ବୋର୍ଡ ବିବୃତ୍ତି ଜାରି ରଖିଛି। ଏସବୁ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଏକ ବଡ ପଦକ୍ଷେପ ନେଇଛି।

ଏକ ରିପୋର୍ଟ ଅନୁଯାୟୀ,ଆଇସିସି ଅଧିକାରୀମାନେ ଆସନ୍ତା ବର୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ପାଇଁ ହାଇବ୍ରିଡ ମଡେଲ ଦିଗରେ କାର୍ଯ୍ୟ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡକୁ ଅନୁରୋଧ କରିବାକୁ ଚେଷ୍ଟା କରୁଛନ୍ତି। ଏହାର ଅର୍ଥ ଆଇସିସି ଅଧିକାରୀମାନେ ହାଇବ୍ରିଡ ମଡେଲରେ ଏହି ଟୁର୍ନାମେଣ୍ଟ କରିବାକୁ ରାଜି ହେବା ପାଇଁ ପିସିବିକୁ ମନାଇବା ପାଇଁ ଚେଷ୍ଟା କରୁଛନ୍ତି। ଏଥି ସହିତ ହାଇବ୍ରିଡ ମଡେଲ ଟୁର୍ନାମେଣ୍ଟ ପାଇଁ ସର୍ବୋତ୍ତମ ଉପାୟ ଏବଂ ଭାରତୀୟ କ୍ରିକେଟ ଦଳ ବିନା ଆଇସିସି ଟୁର୍ନାମେଣ୍ଟ କାହିଁକି ଆୟୋଜନ କରାଯାଇପାରିବ ନାହିଁ ତାହା ମଧ୍ୟ ଆଇସିସି ବ୍ୟାଖ୍ୟା କରୁଛି। ଏହା ବ୍ୟତୀତ ଆଇସିସି ଅଧିକାରୀମାନେ ମଧ୍ୟ ଭାରତ ବିରୋଧରେ କୌଣସି ବିବୃତ୍ତି ଦେବା ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି।

ଚଳିତ ମାସ ଆରମ୍ଭରେ ଆଇସିସି ପିସିବିକୁ ଲିଖିତ ଭାବରେ କହିଥିଲା ଯେ, ୨୦୨୫ ଆରମ୍ଭରେ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫିରେ ଭାଗ ନେବାକୁ ଭାରତ ପାକିସ୍ତାନ ଯାତ୍ରା କରିବ ନାହିଁ। ସେହି ଦିନଠାରୁ ଏହି ବିବାଦ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ଯଦି ହାଇବ୍ରିଡ ମଡେଲରେ ଚାମ୍ପିଅନ୍ସ ଟ୍ରଫି ଖେଳାଯାଏ, ତେବେ ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ପାକିସ୍ତାନ ବୋର୍ଡ ଚାହୁଁଛି ଯେ, ଭାରତ ପାକିସ୍ତାନ ଗସ୍ତ କରିବ କାରଣ ୨୦୨୩ରେ ଆଇସିସି ଦିନିକିଆ ବିଶ୍ୱକପ ସମୟରେ ପକିସ୍ତାନ ଦଳ ଭାରତ ଯାଇଥିଲା। ଏହାପୂର୍ବରୁ ପାକିସ୍ତାନ ଏସୀୟ ଟ୍ରଫି ଆୟୋଜନ କରିଥିଲା, କିନ୍ତୁ ଏହା ହାଇବ୍ରିଡ ମଡେଲରେ ଆୟୋଜିତ ହୋଇଥିଲା ଯେଉଁଥିରେ ଭାରତ ଶ୍ରୀଲଙ୍କାରେ ମ୍ୟାଚ ଖେଳିଥିଲା।

## ଅଷ୍ଟ୍ରେଲିଆରେ କୋହଲିଙ୍କର ଟେଷ୍ଟ ଯାତ୍ରା ହୋଇପାରେ: ଗାଙ୍ଗୁଲି



ନୂଆଦିଲ୍ଲୀ,୧୯।୧୦: ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ବିରାଟ କୋହଲିଙ୍କ ଫର୍ମ ତାଙ୍କୁ ଅନେକ ମ୍ୟାଚ ପାଇଁ ସମର୍ଥନ କରୁନାହିଁ। ୨୦୨୪ ବର୍ଷ ମଧ୍ୟ କୋହଲିଙ୍କ ପାଇଁ ଭଲ ବୋଲି ପ୍ରମାଣିତ ହୋଇନାହିଁ । କୋହଲିଙ୍କ ବ୍ୟାଟ ନା ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ନା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦମ୍ ଦେଖାଇନି। ଯେହେତୁ ବିରାଟ କୋହଲି ଅଷ୍ଟ୍ରେଲିଆରେ ଅନେକ ଟେଷ୍ଟ ରେକର୍ଡ ରଖିଛନ୍ତି, ତେବେ ପ୍ରଶଂସକମାନେ ଆଶା କରୁଛନ୍ତି ଯେ ତାଙ୍କ ଫର୍ମ ବର୍ଡର -ଗାଭାସ୍କର ଟ୍ରଫିରେ ଫେରିବ। ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ କୋହଲିଙ୍କ ଫର୍ମ ବିଷୟରେ ଅନେକ କଥା କହିଛନ୍ତି ଏବଂ ବିରାଟଙ୍କ ଅଷ୍ଟ୍ରେଲିଆ ଟେଷ୍ଟ ଗସ୍ତକୁ ନେଇ ମଧ୍ୟ ଭବିଷ୍ୟବାଣୀ କରିଛନ୍ତି। କୋହଲିଙ୍କ ପାଇଁ ଏହି ସିରିଜ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। କାରଣ ଏହା ଅଷ୍ଟ୍ରେଲିଆରେ ତାଙ୍କର ଶେଷ ଟେଷ୍ଟ ଯାତ୍ରା ହୋଇପାରେ ବୋଲି ଗାଙ୍ଗୁଲି ବିଶ୍ୱାସ କରୁଛନ୍ତି। ୩୬ ବର୍ଷ ବୟସ୍କ କୋହଲିଙ୍କ ପାଇଁ ଭବିଷ୍ୟତରେ ଅଷ୍ଟ୍ରେଲିଆ ଗସ୍ତରେ ଖେଳିବା କଷ୍ଟକର ହୋଇପାରେ। ଏହି ବିଷୟରେ ଗାଙ୍ଗୁଲି କହିଛନ୍ତି, ସେ ଜଣେ ଚାମ୍ପିୟନ ବ୍ୟାଟ୍ସମ୍ୟାନ ଏବଂ ଏହା ପୂର୍ବରୁ ଅଷ୍ଟ୍ରେଲିଆରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୨୦୧୪ ରେ ଚାରି ଶତକ ଏବଂ ୨୦୧୮ରେ ଗୋଟିଏ ଶତକ ସ୍କୋର କରିଥିଲେ। ସେ ଏହି ସିରିଜରେ ନିଜର ଚିହ୍ନ ଛାଡିବାକୁ ଚାହିଁବେ ଏବଂ ସେ ଏହା ମଧ୍ୟ ଅନୁଭବ କରିବେ ଯେ ଏହା ତାଙ୍କର ଅଷ୍ଟ୍ରେଲିଆ ଗସ୍ତର ଶେଷ ଯାତ୍ରା ହୋଇପାରେ। "

## ରାଜ୍ୟ ଯୁବ ଚେସ୍: ପ୍ରତ୍ୟାଶା, ଆଦିତ୍ୟ ବିଜେତା




ଭୁବନେଶ୍ୱର, ୧୯।୧୧: ପୁରୀରେ ରବିବାର ରାଜ୍ୟ ଯୁବ (୧୩ବର୍ଷରୁ କମ୍) ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବାଳିକାରେ ପ୍ରତ୍ୟାଶା ଜେନା (୬), ଶ୍ରଦ୍ଧା ସ୍ମରଣିକା ନନ୍ଦ (୫.୫) ଏବଂ ଓପନ୍‌ରେ ଆଦିତ୍ୟ ବିକ୍ରମ ମିଶ୍ର (୬.୫), ଆୟୁଷ୍ମାନ ମହାନ୍ତି (୬) ଯଥାକ୍ରମେ ବିଜେତା ଓ ଉପବିଜେତା ହୋଇଛନ୍ତି। ଏହି ୪ ଜଣ ଆସନ୍ତା ମାସରେ ପଶ୍ଚିମବଙ୍ଗରେ ଖେଳାଯିବାକୁ ଥିବା ୩୭ତମ ଜାତୀୟ ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଛନ୍ତି। ବାଳିକାରେ ଜ୍ୟୋତିକା ସାହୁ, ସନ୍ଦୀପା ପ୍ରିୟଦର୍ଶିନୀ ସାହୁ, ନୈନିକା ସାହୁ, ଆୟୁଷୀ ମହାନ୍ତି, ଶୁଭସ୍ମିତା ପ୍ରିୟଦର୍ଶିନୀ, ଈଶାନୀ ଦାସ, ସାୟି ଅତ୍ରେୟୀ ମହାପାତ୍ର, ଅମୃତା ପ୍ରିୟଲକ୍ଷ୍ମୀ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ସେହିଭଳି ଓପନ୍ ବର୍ଗରେ ବିଶ୍ୱପ୍ରୀତ୍ ରାୟ, ସତ୍ୟ ସ୍ୱରୂପ ତ୍ରିପାଠୀ, ସ୍ୱସ୍ତିକ ରଂଜନ ସ୍ୱାଇଁ, ହିମାଂଶୁ ନାୟକ, ଶିୟମ୍ ସତ୍ୟାଂଶ, ଶୁଭଦୀପ ପ୍ରିୟଦର୍ଶନ, ସାର୍ଥକ ମହାନ୍ତି, ଆଦ୍ୟା ଅଦ୍ୱିତ ଦାସ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନରେ ରହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, କାର୍ଯ୍ୟନିର୍ବାହୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, ପୁରୀ ଜିଲ୍ଲା ଚେସ୍ ସଂଘ ସଭାପତି ନାରାୟଣ ପାତ୍ର, ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟୁର୍ଣ୍ଣାମେଣ୍ଟ୍ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଦେବାଶିଷ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, ଫିଡେ ଆର୍ବିଟର୍ ପିଙ୍କି ମହାପାତ୍ର ଏହି ୩ ଦିନିଆ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

### ବର୍ଡର-ଗାଭାସ୍କର ଟ୍ରଫି

# ଦମ୍ ଦେଖାଇବେ ଦ୍ରୁତ ବୋଲର




ପର୍ଥ, ୧୯।୧୧: ବହୁ ପ୍ରତୀକ୍ଷିତ ବର୍ଡର-ଗାଭାସ୍କର ଟ୍ରଫିର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ବିଶ୍ୱ କ୍ରିକେଟ୍‌ର ଦୁଇ ମହାରଥୀ ଭାରତ ଓ ଅଷ୍ଟ୍ରେଲିଆ ମୁହାଁମୁହିଁ ହେବେ। ଏହି ମହାଲଢ଼େଇର ପ୍ରଥମ ମୁକାବିଲା ପର୍ଥର ନବନିର୍ମିତ ଷ୍ଟାଡିୟମ୍ 'ଅପଟସ୍'ରେ ଶୁକ୍ରବାରଠାରୁ ଖେଳାଯିବ। ଏହା ପୂର୍ବରୁ ଉଭୟ ଦଳ ନିଜ ନିଜର କ୍ରିକେଟ୍ ଅସ୍ତ୍ରଶସ୍ତ୍ର ଓ ରଣନୀତିକୁ ଶାଣିତ କରିବାରେ ଲାଗି ପଡ଼ିଛନ୍ତି। କାରଣ ଏହି ଶୃଙ୍ଖଳା କେବଳ ଜୟ/ପରାଜୟ ନୁହେଁ, ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିବା ନେଇ ଉଭୟ ଦଳ ପାଇଁ ଢେର ଗୁରୁତ୍ୱ ବହନ କରୁଛି। ଏହା ଜାଣି ପରସ୍ପର ଉପରେ ମନସ୍ତାତ୍ତ୍ୱିକ ଚାପ ସୃଷ୍ଟି କରିବାକୁ ଦୁଇ ଦଳ, ସେମାନଙ୍କ ସମର୍ଥକ ଓ ପୂର୍ବତନ ଖେଳାଳି ଶବ୍ଦ ବାଣ ଛାଡ଼ିବା ଆରମ୍ଭ ଦେଇଛନ୍ତି।

ନ୍ୟୁଜିଲାଣ୍ଡଠାରୁ ଘରୋଇ ପରିବେଶରେ ଅପ୍ରତ୍ୟାଶିତ ଭାବେ ୦-୩ରେ ମୂଳପୋଛ ହେବା ଭାରତ ପାଇଁ ବଡ଼ ସମସ୍ୟା ଭାବେ ଉଭା ହୋଇଥିଲା ବେଳେ ଅଷ୍ଟ୍ରେଲିଆ ପାଇଁ ନୂଆ ସୁଯୋଗ ନେଇ ଆସିଛି। ପୁଣି ବର୍ଡର-ଗାଭାସ୍କର ଟ୍ରଫି ଦେଢ଼ ଦଶନ୍ଧିରୁ ଅଧିକ ସମୟ ହେବ ଭାରତ ପାଖରେ ରହିବା ସ୍ଥିତିକୁ ଅଷ୍ଟ୍ରେଲିଆ ପାଇଁ ଆହୁରି ଆହ୍ୱାନପୂର୍ଣ୍ଣ କରିଛି। ଘରୋଇ ପରିବେଶରେ ଭାରତଠାରୁ ବର୍ଡର-ଗାଭାସ୍କର ଟ୍ରଫି ନିଜ ପାଖକୁ ନେବାକୁ କଙ୍ଗାରୁ ଦଳ ବ୍ୟଗ୍ର ରହିଛି। ଭାରତ ପାଇଁ ମଧ୍ୟ ଏହି ଶୃଙ୍ଖଳା ଅନ୍ୟତମ କଠିନ ପରୀକ୍ଷାଠାରୁ କିଛି କମ୍ ହେବାକୁ ଯାଉନି। ପ୍ରଥମ ଟେଷ୍ଟ୍‌ରେ ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତି, ବିରାଟ କୋହଲିଙ୍କ ବିଫଳତା ଧାରା, ଶୁବମନ୍ ଗିଲ୍‌ଙ୍କ ଅଙ୍ଗୁଳି ଭାଙ୍ଗିବା ସହ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଦଳରେ ନରହିବା ଭାରତ ସ୍ଥିତିକୁ ଜଟିଳ କରିଦେଇଛି। ପୁଣି ରବୀନ୍ଦ୍ର ଜାଡ଼େଜା ଓ ଆର୍ ଅଶ୍ୱିନଙ୍କ ଭଳି ଖେଳାଳି ନ୍ୟୁଜିଲାଣ୍ଡ ଶୃଙ୍ଖଳାରେ ନିଷ୍ପ୍ରଭ ରହିବା ଦଳର ଆତ୍ମବିଶ୍ୱାସକୁ କିଛିଟା ଦୋହଲାଇ ଦେଇଛି। ନୂଆ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ମୁଣ୍ଡରେ ତ ଡେମୋକ୍ଲିସ୍‌ଙ୍କ ଖଣ୍ଡା ଝୁଲୁଛି। ଏହି ଶୃଙ୍ଖଳାରେ ଯଦି ଭାରତ ଗତ ନ୍ୟୁଜିଲାଣ୍ଡ ଶୃଙ୍ଖଳା ଭଳି ଖେଳେ, ତେବେ ତାଙ୍କ ଆସନ ଟଳମଳ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ଆକାଶ ଦୀପ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କୁ ନେଇ ଗଠିତ ଭାରତୀୟ ବୋଲିଂ ବାହିନୀ ଉପରେ ଗୁରୁଦାୟିତ୍ୱ ରହିଛି। ଅଷ୍ଟ୍ରେଲୀୟ ପିଚ୍ ଭାରତଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଏବଂ ଦ୍ରୁତ ବୋଲର ଏକପ୍ରକାର ଦବ୍‌ଦବା କାଏମ ରଖୁଥିବାରୁ ଭାରତର ସଫଳତା ଏମାନଙ୍କ ଉପରେ ଢେର ନିର୍ଭରଶୀଳ ରହିବ। ବିଶ୍ୱର ଶ୍ରେଷ୍ଠ ଦ୍ରୁତ ବୋଲରର ଅଘୋଷିତ ମାନ୍ୟତା ପାଇଥିବା ବୁମ୍‌ରାଙ୍କ କାନ୍ଧରେ ହିଁ ଭାରତୀୟ ଦ୍ରୁତ ବୋଲିଂ ବାହିନୀର ଭାର ରହିବ। ୨୦୧୮-୧୯ ଶୃଙ୍ଖଳା ବିଜୟରେ ବୁମ୍‌ରା ଏକାକୀ ୨୧ ୱିକେଟ୍ ଅକ୍ତିଆର କରିଥିଲେ। ସେହିଭଳି ୨୦୨୦-୨୧ରେ ସିରାଜ ୭୩ ରନ୍ ବିନିମୟରେ ୫ ୱିକେଟ୍ ନେଇ ବ୍ରିସବନ୍‌ରେ ଭାରତର ଐତିହାସିକ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଭାରତୀୟ ବୋଲିଂ ବାହିନୀ ପାଇଁ ଭଲ କଥା ହେଲା ସଂପ୍ରତି ଅଷ୍ଟ୍ରେଲିଆର ପୂରା ଶୀର୍ଷକ୍ରମ ରନ୍ ପାଇଁ ସଂଘର୍ଷ କରୁଛି। ନାଥନ ମ୍ୟାକସ୍ୱିନୀଙ୍କ ଭଳି ନବାଗତ ବ୍ୟାଟର୍ ପର୍ଥରେ ପାଳି ଆରମ୍ଭ କରିବେ। ମାର୍ନସ ଲବୁସାନ୍, ମିଚେଲ ମାର୍ସ ଓ ଷ୍ଟିଭ୍ ସ୍ମିଥ୍ ମଧ୍ୟ ନିକଟ ଅତୀତରେ ଭଲ କରି ନାହାନ୍ତି। ଏଣୁ ଅଷ୍ଟ୍ରେଲିଆର ବ୍ୟାଟିଂ ବୋଝ ମୁଖ୍ୟତଃ ଟ୍ରାଭିସ୍ ହେଡ୍ ଏବଂ ୱିକେଟ୍‌ରକ୍ଷକ ବ୍ୟାଟର୍ ଆଲେକ୍ସ କ୍ୟାରିଙ୍କ କାନ୍ଧରେ ରହିବ। ଭାରତୀୟ ବୋଲର ପ୍ରତିପକ୍ଷ ଦଳର ୨୦ ୱିକେଟ୍ ଅକ୍ତିଆର କରିବା ଉପରେ ବି ଟିମ୍ ଇଣ୍ଡିଆର ସଫଳତା ଓ ବିଫଳତା ଅନେକାଂଶରେ ନିର୍ଭର କରିବ। ଏଭଳି ସ୍ଥିତିରେ ବର୍ଡର-ଗାଭାସ୍କର ଟ୍ରଫିର ଇତିହାସ ସହ ସଂଖ୍ୟା ଖେଳକୁ ଅନୁଶୀଳନ କରିବା ଏକପ୍ରକାର ଅବଶ୍ୟମ୍ଭାବୀ ହୋଇପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

**ସିନ୍ଧେଙ୍କ...** ଏଭଳି ଅପମାନ ପଦାକୁ ଆସିବା ପରେ ସିନ୍ଧେଙ୍କ ମୁଣ୍ଡରେ ଚଡକ ପଡିଛି। ସେହିଭଳି ବାଲିଯାତ୍ରାରେ ସବୁଠାରୁ ଆକର୍ଷଣୀୟ ଚର୍ଚ୍ଚିତ ମଞ୍ଚ ହେଉଛି ଗଣକବି ବୈଷ୍ଣବପାଣି ମଞ୍ଚ। ହେଲେ ଉଦଘାଟନୀ ଦିନ ଯେଉଁସବୁ ଅତିଥିମାନେ ମଞ୍ଚ ଉପରେ ଦେଖାଦେଲେ ସେମାନଙ୍କ ମଧ୍ୟରେ ଗଣକବିଙ୍କ ଜନ୍ମମାଟି ମାହାଙ୍ଗାର ବିଧାୟକ ସାରଦା ପ୍ରସାଦ ଜେନାଙ୍କୁ ଦେଖିବାକୁ ମିଳିନଥିଲା। ବାଲିଯାତ୍ରା ଉତ୍ସବରେ ଚଳିତବର୍ଷ ମାହାଙ୍ଗା ବିଧାୟକ ଥିଲେ ଅଲୋଡା। ଜିଲ୍ଲାପାଳ ତାଙ୍କୁ ନଡାକି ଅପମାନିତ କଲେ।

ମୁଖ୍ୟମନ୍ତ୍ରୀ, ସରକାରରେ ଥିବା ବିଧାୟକମାନଙ୍କର ଅପମାନିତ ଦେଖି ବିଜେଡି ଭିତରେ ଭିତରେ କୁରୁଳୁଥିଲା। ସିନ୍ଧେଙ୍କୁ ସାବାସୀ ବି ଦେଉଥିଲା। ହେଲେ ଯେତେବେଳେ ଦେଖିଲା ଯେ ସବୁ ନାଟର ଗୋବର୍ଦ୍ଧନ ସିନ୍ଧେଙ୍କ ଆଡେ ଖଣ୍ଡା ବୁଲିବାକୁ ଯାଉଛି ସେତେବେଳେ ତାଙ୍କୁ ରକ୍ଷା କରିବାପାଇଁ ବିଜେଡି ବାହାରିଛି। ନିଜ ସୈନିକଙ୍କ ସୁରକ୍ଷାପାଇଁ ସାଥିମାନେ ଯେଭଳି କଭର ଫାୟାର କରନ୍ତି ବିଜେଡି ଏବେ ଠିକ୍ ସେହି ମୁଦ୍ରାରେ। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଅପମାନିତ କରିଥିବା ଜିଲ୍ଲାପାଳଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ବଦଳରେ ତାଙ୍କୁ ସୁରକ୍ଷା କଲାଭଳି ବୟାନବାଜି ଆରମ୍ଭ କରିଛି।

ସବୁଠାରୁ ବଡକଥା ହେଉଛି ଏ ଘଟଣାରେ କଟକ ମେୟର ସୁବାସ ସିଂହ ନିରବ। ବିଜେଡିର ଏହି ବରିଷ୍ଠ ନେତା ହେଉଛନ୍ତି କଟକର ପ୍ରଥମ ନାଗରିକ। ହେଲେ ଏଥର ସିଏ ବାଲିଯାତ୍ରାରୁ ଏକ ପ୍ରକାର ଦୂରେଇ ରହିଛନ୍ତି। ଆଲୋଚନା ହେଉଛି ବିଜେଡି ନିଜ ଅନୁଗତ ଅଫିସରଙ୍କ ଜରିଆରେ ଏଭଳି ଭୟଙ୍କର ଖେଳିବ ବୋଲି ଆଗୁଆ ସୂଚନା ପାଇ ମେୟର ନିଜକୁ ସୁରକ୍ଷିତ ଦୂରତାରେ ରଖିଛନ୍ତି।

ବିଜେଡି ଏବେ ଜାଣିଶୁଣି କଟକ ଏସ୍‌ପିଙ୍କୁ ବିବାଦ ଭିତରକୁ ଟାଣିଛି। ହେଲେ ବାଲିଯାତ୍ରାରେ ଲୋକ ଓ ଗାଡିମୋଟରକୁ ଜଗିବା ବ୍ୟତିତ ଏସ୍‌ପିଙ୍କର ସେଭଳି କୌଣସି ଭୂମିକା ନାହିଁ। ସବୁ ନିଷ୍ପତ୍ତି ଜିଲ୍ଲାପାଳ ଓ ମେୟରଙ୍କର। ଯେହେତୁ ଏଥର ମେୟର ନିଜକୁ ଦୂରେଇ ରଖିଛନ୍ତି ତେଣୁ ଜିଲ୍ଲାପାଳ ହିଁ ସର୍ବେସର୍ବା। ବିଜେଡି ଭଲଭାବେ ଏହା ଜାଣିଥିଲେ ମଧ୍ୟ ସିନ୍ଧେଙ୍କୁ ଖସାଇବାପାଇଁ ଏସ୍‌ପିଙ୍କୁ ବିବାଦ ଭିତକୁ ଟାଣୁଥିବା ଆଲୋଚନା ହେଉଛି।

ସିନ୍ଧେଙ୍କ ସୁରକ୍ଷା ପାଇଁ କଭର ଫାୟାର କଲାବେଳେ ବିଜେଡି ବାଲିଯାତ୍ରାରେ ଓଡିଆ ଅସ୍ମିତାକୁ ନେଇ ପ୍ରଶ୍ନ କରିଛି। ତେବେ ବିଜେଡି ନେତାଙ୍କ ମୁହଁରେ ଏଭଳି କଥା ଶୁଣିବାପରେ ଲୋକେ ହସିବା ଆରମ୍ଭ କରିଛନ୍ତି। ଗତ କିଛିବର୍ଷ ଧରି ଦକ୍ଷିଣୀ ନେତାଙ୍କ ନିୟନ୍ତ୍ରଣରେ ରହିଥିବା ବିଜେଡି ମୁହଁରେ ଏହା ଶୋଭା ପାଉନାହିଁ ବୋଲି କହୁଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ କିମ୍ବା ନିର୍ବାଚନବେଳେ ଦଳର ମଙ୍ଗ ଧରିଥିବା ଦକ୍ଷିଣୀ ନେତା ପାଣ୍ଡିଆନ ଯେଭଳି ବିକୃତ ଓଡିଆ କହୁଥିଲେ ତାହା କ'ଣ ଅସ୍ମିତାର ଉଦାହରଣ ଦେଉଥିବା ବିଜେଡି ନେତାଙ୍କ କାନରେ ପଡୁନଥିଲା କିବୋଲି ସାଧାରଣରେ ପ୍ରଶ୍ନ ହେଉଛି।

**ଆଇଆଇସିଙ୍କ...** ହେଉଥିଲେ। ଥାନା ଭିତରେ ଆଇଆଇସି ଜଣକ ଡବ୍ଲ୍ୟୁଏସ୍‌ଆଇଙ୍କୁ ନିତମ୍ବକୁ ଚିପି ଦେଇଥିଲେ। ତା'ପୁଣି ଦୁଇ ଜଣ କର୍ମଚାରୀଙ୍କ ଉପସ୍ଥିତରେ। ଏହି ଘଟଣା ପରେ ସେତେବେଳେ ବାବୁ ଧମକ ଚମକ ଦେଇ ଚାପି ଦେଇଥିଲେ। ବାବୁଙ୍କ ବଦଳି ପରେ ଏ ସବୁ କାଣ୍ଡ କାରନାମା ପଦାକୁ ଆସିଛି। ତାଙ୍କର ବଦଳି ପରେ ଡବ୍ଲ୍ୟୁଏସ୍‌ଆଇ୍ଙ୍କ ମନ ଦୁଃଖ ହେଉଛି। ନିଜ ମନର ବେଦନା କାହାକୁ ଜଣାଇ ପାରୁନାହାନ୍ତି। ଗୁମୁରି କାନ୍ଦିବା ସହ ଖାଇବା ପିଇବା ଛାଡି ଦେଇଛନ୍ତି। ଯାହାକୁ ନେଇ ଥାନାରେ କୌତୁହଳ ସୃଷ୍ଟି ହୋଇଛି।

**ହାତୀମୃତ୍ୟୁ...** ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ପାଟ୍ରୋଲିଂ ଟିମ୍ ଓ କ୍ଷେତ୍ର ଅଧିକାରୀଙ୍କ ଅବହେଳା ହୋଇଥିବା କହିଥିଲେ। ଆର୍ଥ ଲିକେଜ୍ ସର୍କିଟ୍ ବ୍ରେକର ଲଗାଇବା ପାଇଁ ସୁପାରିଶ କରାଯାଇଥିବା ସୁରକ୍ଷା ପଦ୍ଧତି ଉପରେ ନିଆଯାଇଥିବା ପଦକ୍ଷେପ ପାଇଁ ଡିଏଫଓ୍ମ ସମକକ୍ଷମାନଙ୍କୁ ଚିଠି ଲେଖିବାକୁ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ)ଙ୍କୁ କୁହାଯାଇଛି। ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଯଦି ହାତୀ ଚଳାଚଳ କ୍ଷେତ୍ରରେ ଏସବୁ ଲଗାଯାଇ ନାହିଁ, ତେବେ ତୁରନ୍ତ ସେହି ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଉ ନଚେତ ବନ୍ୟଜନ୍ତୁଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଲେ ବିଦ୍ୟୁତ ବିତରଣ କମ୍ପାନୀ ଦାୟୀ ରହିବ।

**ହାଇକୋର୍ଟଙ୍କ...** ଜଣାପଡିଛି। ସୋମବାର ସକାଳୁ ବୁରୋମାଳ ଜଙ୍ଗଲ ନିକଟସ୍ଥ ଚାଷ ଜମିରେ ୩ ହାତୀଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ବନ କର୍ମଚାରୀ ପହଞ୍ଚି ୩ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଥିଲେ। ଘୋଷରାମାଳ ଅଞ୍ଚଳର କେତେକ ବ୍ୟକ୍ତି ବାରହା ଶିକାର ପାଇଁ ବୁରୋମାଳ ଜଙ୍ଗଲ ଭିତରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ତାର ଟାଣି ତଳେ ବିଛାଇଥିଲେ। ଏହା ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ହାତୀପଲ ଏହିରାସ୍ତା ଦେଇ ଯାଉଥିବା ବେଳେ ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ଏକ ଛୁଆହାତୀ ସମେତ ୩ ମାଈ ହାତୀଙ୍କ ମୃତ୍ୟୁ ଘଟିଥିଲା।

**ମଣ୍ଡିରେ...** ପାଇଁ କ୍ୟାମେରା ଯୁକ୍ତ ଗାଡି ବ୍ୟବସ୍ଥା କରାଯାଇଛି। କଟନୀ ଛଟନି ଯେପରି ନେହେବ ସେଥିପାଇଁ ସରକାରୀ ଅଧିକାରୀ ଧ୍ୟାନ ଦେବେ। ଯେଉଁଠି ଅଧିକ ଧାନ ଆସିବ ସେଠି ଅଧିକ ମେସିନ ସରକାର ଯୋଗାଇଦେବେ। ଟୋକନ ବାତିଲ ହୋଇଥିବା ଚାଷୀଙ୍କ ଟୋକନ ଜେନେରେଟ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଅଧିକାର ଦିଆଯାଇଛି।

**ଇ-କେୱାଇସି...** ଲକ୍ଷ ୩୫ ହଜାର ୯୧୮ ରାସନକାର୍ଡ ହିତାଧିକାରୀ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୨ କୋଟି ୬୬ ଲକ୍ଷ ୮୫ ହଜାର ୯୩୮ ଇ-କେୱାଇସି ଅପଡେଟ୍ କରିଛନ୍ତି। ଦାଦନପ୍ରବଣ ଜିଲ୍ଲା ଗଂଜାମରେ ଏଯାଏଁ ୫ ଲକ୍ଷ ୪୨ ହଜାର ୮୧ ଜଣ ଏହି ପ୍ରକ୍ରିୟାରେ ସାମିଲ ହୋଇ ନ ଥିବା ଜଣାପଡିଛି।

**ସିଲଭର ସିଟି...** ବଦନାମ କରିବାକୁ ଅତିସଫଳତାର ସହ ଗୋଟି ଚଲାଉଛନ୍ତି।

ରାଜନୀତିରୁ ସନ୍ୟାସ ନେଇଥିବା ଘୋଷଣା କରି ବି ସନ୍ୟାସୀ ଯେମିତି ନବୀନ ନିବାସରୁ ବିଜେଡିର ଚାବି ମୋଡୁଛନ୍ତି, ଠିକ ସେହିଭଳି ବର୍ତ୍ତମାନ ପ୍ରଶାସନରେ ଥିବା ତାଙ୍କ ଏକାନ୍ତ ଅନୁଗତ ଓ ପୂର୍ବ ସହଯୋଗୀମାନଙ୍କ ଜରିଆରେ ମନ୍ତ୍ରୀମାନଙ୍କ ମୁହଁରେ ମିଛ ଓ ଅବାନ୍ତର କଥା କୁହାଉଛନ୍ତି। ସନ୍ୟାସୀଙ୍କ ନିର୍ଦ୍ଦେଶରେ ଏହି ସ୍ଲାଇପର ସେଲ ଅଫିସରମାନେ ସରକାରଙ୍କୁ ଭ୍ରମିତ କରୁଛନ୍ତି। ଆଉ ତାହା ଦ୍ୱାରା ଅନେକ ସମୟରେ କଟକ ବାଲିଯାତ୍ରା ଅଘଟଣ ପରି ଘଟଣାରେ ସରକାର ସାଧାରଣ ଲୋକଙ୍କ ଅସନ୍ତୋଷର ଶିକାର ହେଉଛନ୍ତି। ସନ୍ଧେଙ୍କ ପରି ପ୍ରଶାସନରେ ଥିବା ଏହି ସ୍ଲାଇପର ସେଲ ଅଫିସରଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନ କଲେ ଯେକୌଣସି ସମୟରେ ମୋହନ ସରକାର ବିବଦରେ ପଡିବାର ଆଶଙ୍କା ରହିଛି।

**କୃଷି...** ହେଉଛି ଏକ କୃଷି ପ୍ରାଧାନ୍ୟ ଜିଲ୍ଲା। ପ୍ରାୟ ୩୨ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଦୈନିକ ୨,୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏହା ଦ୍ୱାରା ଦେବଗଡ଼ରେ ପ୍ରତିଦିନ ୧୦,୦୦୦ ଲିଟର ଦୁଗ୍ଧ ଉତ୍ପାଦନ ସଂଗୃହିତ ହୋଇ ସମ୍ବଲପୁର ଗୋଶାଳାକୁ ଯିବ। ଗୋଶାଳା ଓମଫେଡ ପ୍ଲାଣ୍ଟର ସମ୍ପ୍ରସାରଣ ସହ ସେହି ପ୍ଲାଣ୍ଟରୁ ପାଉଡର କ୍ଷୀର, ଦହି, ଚକୋଲେଟ୍, ପନିର ସମେତ କ୍ଷୀରରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବାର ଯୋଜନା ରଖିଛନ୍ତି ରାଜ୍ୟ ସରକାର। ଓଡ଼ିଶା ସରକାରଙ୍କ ଦ୍ୱାରା ସବୁ ପଞ୍ଚାୟତରେ ଦୁଗ୍ଧ ସମବାୟ ସମିତି ଗଠନ ହେବ। ଦୁଗ୍ଧ ଚାଷୀମାନଙ୍କ ପଇସା ସିଧାସଳଖ ବ୍ୟାଙ୍କ୍ ଖାତାକୁ ଡିବିଟି ମାଧ୍ୟମରେ ଆସିବ। ଏହା ଦ୍ୱାରା ଦେବଗଡ ସମେତ ସମ୍ବଲପୁର ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟ ଦୁଇଗୁଣିତ ହେବ। ଦେବଗଡ଼ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ସହ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମ୍ବଳକୁ ସଶକ୍ତ କରିବ ବୋଲି ସେ କହିଛନ୍ତି।

ଦେବଗଡ଼ରେ ଅଣ୍ଡର୍ ପାସ୍ ନିର୍ମାଣ କାର୍ଯ୍ୟ ନେଇ ସ୍ଥାନୀୟ ଲୋକଙ୍କର ଯେଉଁ ଦାବି ରହିଛି, ସେ ବିଷୟରେ ଏନଏଚଏଆଇ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ। ଜିଲ୍ଲାକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା କରାଯିବ। ପର୍ଯ୍ୟଟନ, କ୍ରୀଡ଼ା କ୍ଷେତ୍ର ସହ ବୌଦ୍ଧିକ କ୍ଷମତା ସମ୍ପନ୍ନ ଦେବଗଡ଼ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ସେ ସୁଭଦ୍ରା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା ସହ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ହେବା ଉପରେ ଆଲୋକପାତ କରିଥିଲେ।

ଉଲ୍ଲେଖନୀୟ, ଦେବଗଡ଼ରେ ୪.୫୧ କୋଟି ଟଙ୍କା ବ୍ୟୟରେ ତାବଡାରୁ ବିଜବେରୀଣି ରାସ୍ତା ଓ ପ୍ରାୟ ୩ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ଜାମୁପଦରୁ ସିରିଗିଡ଼ା ରାସ୍ତାର ଶୁଭାରମ୍ଭ ହୋଇଛି। ଏହାବ୍ୟତୀତ ୨ କୋଟି ବ୍ୟୟରେ ଡିପିଆରସି ଭବନ, ପ୍ରାୟ ୨୦ କୋଟି ବ୍ୟୟରେ ଟିକିରାପୋଷୀ ନଦୀ ଉପରେ ବ୍ରୀଜ ନିର୍ମାଣ, ପ୍ରାୟ ୧୦ କୋଟି ବ୍ୟୟରେ ପିଏସ ରୋଡରୁ ବାଲିଡିହି ରାସ୍ତା କାମ, ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ପିଡବ୍ଲୁଡିରୁ ସିଆରିହୁଲି ରାସ୍ତା କାମ ଓ ପ୍ରାୟ ୭ କୋଟି ବ୍ୟୟରେ ରୁଗୁଡାକୁଦରରୁ କଲାଡୁ ରାସ୍ତା କାମର ଶିଳାନ୍ୟାସ ହୋଇଛି। ଶ୍ରୀ ପ୍ରଧାନ ମଧ୍ୟ ଗୋସେବା ସହ ମା' ପାଇଁ ଗଛଟିଏ' ଅଭିଯାନରେ ବୃକ୍ଷରୋପଣ କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଓ ଦେବଗଡ଼ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମୟୀଙ୍କ...** ସେତିକିରେ ଅଟକିଲା। ହେଲ ଏବେ ପ୍ରଶ୍ନ ଉଠୁଛି ଶ୍ରୀମୟୀଙ୍କ ସହିବାର ସୀମା କେବେ ଟପିବ ? ପୂର୍ବରୁ ଭୁବନେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ କରିବାକୁ କହି ଶେଷ ମୁହୂର୍ତ୍ତରେ ନାଁ କାଟିଦେଲେ। ପରେ ଦଳୀୟ କାର୍ଯ୍ୟାଳୟରେ ମନ୍ମଥ ଭଳି ନବାଗତଙ୍କ ଦ୍ୱାରା ବେଇଜତ କଲେ । ଦଳରେ ଶ୍ରୀମୟୀ ଧିରେ ଧିରେ ଅଲୋଡା ହୋଇପଡୁଥିବାବେଳେ ଏବେ ଛୁଆ ନେତ୍ରୀଙ୍କର ଏଭଳି ତାଚ୍ଛଲ୍ୟଭରା ପ୍ରଶ୍ନ ପରେ ଶ୍ରୀମୟୀଙ୍କ ସହିବାର ସୀମା କେବେ ଟପିବ ତାହାକୁ ନେଇ ଚର୍ଚ୍ଚା ।

**ଏଲଇଡି...** ଭୁବନେଶ୍ୱର ଭଳି ଜାଗାରେ ଇ-ସ୍ମାର୍ଟ କମ୍ପାନୀ ର ଷ୍ଟ୍ରିଟ ଲାଇଟ୍ କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଲଗାଗଲା ? ଗୃହ ଓ ନଗର ଉନ୍ନୟନ ବିଭାଗ ଏହି ଏଲଇଡି ଲାଇଟ୍ ଲଗାଇବା ପାଇଁ ଟେଣ୍ଡର କରିଥିବା ବେଳେ ଟେଣ୍ଡର କମିଟି ଓ ଯାଞ୍ଚ କମିଟି ଅଧିକାରୀ କେଉଁ ଆଧାରରେ ଏହି କମ୍ପାନୀର ଏଲଇଡି ଲାଇଟ୍ ଲଗାଇବା ପାଇଁ ସୁପାରିସ କଲେ ? ତାକୁ ନେଇ ଏଠାରେ ପ୍ରଶ୍ନ ଉଠିଛି। ଏହି ଇ-ସ୍ମାର୍ଟ ଏଲଇଡି ଲାଇଟ୍ ଏପିଏସ ଏଣ୍ଟରପ୍ରାଇସେସ ନାମକ ଏକ ସଂସ୍ଥା ଏଲଇଡି ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ନେଇଥିବା ଠିକାସଂସ୍ଥାକୁ ଯୋଗାଇଛି। ଏପିଏସ୍ ଏଣ୍ଟରପ୍ରାଇସେସ ସଂସ୍ଥାର ମାଲିକ ବିଜେଡିର ଜଣେ ପ୍ରଭାବଶାଳି ବିଧାୟକଙ୍କ ପୁତୁରା ବୋଲି ଜଣାପଡ଼ିଛି। ତେବେ ଏହି ଏଲଇଡି ଲାଇଟ୍ ଲଗାଇବାରେ କୋଟି କୋଟି ଟଙ୍କା ହରିଲୁଟ କରିବା ପାଇଁ ଯୋଜନାବଦ୍ଧ ଭାବେ ଷଡଯନ୍ତ୍ର କରାଯାଇଥିଲା। ଟେଣ୍ଡରରେ ତଞ୍ଚକତା କରାଯାଇ ବହୁ ଠିକା ସଂସ୍ଥାକୁ ବାଦ୍ ଦିଆଯାଇ ଇ-ସ୍ମାର୍ଟ ନାମକ ଏକ କମ୍ପାନୀର ଷ୍ଟ୍ରୀଟ ଲାଇଟ୍ ଲଗାଇବା ପାଇଁ କ୍ଷେତ୍ର ପ୍ରସ୍ତୁତ କରଯାଇଥିଲା।

**ରାଜ୍ୟ ବିଜେପି...** ନାହିଁ। ବିଧାନସଭାରେ ବିରୋଧିଙ୍କୁ ଶାଣିତ ଆକ୍ରମଣ ସହିତ ସରକାରଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ପ୍ରଥମ ପଦାର୍ପଣର ବିଧାୟକ ହୋଇ ବାବୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଚନ୍ତି। ଦଳରେ ସମସ୍ତଙ୍କୁ ନେଇ ଚାଲିପାରୁଥିବାରୁ ଏବେ କେନ୍ଦ୍ରୀୟ ବିଜେପି ନେତାଙ୍କ ନଜର ବାବୁ ସିଂ ଉପରେ ରହିଛି। ସେହିଭଳି ଦଳର ଅନ୍ୟତମ ବରିଷ୍ଠ ନେତା ଗୋଲକ ମହାପାତ୍ର ମଧ୍ୟ ରେସରେ ରହିଛନ୍ତି। ନିର୍ବାଚନରେ ପ୍ରାର୍ଥୀ ହୋଇନଥିଲେ ମଧ୍ୟ ଶ୍ରୀ ମହାପାତ୍ର ସବୁବେଳେ ବିଜେପି ପାଇଁ ଢାଲି ସାଜି ଛିଡା ହୋଇଛନ୍ତି।

ବିରୋଧିଙ୍କୁ ବିଭିନ୍ନ ଗଣମାଧ୍ୟମରେ ସମାଲୋଚନା କରିବାରେ ଗୋଲକ ସବୁଠାରୁ ଆଗରେ ରହିଛନ୍ତି। ତେଣୁ ବିଜେପି ସଭାପତି ଚୟନ ନେଇ ଆଲୋଚନା ଆରମ୍ଭ ଦିନଠାରୁ ଗୋଲକ ରେସରେ ରହିଛନ୍ତି।

ଦଳର ପୂର୍ବତନ ସଭାପତି ସମୀର ମହାନ୍ତି ମଧ୍ୟ ପୁଣିଥରେ ରାଜ୍ୟ ବିଜେପିର ମଙ୍ଗ ଧରିବା ନେଇ ଚର୍ଚ୍ଚାରେ ରହିଛନ୍ତି। ତେବେ କେନ୍ଦ୍ରୀୟ ବିଜେପି ପୁରୁଣା ସଭାପତିଙ୍କୁ କେତେଦୂର ରିପିଟ୍ କରିବେ ତାହା ଉପରେ ସମସ୍ତଙ୍କନଜର ରହିଛି। ରାଜ୍ୟ ବିଜେପିର ସବୁ ବର୍ଗଙ୍କୁ ସାଙ୍ଗରେ ଚାଲିପାରୁଥିବାରୁ ସମୀରଙ୍କ ପାଇଁ ଗୋଟିଏ ଗୋଷ୍ଠି ଜୋରଦାର ଲବି କରୁଛନ୍ତି। ଏପରିକି ରାଜ୍ୟ ବିଜେପିର ଉତ୍‌ଥାନ ପଛରେ ସମୀରଙ୍କ ପରିଶ୍ରମ ରହିଛି ବୋଲି କହୁଛନ୍ତି।

ରାଜ୍ୟରେ ଦୀର୍ଘକାଳୀନ କ୍ଷମତା ଦଖଲ ଲକ୍ଷ୍ୟ ରଖିଥିବା ବିଜେପି କିନ୍ତୁ ସବୁ କ୍ଷେତ୍ରରେ ନବାଗତଙ୍କୁ ପ୍ରାଧାନ୍ୟ ଦେଉଥିବାରୁ ବାବୁ ସିଂ ରେସରେ ଆଗରେ ରହିଥିବା କୁହାଯାଉଛି। ମୋହନଙ୍କୁ ମୁଖ୍ୟମନ୍ତ୍ରୀ କରି ବିଜେପି ଆଦିବାସୀ କାର୍ଡ ଖେଳିବା ସହିତ ଯେଭଳି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା ଠିକ୍ ସେହିଭଳି ସଭାପତି ଚୟନ କ୍ଷେତ୍ରରେ ଦଳ ଆଶ୍ଚର୍ଯ୍ୟ କଲାଭଳି ନିଷ୍ପତ୍ତି ନେଇପାରେ ବୋଲି ଆଗଧାଡିର ନେତାମାନେ ମତ ଦେଉଛନ୍ତି।

# ଲୁଟ ଅଳଙ୍କାର ଜବତ, ଲୁଟେରା ଗିରଫ




**ବାଲିଅନ୍ତା, ୧୯।୧୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ପୁଲିସ ଆଜି ଲୁଟ ଅଭିଯୋଗରେ ଜଣେ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଲୁଟେରା ଜଣକ ହେଲେ କାକରୁଦ୍ରପୁର ଗ୍ରାମର ଜିତେନ୍ଦ୍ର ସେଠୀ ( ୨୪), ଓରଫ ଜିତୁ । ତେବେ କୋର୍ଟରେ ଜାମିନ ଖାରଜ ହୋଇଯିବାରୁ ଜିତୁକୁ ଝାରପଡା ବିଚାର ବିଭଗୀୟ ହାଜତକୁ ପଠାଇ ଦିଆଯାଇଛି । ଉକ୍ତ ଗ୍ରାମର କ୍ଷୀରୋଦ ଜେନା ଏନେଇ ଅଭିଯୋଗ କରିଥିଲେ ।

ସୂଚନାଯୋଗ୍ୟ ଯେ, କ୍ଷୀରୋଦ ବାଲିଅନ୍ତା ଥାନା ଅନ୍ତର୍ଗତ ପରିବାସୁଦେଇପୁର ଗ୍ରାମରେ ପରିବାର ସହ ରୁହନ୍ତି । ଗତ ୩୧ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ଜିତୁ ଘରର କବାଟ ଡାଡି ଭିତରେ ପ୍ରବେଶ କରିବା ସହିତ ଗୋଟିଏ ସୁନା ଚେନ, ଦୁଇହଳ କାନଫୁଲ, ଚାରିହଳ ସୁନା ଚୁଡି, ଦୁଇଟି ମୋବାଇଲ ଫୋନ ଏବଂ ୨୫,୦୦୦ ଟଙ୍କା ଚୋରିକରି ନେଇଯାଇଥିଲେ । ଏନେଇ କ୍ଷୀରୋଦ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଖମଙ୍ଗ ଛକ ନିକଟରେ ଚଢଉ କରିବା ସହିତ ଜିତୁକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଜିତୁ ପୁଲିସ ହେପାଜତରୁ ଗୋଟିଏ ସୁନା ହାର, ଦୁଇହଳ କାନଫୁଲ, ହଳେ ସୁନା ଚୁଡି, ଏକ ମୋବାଇଲ ଫୋନ ଏବଂ ୫୨୦ ଟଙ୍କା ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ଜବତ ସାମଗ୍ରୀ ସବୁ ଚୋରିକରି ଆଣିଥିବା କଥା ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ବାଲିଅନ୍ତା ଥାନାରେ ୫ଟି ଭିନ୍ନ ମାମଲା ରହିଥିବା ବେଳେ, ଅନ୍ୟ ଏକ ମାମଲାରେ ୱାଣ୍ଟେଡ ଥିବା ତଦନ୍ତରୁ ଜଣାପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

### ଲଜ୍‌ରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ଅଭିଯୁକ୍ତ ସ୍ୱାମୀକୁ ୨ ଦିନିଆ ରିମାଣ୍ଡରେ ଆଣିଲା ବ୍ରହ୍ମପୁର ପୁଲିସ

**ବ୍ରହ୍ମପୁର, ୧୯।୧୧ (ସଂଚାର ବ୍ୟୁରୋ) :** ବ୍ରହ୍ମପୁରର ଏକ ହତ୍ୟା ମାମଲାର ଅଭିଯୁକ୍ତ ରହି ଗଞ୍ଜେଇ ମାମଲାରେ କେରଳ ପୁଲିସ ଦ୍ୱାରା ଗିରଫ ହୋଇ ସେଠାକାର ସ୍ଥାନୀୟ ଜେଲରେ ଥିବା ଅଭିଯୁକ୍ତ ସାମିଦମୋନ ଏଏସଙ୍କୁ ବ୍ରହ୍ମପୁର ପୁଲିସ ଦୁଇଦିନିଆ ରିମାଣ୍ଡରେ ବ୍ରହ୍ମପୁର ଆଣିଛି । ଗତ ନଭେମ୍ବର ୨୫ ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଛକ ନିକଟରେ ଥିବା ବ୍ରହ୍ମପୁର ଲଜ୍ ଓ ଡୋର୍ମିଟୋରିରୁ ପୁଲିସ ଜଣେ ମହିଳାଙ୍କ ମୃତଦେହ ଠାବ କରି ବ୍ୟବଚ୍ଛେଦ ନିମନ୍ତେ ମେଡ଼ିକାଲ ପଠାଇଥିଲା । ମୃତ ମହିଳା ଜଣକ ହେଲେ କେରଳ ସାଜଦ ମଂଜ଼ୀଲ ପରିପାଲ୍ଲୀ ଥାନା ଅନ୍ତର୍ଗତ ଇଜିପୁରମ୍ ଗ୍ରାମର ସାମିଦମୋନ ଏଏସଙ୍କ ସ୍ତ୍ରୀ କୋନାପଲ୍ଲୀ କ୍ରୀଷ୍ଟାବେଣୀ । ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା ।



ପୁଲିସ ତଦନ୍ତରେ କ୍ରିଷ୍ଟାକୁ ସାମିଦମୋନ ହିଁ ହତ୍ୟା କରିଥିବା ଜଣାପଡ଼ିଥିଲା। ତେବେ କାହିଁକି ହତ୍ୟା କରିଥିଲା

**ଗଞ୍ଜେଇ ମାମଲାରେ କେରଳ ଜେଲରେ ଥିଲା ଅଭିଯୁକ୍ତ**

ତାହା ଏଯାବତ ସ୍ପଷ୍ଟ ହୋଇନାହିଁ । ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ବୈଦ୍ୟନାଥପୁର ଥାନା ଅଧିକାରୀ ବାବା ଶଙ୍କର ସରଫ ଗତବର୍ଷ ଡିସେମ୍ବର ୧୨ ତାରିଖରେ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ବେଳେ ଚଳିତବର୍ଷ ସେପ୍ଟେମ୍ବର ୮ ତାରିଖରେ ଅଭିଯୁକ୍ତ ସାମିଦମୋନ ଏନଡ଼ିପିଏସ ମାମଲାରେ ଗିରଫ ହୋଇ କେରଳର ତ୍ରିସୁର ସ୍ଥିତ ଭିୟୁର ଜେଲରେ ରହିଥିବା ବ୍ରହ୍ମପୁର ବୈଦ୍ୟନାଥପୁର ପୁଲିସ ଜାଣିବାକୁ ପାଇଥିଲା । ବ୍ରହ୍ମପୁର ପୁଲିସ ତାଙ୍କୁ ଏହି କେସରେ ଯୋଡ଼ିବା ପାଇଁ କେରଳ ସିଟିରେ ଥିବା ଜେଏମଏଫସି କୋର୍ଟରେ ରିମାଣ୍ଡ ଆବେଦନ କରିଥିଲା । ଉକ୍ତ କୋର୍ଟ ଦୁଇଦିନିଆ ରିମାଣ୍ଡ ମଞ୍ଜୁରୀ କରିଛି । ସେହିକ୍ରମରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଅଭିଯୁକ୍ତ ସାମୀଦମୋନକୁ ରିମାଣ୍ଡରେ ବ୍ରହ୍ମପୁର ଆଣି ପଚରାଉଚରା କରିଛି । ୨୧ ତାରିଖରେ ରିମାଣ୍ଡ ସମୟ ଧାର୍ଯ୍ୟ ଶେଷ ହେବା ପରେ ପୁଲିସ ପୁଲିସ କେରଳ କୋର୍ଟରେ ହଜାର କରିବାକୁ କେରଳ କୋର୍ଟଙ୍କ ନିର୍ଦ୍ଦେଶ ରହିଛି ।

ସୂଚନାଯୋଗ୍ୟ ଯେ, ଗତବର୍ଷ ନଭେମ୍ବର ୧୯ ତାରିଖରୁ କେରଳରୁ ଏହି ଦମ୍ପତ୍ତି ଉକ୍ତ ଲଜରେ ରହି ଆସୁଥିଲେ । କ୍ରୀଷ୍ଟାବେଣୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବା ଯୋଗୁଁ ଚିକିତ୍ସା ନିମନ୍ତେ ବ୍ରହ୍ମପୁରକୁ ଆସିଥିବା ବେଳେ ଗତ ନଭେମ୍ବର ୨୫ ତାରିଖ ରାତିରେ ତାଙ୍କ ମୃତଦେହ ଏହି ଲଜର ଏକ ରୁମରୁ ଠାବ ହୋଇଥିଲା। କ୍ରୀଷ୍ଟାବେଣୀଙ୍କ ମୃତଦେହ ଠାବ ହୋଇଥିବା ବେଳେ ତାଙ୍କ ସ୍ୱାମୀ ସାମିଦମୋନ ଫେରାର ରହିଥିଲା ।

# ମଙ୍ଗଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ଗଣିଲେ ଜୋରିମାନା

**କାକଟପୁର/ଅସ୍ତରଙ୍ଗ, ୧୯।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ବ୍ଲକ ସୋମେଶ୍ୱର ସାମିଲ ସମିଆ ଗ୍ରାମର ଜଣେ ମୁସଲିମ ଯୁବତୀ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ସୋମବାର କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିର ଦର୍ଶନ କରାଇବାକୁ ନେଇଥିଲେ। ପୁରୁଷ ଜଣକ ବିହାରର ସନ୍ନି ଝା। ସେ ହିନ୍ଦୁ ହୋଇଥିବା ବେଳେ ମହିଳା ଜଣକ ମୁସଲିମ ସମ୍ପ୍ରଦାୟର। ପଶ୍ଚିମଦ୍ୱାର ଦେଇ ମନ୍ଦିର ବେଢା ଭିତରକୁ ପ୍ରବେଶ କଲାବେଳେ କିଛି ସେବାୟତ ତାଙ୍କୁ ଦେଖି ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ତୁରନ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଦାସ ଘଟଣାସ୍ଥଳରେ ପହଂଚି ଉଭୟଙ୍କୁ ମନ୍ଦିର କାର୍ଯ୍ୟାଳୟକୁ ଆଣି ସେମାନଙ୍କ ଆଧାରକାର୍ଡ ଯାଞ୍ଚ ପରେ ଯୁବତୀ ଜଣକ ଅଣହିନ୍ଦୁ ବୋଲି ଜାଣିଥିଲେ। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଭଳି କାକଟପୁର ମା ମଙ୍ଗଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିଷେଧ ଥିବାରୁ କାହିଁକି ମନ୍ଦିରରେ ପ୍ରବେଶ କଲ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶ୍ନ କରିବାରୁ ଯୁବତୀ ଜଣକ ଏହା ତାଙ୍କର ତ୍ରୁଟି ବୋଲି ଏକ ଲିଖିତ ଭାବେ ମଙ୍ଗଳା ମନ୍ଦିରକୁ ଦେବା ସହିତ କ୍ଷମା ପ୍ରାଥନା କରିଛନ୍ତି। ଅପରପକ୍ଷେ ଅଣହିନ୍ଦୁ ପ୍ରବେଶ ଯୋଗୁଁ ମା ମଙ୍ଗଳାଙ୍କ ପୁନଃସ୍ନାନ କରାଯିବା ପରେ ଭୋଗକୁ ପୋତି ଦିଆଯାଇଥିଲା। ମନ୍ଦିରରେ ପ୍ରବେଶ ନେଇ ଯୁବତୀ କିଛି ଅର୍ଥ ଜୋରିମାନା ମନ୍ଦିର ପ୍ରଶାସନକୁ ଦେଇଥିବା ଜଣାପଡିଛି।

# ଶିଶୁର ମୃତଦେହ ଜବତ, ବାପା ମାଆ ଅଟକ

**ଟାଙ୍ଗୀ-ଚୌଦ୍ୱାର, ୧୯।୧୧ (ସଂଚାର ବ୍ୟୁରୋ) :** ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ କଲୋନୀ ପାଖ ବ୍ୟାଘ୍ରବାହିନୀ ମନ୍ଦିର ନିକଟ ଆଦିବାସୀ ବସ୍ତିରେ ଏକ ୬ମାସର ଶିଶୁ ପୁତ୍ରକୁ ତାର ନିଜ ବାପା ଓ ମା ମାରିଦେଇ ମାଟିରେ ପୋତି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ଶିଶୁର ବାପା ରାଜୁ ହେମ୍ବ୍ରମ ଓ ମା ସୋମବାରୀ ହେମ୍ବ୍ରମକୁ ଥାନକୁ ଆଣି ପଚରା ଉଚରା ଜାରି ରଖିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମଙ୍ଗଳବାର ସକାଳେ ରାଜୁ ଏବଂ ତାର ସ୍ତ୍ରୀ ତାଙ୍କର ଏକ ମାତ୍ର ୬ମାସର ପୁତ୍ର ମରିଯାଇଥିବା ଦେଖି ତାକୁ ନିକଟସ୍ଥ ଓଟିଏମ ସ୍କୁଲ ପଛ ପଟରେ ଥିବା ପଡ଼ିଆରେ ଜଙ୍ଗଲିଆ ସ୍ଥାନରେ ପୋତି ଦେଇଥିଲେ। ସ୍ଥାନୀୟ ଲୋକେ ଏସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପାଖ ପଡ଼ିଶାଙ୍କୁ ନଜଣାଇ ତରବରିଆ ଭାବେ ରାଜୁ ଶିଶୁଟିକୁ ପୋତି ଦେଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାଜୁର କହିବାନୁଯାୟୀ କିଛି ଦିନ ହେବ ପୁଅକୁ ପ୍ରବଳ ଥଣ୍ଡା ଧରି ତାର କଫ ଜାକି ଦେବାରୁ ସେ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇବା ସହିତ ପୁଅକୁ ଔଷଧ ଖୁଆଉଥିଲା। ସୋମବାର ରାତିରେ ପରିବାରର ସମସ୍ତେ ଶୋଇପଡ଼ି ଥିବା ବେଳେ ମା ପାଖରେ ଶୋଇଥିବା ପୁଅର ହଠାତ୍ ଏଭଳି ମୃତ୍ୟୁ ହୋଇଛି। ଚୌଦ୍ୱାର ଆଇଆଇସି ଓ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ପରେ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକଙ୍କ ଉପସ୍ଥିତିରେ ପୋତା ଯାଇଥିବା ଶିଶୁପୁତ୍ରକୁ ମାଟିତଳୁ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନା ପଠାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରୀ ରଖିଛି।ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣା ପଡ଼ିବ ବୋଲି ଆଇଆଇସି ବିଶ୍ୱରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

# ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ଉପରେ ସଚେତନତା ରାଲି




**ଭୁବନେଶ୍ୱର, ୧୯।୧୧ (ସଂଚାର ବ୍ୟୁରୋ) :** ସାରା ବିଶ୍ୱରେ ତମାଖୁ ସେବନ ମୃତ୍ୟୁର ଏକ ପ୍ରମୁଖ କାରଣ ଅଟେ, ଯାହା କର୍କଟ, ହୃଦ ରୋଗ, ଏବଂ ଶ୍ୱାସ ଜନିତ ରୋଗର କାରଣ ହୋଇଥାଏ। ଭାରତରେ ତମାଖୁ ଯୋଗୁଁ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ଏହା କେବଳ ତମାଖୁ ସେବନକାରୀକୁ କ୍ଷତି ପହଞ୍ଚାଏ ନାହିଁ ବରଂ ପରୋକ୍ଷ ଧୂଆଁର ଶିକାର ହେଉଥିବା ଲୋକମାନଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତମାଖୁ ଛାଡିବା ଦ୍ୱାରା ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ଘଟେ ଏବଂ ଏହାର ଦୀର୍ଘସ୍ଥାୟୀ କୁପରିଣାମକୁ ରୋକିବାରେ ସମର୍ଥ ହୋଇଥାଏ।

ତମାଖୁ ମୁକ୍ତ ଯୁବ ଅଭିଯାନ ୨. ୦ ହେଉଛି କେନ୍ଦ୍ର ସରକାରଙ୍କର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ୬୦ ଦିନିଆ ଅଭିଯାନ ଯାହା ଯୁବକମାନଙ୍କୁ ତମାଖୁ ସେବନ ଛାଡିବାକୁ କିମ୍ବା ପ୍ରତିରୋଧ କରିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପିପୁଲସ୍ କଲଚରାଲ ସେଣ୍ଟର ( ପିକକ୍) ଦ୍ୱାରା ରାଜ୍ୟ ସରକାରଙ୍କର ଜନସ୍ୱାସ୍ଥ୍ୟ ବିଭାଗର ଅଣ ସଂକ୍ରମକ ରୋଗ (ଏନସିଡି) ସେଲ ତଥା ତମାଖୁ ନିୟନ୍ତ୍ରଣ ସେଲ୍, ସହଯୋଗରେ ଏକାମ୍ରହାଟ ଫାଟକ ଠାରୁ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ଏକ ଜନସଚେତନତା ସଭା ଏକାମ୍ର ହାଟ ଆମ୍ଫିଥିଏଟରରେ ଆୟୋଜନ କରାଯାଇଥିଲା। ପିପୁଲ୍ସ କଲଚରାଲ ସେଣ୍ଟର (ପିକକ୍)ର ସମ୍ପାଦକ ଶ୍ରୀ ରଂଜନ କୁମାର ମହାନ୍ତି, ଏହି ସଭାକୁ ଉଦବୋଧନ କରି ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର ଓ ଅଲମ୍ପିୟାନ ଅନୁରାଧା ବିଶ୍ୱାଳ ପତାକା ଉତ୍ତୋଳନ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର କ୍ଷେତ୍ରମୋହନ କଣ୍ଡା, ଜଣ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ ବସନ୍ତ କୁମାର ପ୍ରଧାନ, ରାଜ୍ୟ ତମାଖୁ ମୁକ୍ତ ସେଲର ଡଃ ଗିରିଜା ଶଙ୍କର ମିଶ୍ର, ରାଜ୍ୟ ଏନସିଡି ସେଲ ର ଡଃ ଲଳିତ କୁମାର ସାହୁ, ପ୍ରମୁଖ ଯୋଗଦେଇଥିଲେ।

ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ହେଲେ ପିକକ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି, ଏନସିଡିର ସହକାରୀ ପରିଚାଳକ ଡଃ ସତ୍ୟବ୍ରତ ଶତପଥୀ, ତମାଖୁ ନିୟନ୍ତ୍ରଣ ସେଲର କାର୍ଯ୍ୟକ୍ରମ ସହାୟକ ଡଃ ଶୁଭ୍ରଜିତ ପତି, ଓ ରାଜ୍ୟ ଏପିଡର୍ମାଟୋଲୋଜିଷ୍ଟ ସେଲର ଡଃ ସୁନିତା ଜେନା।

ବକ୍ତାମାନେ ତମାଖୁରୁ ଦୂରେଇ ଏକ ସୁସ୍ଥ ଜୀବନଯାପନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏକ ତମାଖୁମୁକ୍ତ ପିଢୀପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ। ସେମାନେ ଯୁବକମାନଙ୍କୁ ତମାଖୁ ସେବନରୁ ଦୂରେଇ ରହିବାକୁ ଏବଂ ସେମାନଙ୍କ ସମ୍ପ୍ରଦାୟରେ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନେବାକୁ ଉତ୍ସାହିତ କରିଥିଲେ ଏବଂ ଏକ ସୁସ୍ଥ, ତମାଖୁମୁକ୍ତ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏଥି ସହିତ ଯୁବକ ମାନେ ତମାଖୁ ଠାରୁ ନିଜକୁ ଦୂରେଇ ରଖିବାକୁ ଶପଥପାଠ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବାଲିଅନ୍ତା ବ୍ଲକର ବେଣ୍ଟପୁରର ବାଣେଶ୍ୱର ମହାବିଦ୍ୟାଳୟ, ମଦନପୁର କଲେଜ, ଖୋର୍ଦ୍ଧା, ଦେବରାୟ କଲେଜ, ଆଇଏମଏସ ଓ ବିଏମସି, ବାଲିଅନ୍ତାର ବାରିଜଙ୍ଗ ଓ ପୁରୁଣାଝିଇଣ୍ଟିର ୨୫୦ ରୁ ଅଧିକ ଯୁବକ ଅଂଶଗ୍ରହଣ କରିଥିଲେ।

# ବିଂଶତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ

**ଜଗତସିଂହପୁର, ୧୯।୧୧ (ସଂଚାର ବ୍ୟୁରୋ) :** କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ପରିସରରେ ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ରର ବାର୍ଷିକ ବିବରଣୀ




ପାଠ କରିବା ସହ ଆଗାମୀ ବର୍ଷର କାର୍ଯ୍ୟକ୍ରମ ଖସଡ଼ା ସମ୍ପର୍କରେ ବର୍ଣ୍ଣନା କରିଥିଲେ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଟାରୀ କଲିକତାର ପ୍ରଧାନ ବୈଜ୍ଞାନିକ ଡ଼ କଲ୍ୟାଣ ସୁନ୍ଦର ଦାସ ଓ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ଗବେଷଣା ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଆଭାସୀ ମାଧ୍ୟମ ରେ ଯୋଗଦାନ କରିଥିଲେ। ଏଥିରେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡଃ.ଶ୍ୟାମ ସୁନ୍ଦର ଦାସ ମହାପାତ୍ର, ଜିଲ୍ଲା କୃଷି ବିଭାଗର ଉପମୁଖ୍ୟ ନିର୍ଦ୍ଦେଶକ ସମଲେଇ ପରିଡ଼ା, ଉଦ୍ୟାନ ବିଭାଗ ଜଗତସିଂହପୁରର ଉପନିର୍ଦ୍ଦେଶକ ଅନୀଲ ସେଠୀ, ପଶୁଚିକିତ୍ସକ ତିର୍ତୋଲ ଡ଼ ନମସ୍ୟା ପ୍ରିୟଦର୍ଶିନୀ, ମତ୍ସ୍ୟ ଅଧିକାରୀ ତିର୍ତୋଲ ଗୋବିନ୍ଦ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ପ୍ରତିନିଧି ପ୍ରିୟଙ୍କା ପଟ୍ଟନାୟକ ପ୍ରମୁଖ ଓ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର କଟକ ଓ କେନ୍ଦ୍ରାପଡ଼ା ଯୋଗଦେଇ ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ। ଏହି ଜିଲ୍ଲାର ଚାରି ଜଣ ଅଗ୍ରଣୀ ଚାଷୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ମତାମତ ରଖିଥିଲେ। ଏହି ଅବସରରେ ତ୍ରୟ ମାସିକ ସମାଚାର ପତ୍ରିକା କୃଷିଶ୍ରୀ ସହିତ ଅନ୍ୟାନ୍ୟ ୫ ଗୋଟି ଉପାଦେୟ ପୁସ୍ତକ ଉନ୍ମୋଚନ ହୋଇଥିଲା।

ବୈଠକରେ ବନ୍ୟା ସହଣୀ ଧାନ କିସମ, ଲୁଣା ଧାନ କିସମ, ଲବଣତ୍ୱ ମୃତିକା ପରିଚାଳନା, ନଡ଼ିଆ ଚୋପା ଛଡା ଯନ୍ତ୍ର, ଗୁଣ୍ଡୁରି ଚଢ଼େଇ ଚାଷ, ପ୍ରାକୃତିକ କୃଷି, ଛତୁର ବିକ୍ରିବଟା, ନଡ଼ିଆ ଓ ଗୁଆ ର ରୋଗ ପୋକ ପରିଚଳନକ୍ଷ, ମାଣ୍ଡିଆ ଚାଷର ସମ୍ପ୍ରସାରଣ ଆଦି ବିଷୟରେ ଆଲୋଚନା ହୋଇଥିଲ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ବୈଠକରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ।

# ବିଦ୍ୟୁତ୍ ବିଭାଗ ଗାଡ଼ି ଧକ୍କାରେ ଶିକ୍ଷକ ଗୁରୁତର



**ନାଉଗାଁ, ୧୯।୧୧ (ସଂଚାର ବ୍ୟୁରୋ) :** ଏପରି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ଅଧୀନ ନାଉଗାଁ ଥାନା ଅଞ୍ଚଳର ଘୋଡାଶଂ ନିକଟରେ । ସୂଚନା ମୁତାବକ ନାଉଗାଁ ବିଦ୍ୟୁତ୍ ବିଭାଗର ଗାଡି ନିଜ କାର୍ଯ୍ୟରେ ଯାଉଥିବା ସମୟରେ ଘୋଡାଶଂ ପଞ୍ଚାୟତ ଅଫିସ ନିକଟରେ ଭାରସ୍ୟାମ ହରାଇ ବିପରୀତ ଦିଗରୁ ସ୍କୁଟି ନେଇ ସ୍କୁଲକୁ ଆସୁଥିବା ନାଉଗାଁ ନନ୍ଦ କିଶୋର ହାଇ ସ୍କୁଲର ଶିକ୍ଷକ ଗୋଠଦା ଗ୍ରାମର ପ୍ରଶାନ୍ତ କୁମାର ଦାସଙ୍କୁ ଧକ୍କା ଦେଇ ଗାଡିଟି ରାସ୍ତା ପାର୍ଶ୍ୱରେ ଥିବା ନାଳକୁ ଖସି ପଡିଥିଲା। ଘଟଣା ସ୍ଥଳରେ ଶିକ୍ଷକ ପ୍ରଶାନ୍ତ ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକଙ୍କ ସାହାର୍ଯ୍ୟରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପଟେ ଘଟଣାର ସୂଚନା ପାଇବା ପରେ ନାଉଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାର ଦେଖାଯାଇଛି ।

# ଜିଲ୍ଲା ଜଳ ଓ ପରିମଳ ମିଶନର ପ୍ରଥମ କାର୍ଯ୍ୟନିର୍ବାହୀ କମିଟି ବୈଠକ

**ଜଗତସିଂହପୁର, ୧୯।୧୧ (ସଂଚାର ବ୍ୟୁରୋ):** ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛ ଶୌଚାଳୟ ଅଭିଯାନ ୧୯.୧୧.୨୪ ଠାରୁ ୧୦.୧୨.୨୪ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ଜଳ ଓ ପରିମଳ ମିଶନର ପ୍ରଥମ କାର୍ଯ୍ୟନିର୍ବାହୀ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଅଛି। "ଆମର ଶୌଚାଳୟ: ଆମର ସମ୍ମାନ" ଥିମରେ ଆୟୋଜିତ ଏହି ବୈଠକ ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ସ୍ୱଚ୍ଛତା ଏବଂ ଶୌଚାଳୟ ର ବ୍ୟବହାର ସମ୍ପୂର୍ଣ୍ଣ ଭାବରେ ନିଜର ସଚେତନତା ଓ ବ୍ୟବହାରରେ ପରିବର୍ତ୍ତନ ଦ୍ୱାରା ସମ୍ଭବ ବୋଲି କହିଥିଲେ। ତୃଣମୂଳ ସ୍ତରରେ ଏହି ଅଭିଯାନକୁ ସଫଳ କରିବା ପାଇଁ ପି ଆର୍ ଆଇ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ।



କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ପଞ୍ଚାୟତ ପରିମଳ ବ୍ୟବସ୍ଥା ଉପରେ ଅଧିକ ଫୋକସ୍ କରୁଛନ୍ତି ଏବଂ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପରିମଳ ବ୍ୟବସ୍ଥା ହେଉଛି ଗୁରୁତ୍ୱପୂର୍ଣ୍ଣ। ବାହାରେ ମଳତ୍ୟାଗ କରିବା ଏକ ଖରାପ ଅଭ୍ୟାସ। ଶୌଚାଳୟ ସବୁ ଜାଗାରେ ରହିଛି କିନ୍ତୁ ଏହାର ଉପଯୋଗ ହେବା ଦରକାର। କଠିନ ଓ ତରଳ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ହେବା ଆବଶ୍ୟକ। ଆମ ଦେଶରେ ସ୍ୱଚ୍ଛ ଭାରତ ମିଶନ ୨୦୧୪ ମସିହାରୁ ଆରମ୍ଭ ହୋଇଛି। ୨୦୧୯ରେ ଆମ ରାଜ୍ୟକୁ ବାହ୍ୟ ମଳମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯାଇଛି। ପରିମଳ ସୁସ୍ଥ ରଖିବାରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିଥିଲେ ଜିଲ୍ଲାପାଳ।

ଏ ବର୍ଷ ଶୌଚାଳୟ ଦିବସର ବିଷୟବସ୍ତୁ ରହିଛି "ଆମ ଶୌଚାଳୟ ଆମ ସମ୍ମାନ"। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାଣ ଜେଠୀ ବିଶ୍ୱ ଶୌଚାଳୟ ଦିବସର ଆଭିମୁଖ୍ୟ ଏବଂ ଏଥିନିମନ୍ତେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାରେ ୧୯.୧୧.୨୪ ରୁ ୧୦.୧୨.୨୪ ରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍‌ସ୍ତରରେ ବ୍ୟକ୍ତିଗତ ଘରୋଇ ପାଇଖାନା (ଆଇଏଚଏଚଏଲ) ତଥା ଗୋଷ୍ଠୀ ଶୌଚାଳୟ ର କାର୍ଯ୍ୟକାରିତା ଓ ସ୍ୱଚ୍ଛତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗ୍ରାମ ପଞ୍ଚାୟତ ସ୍ତର,ବ୍ଲକ୍ ସ୍ତର ଓ ଶେଷରେ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବିବେଚିତ ଶୌଚାଳୟ ଗୁଡ଼ିକୁ ରାଜ୍ୟ ସ୍ତରୀୟ ପୁରସ୍କାର ନିମନ୍ତେ ମନୋନୀତ କରାଯିବ। ୧୯ ନଭେମ୍ବର ଦିନ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୁଏ ଓ ଏ ବର୍ଷର ଥୀମ ରହିଛି, "ଟୟଲେଟ, ଏ ପ୍ଲେସ ଅଫ ପିସ୍"। ଏହି ଅବସରରେ ଜିଲ୍ଲାପାଳ ଆଇ ଏଚ ଏଚ ଏଲର ହିତାଧୀକାରୀ ମାନଙ୍କୁ ପ୍ରମାଣପତ୍ର ଦେଇଥିଲେ।



### ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ

# ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା

**ଭୁବନେଶ୍ୱର, ୧୯।୧୧ (ସଂଚାର ବ୍ୟୁରୋ) :** ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଚଳିତ ମାସର ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା ଶ୍ରୀ ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ମହାମନିଷୀ ପଣ୍ଡିତ ନୀଳକଣ୍ଠ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଡକ୍ଟର ପୂର୍ଣ୍ଣେନ୍ଦୁ ଦାଶ, ଅନ୍ୟତମ ବକ୍ତା ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ ଓ ଡକ୍ଟର ଆରତି କର ଯୋଗଦେଇ ନୀଳକଣ୍ଠ ଙ୍କ କାଳଜୟୀ ସାହିତ୍ୟ, ଦେଶପ୍ରେମ, ସମ୍ବିଧାନ ସଭାରେ ତାଙ୍କର ଭାଷଣ ଓ ବିଧାନସଭାର ବାଚସ୍ପତି ଭାବେ ତାଙ୍କର ଦୃଢ଼ ନିର୍ଣ୍ଣୟ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ଆଲୋଚନାରେ ଶ୍ରୀ ପର୍ଶୁରାମ ଦ୍ୱିବେଦୀ, ବିଜୟ ମହାନ୍ତି, ବାସନ୍ତୀ ତ୍ରିପାଠୀ, ରମାକାନ୍ତ ମିଶ୍ର, ବିରଜା ପ୍ରସାଦ ଶତପଥୀ ଓ ଡକ୍ଟର ସିଦ୍ଧାର୍ଥ କାନୁନଗୋ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶ୍ରୀ ସୀତା ବଲ୍ଲଭ ମହାପାତ୍ର ସଭାଟିକୁ ପରିଚାଳନା କରିଥିଲା ବେଳେ ଶ୍ରୀ କୈଳାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବାଲିଅନ୍ତା, ୧୯।୧୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ପଞ୍ଚାୟତରେ ୪ଟି ପ୍ରକଳ୍ପ ଉଦଘାଟିତ ହେବା ସହ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ବିଜେପି ମଣ୍ଡଳ ସଭାପତି ବିଜୟ କୁମାର ମହାରଣାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯଶୁଆପୁର ସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଗଡକଣ୍ଟୁଣିଆ ସ୍ଥିତ ମା' ଦୁଲାଦେଇ ଗୋଷ୍ଠୀକେନ୍ଦ୍ର, ରାଇଗୁରୁ ବାସୁଦେଇପୁର ସ୍ଥିତ ଶ୍ମଶାନ ଗୃହ , ନାଗପୁର ସ୍ଥିତ ସାଂସ୍କୃତିକ କେନ୍ଦ୍ରର ଉଦଘାଟନ କରିଥିଲେ। ପ୍ରାୟ ୪୦ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ମଣ୍ଡଳ ଉନ୍ନୟନ ଅଧିକାରୀ ପବିତ୍ର ସାମଲ , ବରିଷ୍ଠ ବିଜେପି ନେତା ସୁବାଷ ଜେନା, ମାଗୁଣି ସେଠୀ , ଚୌଧୁରୀ ଦ୍ୱାରିକାନାଥ ଦାସ , ପ୍ରଦୀପ୍ତ ମହାନ୍ତି, ସିଦ୍ଧେଶ୍ୱର ନାଥ, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ, ତାପସ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅଂଚଳର ମହିଳା ମାନେ ହୁଳହୁଳି ସହ ଜୟ ଶ୍ରୀରାମ, ଅପରାଜିତା ଜିନ୍ଦାବାଦ ଧ୍ୱନି ଦେଇ ସାଂସଦକୁ ପାଛୋଟି ନେଇଥିଲେ। ଶିବ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନଭେମ୍ବର ୨୨ରେ 'ତୁ ମୋ କମଜୋରୀ'

**ଭୁବନେଶ୍ୱର, ୧୯।୧୧ (ସଂଚାର ବ୍ୟୁରୋ) :** ସୁପ୍ରିମ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆସନ୍ତା ୨୨ ତାରିଖ ଦିନ ପରଦାକୁ ଆସିବାକୁ ଯାଉଛି ନୂଆ ଓଡ଼ିଆ ଫିଲ୍ମ 'ତୁ ମୋ କମଜୋରୀ' । ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଫିଲ୍ମର ମୁକ୍ତିଲାଭ କରିବାକୁ ଥିବା ତାରିଖ ଘୋଷଣା କରାଯାଇଛି । ତ୍ରୀକୋଣୀୟ ପ୍ରେମ କାହାଣୀକୁ ନେଇ ଏହି ଚଳଚିତ୍ର ପ୍ରସ୍ତୁତ ହୋଇଥିବା ବେଳେ ଏକ ଭିନ୍ନ ପ୍ରେମ କାହାଣୀ ଦେଖିବେ ଦର୍ଶକ। ଆସନ୍ତା ନଭେମ୍ବର ୨୨ ତାରିଖଦିନ ସାରା ଓଡିଶାରେ ଏହି ଚଳଚିତ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।



ଆଶୁତୋଷ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଲଭ, ରୋମାନ୍ସ ଓ ପାରିବାରିକ କାହାଣୀକୁ ନେଇ ଫିଲ୍ମଟି ଗତିଶୀଳ ହୋଇଥିବା ବେଳେ ବେଶ ସୁନ୍ଦର ଶବ୍ଦ ସଂଯୋଜନାରେ ପ୍ରେମ ଆନନ୍ଦ ଙ୍କ ସଂଗୀତ ନିର୍ଦ୍ଦେଶନା ରେ ୬ଟି ଗୀତ ରହିଛି ବୋଲି ଏହି ସିନେମା ର କ୍ରିଏଟିଭ ବିଭାଗ ମୁଖ୍ୟ ଶ୍ୟାମା ପ୍ରସାଦ ମିଶ୍ର କହିଛନ୍ତି। ଏଥିରେ ଥିବା ପ୍ରତ୍ୟେକ ଗୀତରେ ସୁଗାୟିକା ଦୀପ୍ତିରେଖା, ହ୍ୟୁମାନ ସାଗର, ସବିଶେଷ, ଆଶୁତୋଷ, ଅନନ୍ୟା ଶ୍ରୀତମ ନନ୍ଦ ପ୍ରମୁଖ କଣ୍ଠଦାନ କରିଛନ୍ତି । ଗୀତ ଗୁଡ଼ିକୁ ରଚନା କରିଛନ୍ତି ବସନ୍ତ ରାଜ ସାମଲ, ସୁବ୍ରତ ସ୍ୱାଇଁ ଏବଂ ନିର୍ମଳ ନାୟକ। କୋରିଓଗ୍ରାଫର ଅଛନ୍ତି ନିଜେ ମୁଖ୍ୟ ଅଭିନେତା ରାକେଶ ଦେଓ, ଏଡିଟର ରଞ୍ଜନ ଖାଟଇ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ସୁରେଶ ସାହୁ, ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ସହପ୍ରଯୋଜିକା ଭାର୍ଗବୀ ତ୍ରିପାଠୀ, ଡିଓପି ଶୁଭମ, ଅଭିନେତା ରାକେଶ ଦେଓ, ଲିପିକା, ପବ୍ଲିସିଟି ମୁଖ୍ୟ ହରପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ସିନେମା "ତୁ ମୋ କମଜୋରୀ" ଆଗାମୀ ଦିନରେ ଦର୍ଶକ ମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ବୋଲି ଅଭିନେତା ରାକେଶ ଦେଓ ଓ ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ କହିଥିଲେ। ଫିଲ୍ମଟି ସୁପ୍ରିମ ଏଣ୍ଟରଟେନମେଣ୍ଟ ବ୍ୟାନରରେ ରିଲିଜ ହୋଇଥିବା ବେଳେ ମୌଳିକ କାହାଣୀ ଉପରେ ଏକ ଭିନ୍ନ ସ୍ୱାଦର ପ୍ରେମ କାହାଣୀ ଅଟେ। ଏହି ଚଳଚିତ୍ରର କାହାଣୀ ଆଶୁତୋଷ ତ୍ରିପାଠୀ ଲେଖିଥିବା ବେଳେ ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି । ପ୍ରଯୋଜକ ଅଛନ୍ତି ସୁରେଶ ସାହୁ ଏବଂ ସହ ପ୍ରଯୋଜକ ଅଛନ୍ତି ଭାର୍ଗବୀ ତ୍ରିପାଠୀ। ରାକେଶ ଦେଓଙ୍କ ବ୍ୟତୀତ ଏଥିରେ ଅଛନ୍ତି ଅଭିନେତ୍ରୀ ଅନୁଭା ଓ ଲିପିକା। ଅନ୍ୟମାନଙ୍କ ମଧ୍ୟରେ ରତନ ମେହେର, ଅଶ୍ରୁମୋଚନ ମହାନ୍ତି, ନଟିଆ, ସଚିନ, ଆଶିଷ, ସୁଶାନ୍ତ, ଯୋଗେଶ ଜୋଜୋ ପ୍ରମୁଖ ଅଭିନୟ କରିଛନ୍ତି । ଫିଲ୍ମଟି ଆସନ୍ତା ନଭେମ୍ବର ୨୨ ତାରିଖ ଦିନ ରିଲିଜ ହେବ ।

ସଂଚାର THE SANCHAR

# କିଡନୀ ରୋଗର ହେବ ମାଗଣା ଚିକିତ୍ସା



- ରେଢ଼ାଖୋଲ ଅଞ୍ଚଳବାସୀ ହେବେ ଉପକୃତ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ

ରେଢ଼ାଖୋଲ,୧୯।୧୧ (ସଂଚାର ବ୍ୟୁରୋ): ସମ୍ବଲପୁର ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର କେନ୍ଦ୍ର ଶିକ୍ଷା ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ 'ନିଶୁଳ୍କ ଡାୟାଲିସିସ୍ ସେବା' ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବରୁ ଦେଶରେ ବିଭିନ୍ନ ରାଜ୍ୟର ରାଜଧାନୀ ବା ବଡ ବଡ ସହରରେ ଡାୟାଲିସିସ୍ ସେଣ୍ଟରର ବ୍ୟବସ୍ଥା ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିରୁ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ସରକାରୀ ବ୍ୟବସ୍ଥାରେ ଡାୟାଲିସିସ୍ ସେଣ୍ଟର ଖୋଲାଯିବା ସହ ମାଗଣାରେ ଏହି ଚିକିତ୍ସା ସେବା ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଡାୟାଲିସିସ୍ ସେଣ୍ଟର୍ ଉପଲବ୍ଧ ହେବାଦ୍ୱାରା ଏହି ସମ୍ବନ୍ଧୀୟ ରୋଗୀଙ୍କୁ ଆଉ ଦୂରଦୂରାନ୍ତର ଯାତ୍ରା କରିବାକୁ ପଡ଼ିବ ନାହିଁ। ଏହି ଠାରେ ହିଁ ମାଗଣାରେ କିଡ଼ନୀ ରୋଗର ଚିକିତ୍ସା ସେବା ପାଇବା ସହ ସେମାନେ ବହୁଳ ଖର୍ଚ୍ଚରୁ ବଞ୍ଚିତ ହୋଇପାରିବେ। ଆଜିର ପଦକ୍ଷେପ ଦ୍ୱାରା ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ପ୍ରାୟ ୪ ଲକ୍ଷ ଲୋକମାନେ ଉପକୃତ ହେବେ। ଦେଶରେ ଡାୟାଲିସିସ ଚିକିତ୍ସା ସୁବିଧାକୁ ବ୍ୟାପକ କରିବା ସହ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ, ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆସୁଛି ଆଉ ଏକ ଲଘୁଚାପ



- କୁହୁଡ଼ି ନେଇ ସତର୍କ ସୂଚନା ଜାରି

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ପୁଣି ଆସୁଛି ଆଉ ଏକ ଲଘୁଚାପ। ଆସନ୍ତା ୨୩ ତାରିଖରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ସତର୍କ କରାଇଛି ପାଣିପାଗ ବିଭାଗ। ବଙ୍ଗୋପସାଗରରେ ଲଘୁଚାପ ଦାନା ବାନ୍ଧୁଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପାଣିପାଗ ବିଭାଗ କହିବା ଅନୁଯାୟୀ, ଆସନ୍ତା ୨୧ ତାରିଖ ସୁଦ୍ଧା ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି । କ୍ରମେ ଏହା ଘନୀଭୂତ ହୋଇ ୨୩ ତାରିଖରେ ଲଘୁଚାପ ରୂପ ନେବ । ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଅବପାତର ରୂପ ନେବ। ତେବେ ଲଘୁଚାପର ପ୍ରଭାବ କିଭଳି ରହିବ, ତାହା ଏଯାଏଁ ସ୍ପଷ୍ଟ ହୋଇ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେପଟେ କ୍ଷେତରେ ଧାନ ହସୁଥିବା ବେଳେ ଚାଷୀ ଭାଇଙ୍କ ଚିନ୍ତା ବଢ଼ାଇଲାଣି ଲଘୁଚାପ । ଧାନ ଅମଳ ସମୟ ହୋଇଥିବା ବେଳେ ବର୍ଷା ଚାଷ ପ୍ରତି ବିପଦ ଆଣିପାରେ। ଧାନ ନଷ୍ଟ ହେବା ଚିନ୍ତା ଚାଷୀଙ୍କୁ ଘାରିଲାଣି। ଏତଦ୍‌ଭିନ୍ନ କୁହୁଡି ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ରାଜ୍ୟରେ ଧୀରେ ଧୀରେ ବଢ଼ୁଛି ଶୀତ। କୋହଲା ପବନ ବୋହୁଛି। ରାତିରେ ତାପମାତ୍ରା ଖସିବାରେ ଲାଗିଛି।

## ବନ୍ଧା ହେଲେ ଦୁଇ କୋଟିପତି ବାବୁ

ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶେଷରେ ଦୁଇ କୋଟିପତି ବାବୁଙ୍କୁ ବାନ୍ଧିଛି ଭିଜିଲାନ୍ସ। କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଓ ବ୍ରହ୍ମପୁର ଡିଭିଜନର ଡିଜିଏମ୍ ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ଭିଜିଲାନ୍ସ ଗିରଫ କରିଛି।

ଗତକାଲି କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ସମେତ ଏକାକାଳୀନ ଭୁବନେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ୧୦ଟି ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଚଢ଼ାଉରେ ୭ ଡିଏସପି, ୩ ଜଣ ଇନସପେକ୍ଟର ଏବଂ ୮ ଜଣ ଆଇଆଇସି ସାମିଲ ଥିଲେ। ଚଢ଼ାଉ ବେଳେ ୩ଟି ବହୁତଳ ପ୍ରାସାଦ ସହ ଭୁବନେଶ୍ୱରରେ ଗୋଟିଏ ୩ ମହଲା କୋଠା, ୧୪ଟି ଦାମୀ ପ୍ଲଟ୍, ୧ଲକ୍ଷ୪୮ହଜାର



ନଗଦ ଟଙ୍କା ଓ ୩୬୬ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଥିଥିଲା। ଏଥିସହ ଉପଜିଲ୍ଲାପାଳଙ୍କର ୩୪ଲକ୍ଷ ୫୭ ହଜାର ଟଙ୍କା ଫିକ୍ସ ଡିପୋଜିଟ୍ ରଖିଥିବା ଭିଜିଲାନ୍ସ ସୂଚନା ପାଇଛି। ତେବେ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ଭିଜିଲାନ୍ସ। ସେହିପରି ଓଡ଼ିଶା ପୋଲିସ୍ ହାଉସିଂ ୱେଲଫର୍ କର୍ପୋରେସନ୍‌ର ବ୍ରହ୍ମପୁର ଡିଭିଜନର ଡିଜିଏମ୍ ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ମଧ୍ୟ ଗିରଫ କରିଛି ଭିଜିଲାନ୍ସ। ଚଢ଼ାଉ ବେଳେ କେଜିଏ ସୁନା, ଭୁବନେଶ୍ୱର ବରିମୁଣ୍ଡରେ ୨ ମହଲା କୋଠା, ଭୁବନେଶ୍ୱରରେ ୪ଟି ବହୁମୂଲ୍ୟ ପ୍ଲଟ ୧୩ ଲକ୍ଷ ଟଙ୍କା, ଗୋଟିଏ କ୍ରେଟା ଓ ଆଉ ଗୋଟିଏ ବେନାମୀ କାର ଜବତ କରାଯାଇଥିଲା। ଚଢ଼ାଉ ବେଳେ ପଡ଼ୋଶୀଙ୍କ ଟେରାସ୍‌କୁ ୧୦ ଲକ୍ଷ ଟଙ୍କା ବିଡ଼ା ଫୋପାଡ଼ିଦେଇଥିଲେ ଡିଜିଏମ୍ ପଣ୍ଡା।

## ଭରତପୁର ଥାନାରେ ତଦନ୍ତ କମିଶନ

## ପୂର୍ବତନ ଆଇଆଇସିଙ୍କୁ ପଚରାଉଚରା




ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ଭରତପୁର ଥାନାରେ ମେଜର ଓ ତାଙ୍କର ବାନ୍ଧବୀଙ୍କୁ ପୁଲିସର ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗର ତଦନ୍ତ ଜାରି ରହିଛି। ମଙ୍ଗଳାର ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିସନ ସ୍ପଟ୍ ଭିଜିଟ୍ କରିଛନ୍ତି। ଏହି ଅବସରର ସେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ଅନ୍ୟ ୪ ଜଣ ପୁଲିସ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ପୂର୍ବରୁ କମିସନଙ୍କ ନିକଟରେ ମେଜର ଓ ବାନ୍ଧବୀ ନିଜର ପକ୍ଷ ରଖିସାରିଛନ୍ତି। ମାମଲାର ତଦନ୍ତ ଜାନୁଆରି ୧୫ରୁ ୨୦ ଭିତରେ ଶେଷ ହେବ ଏ। ଜାନୁଆରି ୧୫ରୁ ୨୦ ତାରିଖ ଭିତରେ ତଦନ୍ତ କମିସନ ରାଜ୍ୟସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଆସନ୍ତା ୨୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେଦିନ ଯେଉଁ ଘଟଣା ଘଟିଥିଲା ଓ ଉଭୟ ପକ୍ଷ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଛନ୍ତି କମିସନ। ସେଦିନ ରାତି ଥାନା ଭିତରେ କେଉଁ ଜାଗାରେ କ'ଣ ଘଟିଥିଲା ସେନେଇ ଉଭୟ ପକ୍ଷ ସିନ୍ ରିକ୍ରିଏଟ କରି ଜଷ୍ଟିସ ଦାସଙ୍କୁ ଦେଖାଇବା ସହ ଘଟଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଭରତପୁର ଥାନା ମାମଲାରେ ସରକାର ନୂଆ ପଦକ୍ଷେପ ନେଇଛନ୍ତି। ସେନା ସୁରକ୍ଷା ଅଧିକାରୀଙ୍କ ପାଇଁ ଥାନାରେ କିଭଳି ବ୍ୟବହାର ରହିବ ସେ ନେଇ ରାଜ୍ୟ ସରକାର ଜାରି କରିଛନ୍ତି ସ୍ୱତନ୍ତ୍ର ଏସ୍‌ଓପି।

## କଳକୀ ଆଶ୍ରମ ଉପରେ ଚାଲିବ ବୁଲଡୋଜର !


ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): କଳିଯୁଗର କଳକୀ ଆଶ୍ରମକୁ ନେଇ ଗତ ୫ ଦିନ ଧରି ବିବାଦ ଜୋର ଧରିଛି। ଗଣମାଧ୍ୟମରେ କଳକୀଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ସରକାରୀ ଜମିକୁ ବି ମାଡିବସି ତିଆରି ହୋଇଛି ବୈକୁଣ୍ଠଧାମ ଆଶ୍ରମ। ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ଆଶ୍ରମ ଜାଗାକୁ ମାପଚୁପ କରି ଏ ତଥ୍ୟ ପାଇଛନ୍ତି। ଏହି ଆଧାରରେ ବେଆଇନ ଭାବେ ସରକାରୀ ଜାଗା ଉପରେ ତିଆରି ହୋଇଥିବା ଆଶ୍ରମକୁ ଭଙ୍ଗାଯିବ। ଏଥିପାଇଁ ସବୁ ପ୍ରସ୍ତୁତି ସରିଥିବା ଜଣାପଡିଛି।

ଧର୍ମାନ୍ଧ ଲୋକଙ୍କୁ ଭୁଆଁ ବୁଲାଇ ପଣ୍ଡିତ କାଶିନାଥ ମିଶ୍ର ତାଙ୍କ ପୁଅକୁ କଳିଯୁଗର କଳକୀ ଅବତାର ବୋଲି ବୋଲାଉଥିଲା। ଏଥିପାଇଁ ପୁଅର ଜଳାଭିଷେକ ସହ ପୂଜାର୍ଚ୍ଚନା ଓ ପାଦରେ ତୁଳସୀ ଚଢ଼ାଯାଉଥିଲା। ବିଦେଶରେ ମଧ୍ୟ କଳକୀ ଅବତାରକୁ ନେଇ ଅଫିସ ଖୋଲିଥିଲା। ଦେଶ ଓ ବିଦେଶରୁ ଭକ୍ତ ଆସୁଥିଲେ ଆଉ ସେମାନଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଦାୟ ହେଉଥିଲା।

ଏହି ଘଟଣା ପ୍ରଘଟ ହେବା ପରେ ପଣ୍ଡିତ କାଶିନାଥ ମିଶ୍ର ନିଜ ପୁଅ ସହ ଭୁବନେଶ୍ୱରରୁ ଫେରାର ହୋଇଯାଇଛନ୍ତି। ଏପରିକି ଆଶ୍ରମର ଟ୍ରଷ୍ଟି ପାଣ୍ଡବ ପରିଡା ମଧ୍ୟ ଦୁଇ ଦିନ ହେଲା ଆଶ୍ରମ ଛାଡି ପଳାଇଛନ୍ତି। ଏସବୁ ଭିତରେ ଏବେ ବେଆଇନ ଭାବେ ବୈକୁଣ୍ଠଧାମ ଆଶ୍ରମ ଦଖଲରେ ଥିବା ସରକାରୀ ଜମିକୁ ଜବରଦଖଲମୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଆସନ୍ତା ଦିନେ ଦୁଇ ମଧ୍ୟରେ ବୁଲଡୋଜର ଚାଲିବ ବୋଲି ସୂଚନା ମିଳିଛି।




## ଦିନେ ବଢ଼ିଲା ବାଲିଯାତ୍ରା



କଟକ,୧୯।୧୧ (ସଂଚାର ବ୍ୟୁରୋ): ସାଧାରଣ ଲୋକଙ୍କ ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ଐତିହାସିକ କଟକ ବାଲିଯାତ୍ରାର ଅବଧିକୁ ଆଉ ଦିନଟିଏ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ବାଲିଯାତ୍ରା ୨୨ତାରିଖ ପରିବର୍ତ୍ତେ ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ କଟକ ବାଲିଯାତ୍ରାକୁ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ଚଳିତ ନଭେମ୍ବର ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ୮ଦିନ ପର୍ଯ୍ୟନ୍ତ ଆୟୋଜିତ ଏହି ନବମ ଦିବସରେ ଉଦଯାପନ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବାଲିଯାତ୍ରାକୁ ଉଦଘାଟନ କରିଥିଲେ। ଚଳିତବର୍ଷ କଟକ ବାଲିଯାତ୍ରାରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତମାନଙ୍କୁ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ଏହି ଐତିହାସିକ ବାଲିଯାତ୍ରାକୁ 'ୟୁନେସ୍କୋ' ମାନ୍ୟତା ଦେବା ପାଇଁ ପ୍ରୟାସ କରୁଥିବା ଜଣାପଡ଼ିଛି ।

## ନବଜାତ କନ୍ୟାକୁ ବିକିଲା ମାଆ

ରାୟଗଡ଼ା,୧୯।୧୧ (ସଂଚାର ବ୍ୟୁରୋ): ଦାରିଦ୍ର୍ୟ ଯୋଗୁଁ ନିଜର ନବଜାତକନ୍ୟାକୁ ୨୦ ହଜାର ଟଙ୍କାରେ ବିକି ଦେଲା ମାଆ। ଜେକେପୁର ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ସାହିରେ ଏହି ଅଭାବନୀୟ ଘଟଣା ଘଟିଛି। ଖବର ପାଇ ସିଡବ୍ଲ୍ୟୁସି ପହଞ୍ଚି ଦତନ୍ତ ଚଳାଇଛି। ନଭେମ୍ବର ୩ରେ ଜନ୍ମ ହୋଇଥିବା କନ୍ୟାକୁ ୧୧ରେ ବକ୍ରି କରିଥିଲା। ଶିଶୁକନ୍ୟା ଏବେ ଆନ୍ଧ୍ରରେ ଥିବା ସୂଚନା ମିଳିଛି। ପିଲା ଜନ୍ମ ହେବାପରେ କତାପେଟାର ଏକ ଫେରିବାଲା ମହିଳା ନେବା ପାଇଁ ଜିଦ୍ ଧରିବାରୁ ଦେଇ ଦେଇଛୁ। ସେ ୨୦ ହଜାର ଟଙ୍କା ଦେଇଛି ବୋଲି କହିଛନ୍ତି ମାଆ ବାପା। ଅନ୍ୟପକ୍ଷରେ ବିକ୍ରି ହୋଇଥିବା ଶିଶୁକନ୍ୟାକୁ ଖୁବଶୀଘ୍ର ସିଡବ୍ଲ୍ୟୁସି ନିକଟରେ ହସ୍ତାନ୍ତର କରିବା ପାଇଁ କୁହାଯାଇଛି । କୁମୁଦ ଗାଣ୍ଟା ଓ ରାହୁଲ ଧାନବେଡ଼ ଚାନ୍ଦିଲି ଥାନା ନୂଆପଡା ସାହିରେ ରୁହନ୍ତି। ତାଙ୍କର ପୂର୍ବରୁ ୩ବର୍ଷର ଏକ ଝିଅ ଅଛି। ରାହୁଲ ଦିନ ମଜୁରିଆ। ମୂଲ ମଜୁରିରୁ ଯାହା ମିଳେ ସେଥିରେ ଚଳିବା କଷ୍ଟକର। ରାସନକାର୍ଡ ନ ଥିବାରୁ ପିଡ଼ିଏସ ଚାଉଳ ମିଳୁନି। ଘର ନ ଥିବାରୁ ଭାଇ ଘରେ ଆଶ୍ରୟ ନେଉଛୁ ବୋଲି କହିଛନ୍ତି ମାଆ ବାପା। ପିଲା ଜନ୍ମ ହବାପରେ କତାପେଟାର ଏକ ବୁଲାବିକାଳୀ ମହିଳା କାନ୍ଦିବାରୁ ମୁଁ ମୋ ପିଲାକୁ ଦେଇଦେଇଥିଲି ଓ ସେ ମୋତେ ୨୦ ହଜାର ଟଙ୍କା ଦେଇଛନ୍ତି ବୋଲି କହିଛନ୍ତି ମାଆ।

## ପରିତ୍ୟକ୍ତ ଖଣିରେ ପଡ଼ିବ ତାଜପ କେନ୍ଦ୍ର ପାଉଁଶ

### ନିର୍ଦ୍ଦେଶ ଦେଲେ ସରକାର

ଭୁବନେଶ୍ୱର, ୧୯।୧୧-(ତଥ୍ୟ) ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶକୁ ଖାଲି ପଡ଼ିଥିବା ଖଣିଗୁଡ଼ିକରେ ପକାଯିବ। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୨୦୧୯ ମାର୍ଗନିର୍ଦ୍ଦେଶିକା ଆଧାରରେ ଏହା କରିବାପାଇଁ ରାଜ୍ୟ ସରକାର ତିନି ଜିଲ୍ଲାର ଜିଲ୍ଲାପାଳଙ୍କୁ କହିଛନ୍ତି। ତାପଜ ବିଦ୍ୟୁତ୍ ଉତ୍ପାଦନ କରୁଥିବା ବେଦାନ୍ତ କମ୍ପାନୀ ପକ୍ଷରୁ ମିଳିଥିବା ଅନୁରୋଧକୁ ବିଚାର କରି ଇସ୍ପାତ ଓ ଖଣି ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭାଗର ସ୍ୱତନ୍ତ୍ର ସଚିବ ଏହି ମର୍ମରେ ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ଼ର ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ଏଥିରେ କୁହାଯାଇଛି ଯେ ଯେଉଁସବୁ ଖଣିଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମାର୍ଗଦର୍ଶିକା ଆଧାରରେ ସେଠାରେ ପାଉଁଶ ପକାଇବାକୁ ପଦକ୍ଷେପ ନିଅ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ଥିବା ମାର୍ଗଦର୍ଶିକାକୁ ଜିଲ୍ଲାପାଳମାନଙ୍କୁ ପୂର୍ବରୁ ପଠାଇ ଦିଆଯାଇଛି। ଯେଉଁସବୁ ଖଣିଗୁଡ଼ିକୁ ପରିତ୍ୟକ୍ତ ବୋଲି ଘୋଷଣା କରାଯାଉଛି ଜିଲ୍ଲା ପ୍ରଶାସନ ସେଗୁଡ଼ିକୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ଅନ୍ୟ ଆଇନ୍ ଓ ଅଧିନିୟମ ବଳରେ ପୂରଣ କରିବାପାଇଁ ପଦକ୍ଷେପ ଗ୍ରହଣ କରିପାରିବେ। ଯେତେବେଳେ ଖାଲି ପଡ଼ିଥିବା ଏହି ଖାଦାନଗୁଡ଼ିକୁ ପୂରଣ କରିବାପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ ସେତେବେଳେ ଲଘୁ ଖଣିଜ ଦ୍ରବ୍ୟ ସଂକ୍ରାନ୍ତୀୟ ନିୟମାବଳୀକୁ ଧ୍ୟାନ ଦେବାପାଇଁ କୁହାଯାଇଛି। ଉଲ୍ଲେଖ କରାଯାଇପାରେ ଯେ ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଦୈନିକ ବାହାରୁଥିବା ପାଉଁଶ ପକାଇବା ଏବେ ଚିନ୍ତାର କାରଣ ହୋଇଥିବାବେଳେ ଆଇନ୍ କାନୁନ୍‌କୁ ନେଇ ଜିଲ୍ଲା ପ୍ରଶାନ ଏକ ପ୍ରକାର ହାତଟେକି ଦେଇଥିଲା। ଏହାର ସୁଯୋଗରେ ସ୍ଥାନୀୟ ଲୋକେ ମଧ୍ୟ ନିଜ ନିଜ ଅଞ୍ଚଳରେ ପାଉଁଶ ପକାଇବାକୁ ବିରୋଧ କରୁଥିଲେ। ତେଣୁ ବିଭିନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ର ମୁଣ୍ଡରେ ପାଉଁଶ ବୋଝ ବଢ଼ି ବଢ଼ି ଚାଲିଥିଲା। ପାଉଁଶ ସମସ୍ୟାର ସମାଧାନ ପାଇଁ ନିକଟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉଚ୍ଚସ୍ତରୀୟ ବୈଠକ ଡାକିଥିବାବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଇସ୍ପାତ ଓ ଖଣି ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଜିଲ୍ଲା ପ୍ରଶାସନଗୁଡ଼ିକୁ କହିଥିଲେ। ତଦନୁଯାୟୀ ଇସ୍ପାତ ଓ ଖଣି ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମାର୍ଗଦର୍ଶିକା ଆଧାରରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଉଲ୍ଲେଖନୀୟ ଯେ କେବଳ ଝାରସୁଗୁଡା ଜିଲ୍ଲାରେ ଥିବା ତାଜପ ବିଦ୍ୟୁତ୍ କେନ୍ଦ୍ରରୁ ବାର୍ଷିକ ପ୍ରାୟ ଦେଢ କୋଟି ମେଟ୍ରିକ ଟନ୍ ପାଉଁଶ ବାହାରୁଛି। ବର୍ତ୍ତମାନ ଇସ୍ପାତ ଓ ଖଣି ବିଭାଗ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାପରେ ଏହି ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ ବୋଲି ତାଜପ କେନ୍ଦ୍ରଗୁଡିକ ବିଚାରୁଛନ୍ତି। (ତଥ୍ୟ)

## ଭାରତ-ଇଂଲଣ୍ଡ ଦିନିକିଆ

### ଟିକେଟ ଦାମ ହ୍ରାସ



କଟକ,୧୯।୧୧ (ସଂଚାର ବ୍ୟୁରୋ): କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷକୁ ଦେଖି ହ୍ରାସ ପାଇଲା ବାରବାଟୀ ଟିକେଟ ଦର। ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ଟିକେଟ ଦର ହ୍ରାସ ପାଇଛି। ଗ୍ୟାଲେରୀ ୧ ଓ ୩ ପାଇଁ ଟିକେଟ ୧୨୦୦ରୁ ୧୧୦୦ ଟଙ୍କାକୁ ହ୍ରାସ କରିଛି ଓସିଏ। ଗ୍ୟାଲେରୀ ୫ ପାଇଁ ଟିକେଟ ମୂଲ୍ୟ ୧୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୨୦୦ ଟଙ୍କା କରାଯାଇଛି। ଗ୍ୟାଲେରୀ ୨ ଓ ୪ ପାଇଁ ପୂର୍ବରୁ ୧୦୦୦ ଟଙ୍କା ଧାର୍ଯ୍ୟ ଟିକେଟ ମୂଲ୍ୟକୁ ୯୦୦ ଟଙ୍କାକୁ ହ୍ରାସ କରାଯାଇଛି। ସେହିଭଳି ପୂର୍ବରୁ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଗ୍ୟାଲେରୀ ୭ ପାଇଁ ଟିକେଟ ମୂଲ୍ୟ ୭୦୦, ସ୍ପେଶାଲ୍ ଏନକ୍ଲୋଜର୍ ୭ ହଜାରରରୁ ହଜାରେ ଟଙ୍କା କମାଇ ଏହାକୁ ୬ ହଜାର ଟଙ୍କା କରାଯାଇଛି। ଏସି ଗ୍ୟାଲେରୀ ବକ୍ସ ୮ ହଜାର ରଖାଯାଇଛି। ତେବେ କର୍ପୋରେଟ ବକ୍ସ ପାଇଁ ପୂର୍ବ ନିର୍ଦ୍ଧାରିତ ୨୦ ହଜାର ଟଙ୍କା ଓ ନ୍ୟୁ ପ୍ୟାଭିଲିୟନ ପାଇଁ ୧୦ ହଜାର ଟଙ୍କା ଟିକେଟ ଦରକୁ ଅପରିବର୍ତ୍ତିତ ରଖିଛି ଓସିଏ। ଫେବୃଆରୀ ୯ରେ ବାରବାଟୀରେ ଭାରତ ଓ ଇଂଲଣ୍ଡ ୱାନ୍ ଡେ ଇଣ୍ଟରନ୍ୟାସନାଲ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚଟି ଯେପରି ଜିଲ୍ଲା ପ୍ରଶାସନ, ପୋଲିସ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ସୂଚାରୁ ରୂପେ ସମ୍ପାଦନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ଖେଳାଳୀଙ୍କ ରହଣି ବ୍ୟବସ୍ଥା, ଷ୍ଟାଡିୟମ୍‌ରେ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯୋଇଛି। ବୈଠକରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ଜାଲିଆତିର ତଦନ୍ତ କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୧୯।୧୧ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାଟିତୋଟା ମୌଜାରେ ଶ୍ରୀଜିଉଙ୍କ ଜମି କେଳେଙ୍କାରୀର ତଦନ୍ତ ଆରମ୍ଭ ହୋଇଛି। ଯେଉଁମାନେ ଶ୍ରୀମନ୍ଦିର ଜମି ଅକ୍ତିଆର ବା ଏହି ଜମିରେ କୋଠା ନିର୍ମାଣ କରିଛନ୍ତି, ତାକୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଳି ସାହି ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ମାଟିତୋଟା ମୌଜାର ୟୁନିଟ ୧ ଖାତା ନମ୍ବର ୩୮ରେ ୧୦୯ଟି ରେଭିନ୍ୟୁ ପ୍ଲଟ ବେଆଇନ ଭାବେ ଜବରଦଖଲ ସହ ହସ୍ତାନ୍ତର ହୋଇଥିବା ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ନେଇ ବାସେଳି ସାହି ଥାନାରେ ଏତଲା ଦିଆଯାଇଛି। କେଉଁମାନେ ଜମି କିଣିଛନ୍ତି, କିଏ ଘର ନିର୍ମାଣ କରିଛନ୍ତି, ସେନେଇ ତଦନ୍ତ କରାଯାଉଛି। ନିର୍ମାଣ ହୋଇଥିବା ଘର ଉଚ୍ଛେଦ କରାଯିବ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ନାକତଳେ ମାଟିତୋଟା ମୌଜାରେ ମହାପ୍ରଭୁଙ୍କ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଯେଉଁଠି ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ଥିବା ୧୦୯ଟି ପ୍ଲଟର ମୋଟ୍ ୬୪ ଏକର ଜବରଦଖଲ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲା ପ୍ରଶାସନ। ଘଟଣା ସାମ୍ନାକୁ ଆସିବା ପରେ ସେବାୟତ ଏବଂ ପୁରୀବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବସ୍ତିବାସିନ୍ଦାଙ୍କୁ ଘର ବାଣ୍ଟିଲେ ମନ୍ତ୍ରୀ




ସମ୍ବଲପୁର, ୧୯।୧୧ (ସଂଚାର ବ୍ୟୁରୋ): ବସ୍ତିଗୁଡିକର ପୁନଃ ନିର୍ମାଣ କରିବା ସହିତ ସୁଲ୍ଲଭ ଗୃହ ନିର୍ମାଣ କରି ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ବାସୋପୋଯୋଗୀ ଗୃହ ଆବଣ୍ଟନ କରି ଆସୁଅଛନ୍ତି। ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଟୋକନ ଦ୍ୱାରା ହିତାଧିକାରୀଙ୍କୁ ଘର ବଣ୍ଟନ କରାଯାଇଛି। ଚନ୍ଦ୍ରଶେଖରପୁର ମୌଜାରେ ୨୦ ଏକର ପରିମିତ ଜାଗାରେ ୨୬୦୦ଟି ଗୃହ ନିର୍ମାଣ ପାଇଁ ଯୋଜନା ହୋଇଛି ଏବଂ ତନ୍ମଧ୍ୟରୁ ୮୨୦ ଟି ଘରର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିଛି। ଏଠାରେ ଅଦ୍ୟାବଧି ୬୯୦ ଟି ଘରର ଆବଣ୍ଟନ ହୋଇସାରିଛି ଏବଂ ୪୭ ଯୋଗ୍ୟ ହିତାଧିକାରୀ ପରିବାରକୁ ଘର ଆବଣ୍ଟନ କରାଯାଇଛି। ଅବଶିଷ୍ଟ ୧୮୬୩ ଗୃହ ପର୍ଯ୍ୟାୟକ୍ରମେ ଆବଣ୍ଟନ କରାଯିବ।

କେୟାର ହସ୍ପିଟାଲ ନିକଟସ୍ଥ ନୀଳମାଧବ ବସ୍ତିର ଏ ୮.୧୮ ଡେସିମିଲ୍ ଜାଗାରେ ୧୨୦୦ ଟି ଗୃହ ନିର୍ମାଣ କରାଯିବ ପାଇଁ ଯୋଜନା ରଖାଯାଇଛି ଓ ଏଥିରୁ ୯୬୦ଟି ଗୃହର କାର୍ଯ୍ୟ ଶେଷ ହୋଇଛି ଏବଂ ୫୦୭ଟି ଯୋଗ୍ୟ ପରିବାରକୁ ଗୃହ ଯୋଗାଇ ଦିଆଯାଇଛି ଓ ଅଦ୍ୟ ଏଠାରେ ୩୬ଟି ଯୋଗ୍ୟ ପରିବାରକୁ ଗୃହ ଯୋଗାଇ ଦିଆଯାଇପାରିଛି ଓ ଅବଶିଷ୍ଟ ୬୫୭ଟି ପରିବାରକୁ ପର୍ଯ୍ୟାୟ କ୍ରମେ ଘର ଯୋଗାଇ ଦିଆଯିବ। ସୁବୁଧିପୁରଠାରେ ବରୁଣେଇ ଏନକ୍ଲେଭ୍‌ରେ ମୋଟ ୩୪୨ ଟି ଘର ନିର୍ମାଣ ପାଇଁ ଯୋଜନା କରାଯାଇଥିବାବେଳେ ସମସ୍ତ ୩୪୨ ଟି ଘରର ନିର୍ମାଣ ହୋଇସାରିଛି ଓ ଆଜି ୨୮ଟି ଯୋଗ୍ୟ ପରିବାରକୁ ଏଠାରେ ଗୃହ ଯୋଗାଇ ଦିଆଯିବ ଏବଂ ବଳକା ୧୩୫ଟି ଗୃହ କୁ ପର୍ଯ୍ୟାୟ କ୍ରମେ ଆବଣ୍ଟନ କରାଯିବ। ସେହିଭଳି ସତ୍ୟନଗରଠାରେ ଥିବା ଶାନ୍ତିପଲ୍ଲୀ ବସ୍ତିକୁ ୧୦ ଏକର ଜାଗାରେ ପୁନଃ ନିର୍ମାଣ କରାଯାଇ ୧୩୦୦ଟି ଗୃହ ନିର୍ମାଣ କରାଯିବାର ଲକ୍ଷ ରଖାଯାଇଛି ଓ ଅଦ୍ୟାବଧି ଏଠାରେ ୫୬୦ ଟି ଗୃହର କାର୍ଯ୍ୟ ଶେଷ ହୋଇସାରିଛି ଏବଂ ୪୫୧ଟି ଯୋଗ୍ୟ ପରିବାରକୁ ଗୃହ ଆବଣ୍ଟନ କରାଯାଇଛି ଓ ଆଜି ୩ଟି ପରିବାରକୁ ଏହି କେଶରୀ ରେସିଡେନ୍ସି ରେ ଘର ଆବଣ୍ଟନ କରାଯାଇଛି ଏବଂ ଅବଶିଷ୍ଟ ୮୪୬ ପରିବାରକୁ ପର୍ଯ୍ୟାୟକ୍ରମେ ଗୃହ ଆବଣ୍ଟନ କରାଯିବ।

## 'ସୁଭଦ୍ରା'ରୁ ବଞ୍ଚିତ ବଣ୍ଡା ଜନଜାତି



ଭୁବନେଶ୍ୱର,୧୯।୧୧ (ସଂଚାର ବ୍ୟୁରୋ): ନୂଆ ସରକାରଙ୍କ ପ୍ରଥମ ଯୋଜନା ସୁଭଦ୍ରାକୁ ନେଇ ମାଲକାନଗିରି ଜିଲ୍ଲା ବଣ୍ଡାଘାଟୀର ଆଦିମ ଜନଜାତି। କିନ୍ତୁ ଦୁଇ ଦୁଇଟି କିସ୍ତି ଆସିବା ପରେ ମଧ୍ୟ ଅଧାରୁ ଅଧିକ ବଣ୍ଡା ଜନଜାତି ସୁଭଦ୍ରାରୁ ବଞ୍ଚିତ ହୋଇଛନ୍ତି। ନ ପାଇବା କାରଣ କଣ? ଖଇରପୁଟ ବ୍ଲକ୍ ମୁଦୁଲିପଡ଼ା ଓ ଅଣ୍ଡରାହାଲ ପଞ୍ଚାୟତକୁ ନେଇ ଗଠିତ ବଣ୍ଡାଘାଟୀ। ସମୁଦ୍ର ପତନ ଠାରୁ ପ୍ରାୟ ୫ ହଜାର ଫୁଟ ଉପରେ ରହିଥିବା ଏହି ଜନଜାତିଙ୍କ ସଂଖ୍ୟା ୫ ହଜାରରୁ ଅଧିକ। ନୂଆ ସରକାର ଆସିବା ପରେ ସୁଭଦ୍ରାକୁ ନେଇ ବେଶ ଉସାହ ଦେଖା ଦେଇଥିଲା। ଯେତେବେଳେ ସୁଭଦ୍ରା ରଥ ବଣ୍ଡାଘାଟୀକୁ ଆସିଥିଲା ସେତେବେଳେ ବେଶ୍ ଉତ୍ସାହ ସହ ସ୍ୱାଗତ କରିଥିଲେ ଏହି ଜନଜାତି। କିନ୍ତୁ ସୁଭଦ୍ରାର ଦୁଇ ଦୁଇଟି କିସ୍ତି ଆସିବା ପରେ ମଧ୍ୟ ବଣ୍ଡାଘାଟୀର ହିତାଧିକାରୀ ସୁଭଦ୍ରାରୁ ବଞ୍ଚିତ ଅଛନ୍ତି। ଯେମିତି ଅଣ୍ଡରାହାଲର ସମ୍ବାରି ଚାଲାଣ। ୫ ପୁଅ ଝିଅଙ୍କୁ ନେଇ କୁଲି ମଜୁରି ଲାଗି ଘର ଚଳାଉଛନ୍ତି। ଘରକୁ ଦେଖିଲେ ଅନୁଭବ କରିହୁଏ ତାଙ୍କ ଦୁର୍ଦ୍ଦଶା। ଟଙ୍କା ମିଳିଲେ ପକ୍କା ଘର ନିର୍ମାଣରେ ଟଙ୍କା ଲଗାଇବେ ବୋଲି ଆଶା କରିଥିଲେ, କିନ୍ତୁ ଆଶା ଆଶାରେ ରହିଗଲା। ଏଭଳି ଅନେକ ମହିଳା ଅଛନ୍ତି ଯେଉଁ ମାନେ କି ସୁଭଦ୍ରା ଯୋଜନା ପାଇବାରୁ ବଞ୍ଚିତ ଅଛନ୍ତି। ମୁଦୁଲିପଡ଼ାର ୨୮୧ ଓ ଅଣ୍ଡରାହାଲର ୨୩୪ଙ୍କୁ ଟଙ୍କା ମିଳିଛି। ମୁଦୁଲିପଡ଼ାରେ ୫୪୦ ଓ ଅଣ୍ଡରାହାଲ ପଞ୍ଚାୟତରେ ୪୬୭ ମହିଳା ସୁଭଦ୍ରାରୁ ବଞ୍ଚିତ ହୋଇଛନ୍ତି। ଅନେକଙ୍କ ଆଧାର ଭୁଲ ରହିଥିବା ବେଳେ କେତେକଙ୍କର ଅନ୍ୟାନ୍ୟ ତ୍ରୁଟି ରହିଛି। ହେଲେ ମହିଳା ଓ ଶିଶୁ ବିକାଶ ଅଧିକାରୀ ଦିନେ ମଧ୍ୟ ଏମାନଙ୍କ ପାଖକୁ ଯାଇନାହାନ୍ତି କି କ'ଣ ପାଇଁ ଟଙ୍କା ମିଳିନି ବୁଝି ନାହାନ୍ତି। ଏ ନେଇ ଖଇରପୁଟ ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କୁ ପଚାରିବାକୁ ଯାଇଥିଲୁ, କିନ୍ତୁ ସେ ଅନୁପସ୍ଥିତ ଥିଲେ। ଏପରିକି ଫୋନ୍ କରିବାରୁ ଉତ୍ତର ଦେଇ ନ ଥିଲେ।




Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ମେଟାକୁ ୨୧୩ କୋଟିର ଫାଇନ୍




ନୂଆଦିଲ୍ଲୀ, ୧୯।୧୧: ସୋଶାଲ ମିଡିଆ କମ୍ପାନୀ ମେଟାକୁ ବାଜିଲା ସିସିଆଇ ଛାଟ। ଭାରତ ଲଗାଇଲା ମୋଟା ଅଙ୍କର ଫାଇନ। ଫଳରେ ବିଶ୍ୱର ଟପ୍-୧୦ ବିଲେନିୟରଙ୍କ ମଧ୍ୟରୁ ଜଣେ ଫେସବୁକର ପ୍ୟାରେଣ୍ଟ କମ୍ପାନୀ ମେଟାର ସିଇଓ ମାର୍କ ଜୁକରବର୍ଗଙ୍କୁ ଭାରତରୁ ଏକ ବଡ଼ ଝଟକା ଲାଗିଛି।

ଆଜିକାଲି ପ୍ରତ୍ୟେକ ମୋବାଇଲ୍ ଫୋନ୍ ହେଉ ଅବା ଟାବଲେଟ୍ ସବୁଠି ମାର୍କ ଜୁକରବର୍ଗଙ୍କ ହ୍ୱାଟସ୍ ଆପ୍ ଓ ଫେସବୁକ୍ ଥିବା ଦେଖିବାକୁ ମିଳେ। ଏହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେବେ ଏହି ହ୍ୱାଟସ୍ ଆପ୍ ପ୍ଲାଟଫର୍ମ, କମ୍ପାନୀ ମାଲିକ ମାର୍କ ଜୁକରବର୍ଗଙ୍କୁ ଏକ ବଡ଼ ଝଟକା ଦେଇଥିବା ପ୍ରମାଣିତ ହୋଇଛି। ବାସ୍ତବରେ, ଏହା ସହ ଜଡ଼ିତ ପ୍ରାଇଭେସି ପଲିସିର ଅପବ୍ୟବହାର କରାଯାଇଥିବା ଅଭିଯୋଗରେ ଭାରତର କମ୍ପିଟିସନ୍ କମିସନ ଅଫ୍ ଇଣ୍ଡିଆ ଯଥା ସିସିଆଇ ମେଟା ଉପରେ ୨୧୩.୧୪ କୋଟି ଟଙ୍କାର ଜରିମାନା ଲଗାଇଛି। ହ୍ୱାଟସ୍ଆପ୍ ୨୦୨୧ର ପ୍ରାଇଭେସି ପଲିସି ଅପଡେଟ୍ ସମ୍ପର୍କରେ ଅନୈତିକ ବ୍ୟବସାୟିକ ତରିକା ଆପଣାଇଥିବାରୁ ଏହି ଜରିମାନା ଲାଗୁ ହୋଇଛି। କେବଳ ସେତିକି ନୁହେଁ ୟୁଜର୍ସଙ୍କ ଡାଟା ଚୋରି ଅଭିଯୋଗ ଉପରେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରତିଯୋଗିତା ବିରୋଧୀ ଆଚରଣକୁ ଦୂରେଇବା ଏବଂ ବନ୍ଦ କରିବାକୁ ସିସିଆଇ ମେଟାକୁ ନିର୍ଦ୍ଦେଶ ଦେଇଛି। ସେହିପରି ସିସିଆଇ ହ୍ୱାଟସ୍ ଆପ୍‌କୁ ମଧ୍ୟ ଏହାର ପ୍ଲାଟଫର୍ମରେ ସଂଗୃହୀତ ଉପଭୋକ୍ତାଙ୍କ ତଥ୍ୟକୁ ଅନ୍ୟ ମେଟା ଉତ୍ପାଦ କିମ୍ବା କମ୍ପାନୀଗୁଡିକ ସହିତ ବିଜ୍ଞାପନ ଉଦ୍ଦେଶ୍ୟରେ ପାଞ୍ଚ ବର୍ଷ ପାଇଁ ଅଂଶୀଦାର ନକରିବାକୁ ନିର୍ଦ୍ଦେଶ ଦେଇଛି।

ହ୍ୱାଟସ୍ ଆପ୍ ବ୍ୟବହାରକାରୀଙ୍କ ଗୋପନୀୟତା ନୀତି ସହିତ ଟାମ୍ପରିଂ ପାଇଁ ମାର୍କ ଜୁକରବର୍ଗଙ୍କ କମ୍ପାନୀ ଉପରେ ଜରିମାନା ଓ ତଥ୍ୟ ବାଣ୍ଟିବା ଉପରେ ନିଷେଧାଦେଶ ଲାଗୁ କରାଯିବା ସହ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କମ୍ପାନୀ ଏହାକୁ ଉନ୍ନତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। କେବଳ ହ୍ୱାଟସ୍ ଆପ୍‌ରେ ଦେଶରେ ମାସିକ ୫୦୦ ମିଲିୟନରୁ ଅଧିକ ସକ୍ରିୟ ଉପଭୋକ୍ତା ଅଛନ୍ତି। ନିୟାମକ ମାର୍ଚ୍ଚ ୨୦୨୧ରେ ହ୍ୱାଟସ୍ ଆପ୍‌ର ରିଭାଇଜଡ୍ ପ୍ରାଇଭେସି ପଲିସିର ଯାଞ୍ଚ ଆରମ୍ଭ କରିଥିଲେ। ସିସିଆଇ ନିଜ ଯାଞ୍ଚରୁ ଜାଣିବାକୁ ପାଇଥିଲା ଯେ, ହ୍ୱାଟସ୍ଆପ୍‌ର 'ଟେକ୍-ଇଟ୍ ଓର୍ ଲିଭ୍-ଇଟ୍' ପଲିସି ଠିକ୍ ନୁହେଁ।

ମେଟା ଦ୍ୱାରା ଆଣାଯାଇଥିବା ଏହି ନୀତି ଏକ ଅପଡେଟ୍ ଆକାରରେ ବ୍ୟବହାରକାରୀଙ୍କୁ ଏହାକୁ କାର୍ଯ୍ୟକାରୀ କରିବାକୁ ବାଧ୍ୟ କରିଥାଏ। ସେମାନଙ୍କର ସ୍ୱାଧୀନତା ହ୍ରାସ କରିଥାଏ ବୋଲି ସିସିଏ ନିଜ ଯାଞ୍ଚରେ ଜାଣିବାକୁ ପାଇଥିଲା। ସିସିଆଇ ଅନୁଯାୟୀ, ମେଟା (ହ୍ୱାଟସଆପ୍ ମାଧ୍ୟମରେ) ଧାରା ୪ (୨) (କ) (i) କୁ ଉଲ୍ଲଂଘନ କରିଛି। ଅନ୍‌ଲାଇନ୍ ପ୍ରଦର୍ଶନ ବିଜ୍ଞାପନ ବଜାରରେ ନିଜର ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ସ୍ମାର୍ଟଫୋନରେ ଓଭର-ଟପ୍ (ଓଟିଟି) ମେସେଜିଂ ଆପ୍ସରେ ମେଟା ଏହାର ପ୍ରାଧାନ୍ୟ ସ୍ଥିତିର ସୁଯୋଗ ନେଇଛି ବୋଲି ଆୟୋଗ କହିଛନ୍ତି।

# ଓବେନ୍ ଇଲେକ୍ଟ୍ରିକ୍ ବାଇକ୍ ଦିଏ ୧୭୫ କିଲୋମିଟରର ରେଞ୍ଜ



ନୂଆଦିଲ୍ଲୀ, ୧୯।୧୧: ଯେଉଁମାନେ ଦୈନନ୍ଦିନ ବ୍ୟବହାର ପାଇଁ ଏକ ବାଇକ୍ ଚାହୁଁଛନ୍ତି ଏବଂ ପେଟ୍ରୋଲ୍ ଖର୍ଚ୍ଚରୁ ବଞ୍ଚିବାକୁ ଚାହୁଁଛନ୍ତି, ତେବେ ଏହି ଇଲେକ୍ଟ୍ରିକ୍ ବାଇକ୍ ଏକ ଭଲ ଅପ୍ସନ ବୋଲି ପ୍ରମାଣିତ ହେବ। ଏହି Oben Electric Rorr EZ ବାଇକ୍ ଏକ ପୂର୍ଣ୍ଣ ଚାର୍ଜରେ ୧୭୫ କିଲୋମିଟର ଏବଂ ୯୫ କିଲୋମିଟର ଟପ୍ ସ୍ପିଡ୍ ପ୍ରଦାନ କରେ। ଏହି ବାଇକରେ ଆପଣ ଅନ୍ୟ କେଉଁ ଫିଚର୍ସ ପାଇପାରିବେ ଆସନ୍ତୁ ଜାଣିବା। ଏହି ବାଇକ୍ ଆପଣଙ୍କ ପାଇଁ ଏକ ଲାଭଦାୟକ ଡିଲ୍ ହୋଇପାରେ। ଓବେନର ଦାବି ଅନୁଯାୟୀ, ବାଇକର ଟପ୍ ମଡେଲ୍ ଗୋଟିଏ ଫୁଲ୍ ଚାର୍ଜରେ ୧୭୫ କିଲୋମିଟର ପର୍ଯ୍ୟନ୍ତ ଅଫର୍ ଦେଇଥାଏ। ସେହି ସମୟରେ, ଏହାର ଲୋୟର ମଡେଲର ରେଞ୍ଜ ଏହାଠାରୁ ସାମାନ୍ୟ କମ୍ ହୋଇପାରେ। ଏହି ବାଇକ୍ କୁ ବାରମ୍ବାର ଚାର୍ଜ କରିବାର କୌଣସି ଆବଶ୍ୟକତା ନାହିଁ, ଥରେ ଚାର୍ଜ ହୋଇଗଲେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥାଏ। ବାଇକର ହାଇ ସ୍ପିଡ ଘଣ୍ଟା ପ୍ରତି ୯୫ କିଲୋମିଟର ଅଟେ। ଏହା ୦-୪୦ କିଲୋମିଟର ୩.୩ ସେକେଣ୍ଡରେ ଚଲାଯାଇପାରିବ। କେବଳ ଏତିକି ନୁହେଁ, ଆପଣ ଏହି ବାଇକରେ ଫାଷ୍ଟ ଚାର୍ଜିଂ ସପୋର୍ଟ ମଧ୍ୟ ପାଇପାରିବେ। ୪୫ ମିନିଟରେ ଏହା ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହୋଇପାରିବ। ଆପଣ ଏହି ଇଲେକ୍ଟ୍ରିକ୍ ବାଇକରେ ୩ ଟି ରାଇଡିଂ ମୋଡ୍ ପାଇଛନ୍ତି। ଯେଉଁଥିପାଇଁ ରାଇଡ୍ କ୍ୱାଲିଟି ଉନ୍ନତ ହେବ ଏବଂ ଆପଣଙ୍କର ରାଇଡିଙ୍ଗ ଏକ୍ସପେରିଏନ୍ସ ମଧ୍ୟ ଅଧିକ ଭଲ ହେବ। ଆପଣ ଏହି ବାଇକ୍ କୁ ୪ ଟି କଲର ଅପ୍ସନରେ ପାଇପାରିବେ ଯେଉଁଥିରୁ ଆପଣ ଆପଣଙ୍କର ପ୍ରିୟ କଲର୍ ଚୟନ କରିପାରିବେ। ଏଥି ମଧ୍ୟରେ ଇଲେକ୍ଟ୍ରୋ ଆମ୍ବର, ସକ୍ର ସିଆନ୍, ଲ୍ୟୁମିନା ଗ୍ରୀନ୍, ଏବଂ ଫୋଟନ୍ ହ୍ୱାଇଟ୍ କଲର୍ ସାମିଲ ଅଛି। ଏହି ବାଇକ୍ ଏଆର୍ଏକ୍ସ ଫ୍ରେମୱର୍କରେ ଡିଜାଇନ୍ ହୋଇଛି ଏବଂ ଏହାର ଡିଜାଇନ୍ ନିୟୋ-କ୍ଲାସିକ୍ ରହିଛି। ଯୁବକମାନେ ଏହି ବାଇକ୍ କୁ ବହୁତ ପସନ୍ଦ କରନ୍ତି। ଆଜିକାଲିର ଟ୍ରେଣ୍ଡ ଏବଂ ଚାହିଦାକୁ ଦୃଷ୍ଟିରେ ରଖି ଏହାର ଲୁକ୍ ଡିଜାଇନ୍ କରାଯାଇଛି। ବଜାରରେ ବିଭିନ୍ନ ଭାରିଆଣ୍ଟରେ ଇଲେକ୍ଟ୍ରିକ୍ ବାଇକ୍ ଉପଲବ୍ଧ। ଏହାର ୨. ୬kWh ଭାରିଆଣ୍ଟର ମୂଲ୍ୟ ବିଷୟରେ କହିବାକୁ ଗଲେ ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୮୯,୯୯୯ ଟଙ୍କା। ଯେତେବେଳେ କି ଏହାର ୩. ୪ kWh ଭାରିଆଣ୍ଟର ଏକ୍ସ-ଶୋରୁମ୍ ମୂଲ୍ୟ ୯୯,୯୯୯ ଟଙ୍କା ଏବଂ ଏହାର ୪. ୪ kWh ଭାରିଆଣ୍ଟର ଏକ୍ସ-ଶୋରୁମ୍ ମୂଲ୍ୟ ୧,୦୯,୯୯୯ ଟଙ୍କା।

# ୨୦୨୫ରେ କ୍ଲାଉଡ ସେବା ଲଞ୍ଚ କରିବ ଆର୍‌ବିଆଇ

ନୂଆଦିଲ୍ଲୀ: ବିଦେଶୀ କମ୍ପାନିଙ୍କୁ ଚାଲେଞ୍ଜ ଦେବ ଆରବିଆଇର ନୂଆ ପଦକ୍ଷେପ। ଖୁବଶୀଘ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆଣିବାକୁ ଯାଉଛି ନିଜସ୍ୱ କ୍ଲାଉଡ ସେବା। ଏହି କ୍ଲାଉଡ ଡାଟା ଷ୍ଟୋରେଜ ସେବାର ପାଇଲଟ ପ୍ରୋଜେକ୍ଟ ଆସନ୍ତା ବର୍ଷରୁ ଆରମ୍ଭ ହେବ। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଆରବିଆଇର କ୍ଲାଉଡ ପ୍ଲାଟଫର୍ମର ବ୍ୟବହାର ଘରୋଇ ଆଇଟି କମ୍ପାନି କରିବେ। ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପ ଆମାଜନ ଓ୍ୱେବ ସର୍ଭିସେଜ, ମାଇକ୍ରୋସଫ୍ଟ ଆଜ୍ୟୋର, ଗୁଗଲ କ୍ଲାଉଡ ଏବଂ ଆଇବିଏମ କ୍ଲାଉଡ ସହ ପ୍ରତିଦ୍ୱନ୍ଦିତା କରିବ। ସୂଚନାଥାଉକି, ଏସିଆର ତୃତୀୟ ସବୁଠୁ ବଡ଼ ଅର୍ଥନୀତି ଭାରତରେ କ୍ଲାଉଡ ସେବାରେ ବୃଦ୍ଧି ପାଉଛି। ଇଣ୍ଟରନାସନାଲ ଡାଟା କର୍ପୋରେସନ ଅନୁଯାୟୀ, ଭାରତର ଅର୍ଥ ବ୍ୟବସ୍ଥାରେ କ୍ଲାଉଡ ସେବା ମାର୍କେଟ ୨୦୨୩ ବେଳକୁ ୮.୩ ବିଲିୟନ ଡଲାର ଥିଲା ଏବଂ ଏହା ୨୦୨୮ ପର୍ଯ୍ୟନ୍ତ ୨୪.୨ ବିଲିୟନ ଡଲାରକୁ ବୃଦ୍ଧି ହେବା ନେଇ ଅନୁମାନ ରହିଛି। ଅବଶ୍ୟ ଭାରତର କ୍ଲାଉଡ ମାର୍କେଟରେ ବିଦେଶୀ କମ୍ପାନିଙ୍କ ରାଜ୍ ରହିଛି । ତେବେ ଏହି ପଦକ୍ଷେପ କୌଣସି ବିଶ୍ୱ ସ୍ତରୀୟ କେନ୍ଦ୍ରୀୟ ବ୍ୟାଙ୍କର ପ୍ରଥମ। ଏହି ପାଇଲଟ ପ୍ରୋଜେକ୍ଟ ଆଗାମୀ କିଛି ମାସରେ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ଯାହାକୁ ଆଗାମୀ ବର୍ଷରେ ଆହୁରି ବିସ୍ତାର କରାଯିବ। କାର୍ଯ୍ୟକ୍ରମ ଛୋଟ ବ୍ୟାଙ୍କ୍ ଏବଂ ଫାଇନାନସିଆଲ ସେବା ଯୋଗାଣକାରୀ କମ୍ପାନିଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ତିଆରି କରାଯିବ। ଏମାନେ ଏବେବି କ୍ଲାଉଡ ସେବାଠାରୁ ଦୂରରେ ଅଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମଧ୍ୟ ଗତ ଡିସେମ୍ବରରେ ଆର୍ଥିକ ସେବା ପ୍ରଦାନକାରୀ ଉଦ୍ୟୋଗ ପାଇଁ ପବ୍ଲିକ୍ କ୍ଲାଉଡ ଯୋଜନା ଘୋଷଣା କରିଥିଲେ।

## ଡିସେମ୍ବର ୨୧ରେ ଜିଏସ୍‌ଟି ପରିଷଦ ବୈଠକ

ନୂଆଦିଲ୍ଲୀ,୧୯।୧୧: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପରିଷଦର ୫୫ତମ ବୈଠକ ଡିସେମ୍ବର ୨୧ରେ ରାଜସ୍ଥାନର ଜୟସଲ୍ମରରେ ଅନୁଷ୍ଠିତ ହେବ । ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଉପରେ ଜିଏସ୍‌ଟିକୁ କମାଯାଇପାରେ କିମ୍ବା ସମ୍ପୂର୍ଣ୍ଣ ଉଠାଇବା ନେଇ ନିଷ୍ପତ୍ତି ଆସିପାରେ ବୋଲି ଅନୁମାନ କରାଯାଇଛି। ରାଜ୍ୟ ମନ୍ତ୍ରୀଗୋଷ୍ଠୀଙ୍କୁ ନେଇ ଗଠିତ ପ୍ୟାନେଲ୍‌ର ସୁପାରିସ୍ ମୁତାବକ ସାଧାରଣରେ ବ୍ୟବହୃତ କେତେକ ସାମଗ୍ରୀ ଉପରେ ଟିକସ ହାର କମାଯାଇପାରେ। ଗତମାସ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଜିଏସ୍‌ଟି ଉପରେ ଗଠିତ ମନ୍ତ୍ରୀଗୋଷ୍ଠୀ ଟର୍ମ ଲାଇଫ୍ ଇନ୍‌ସ୍ୟୁରାନ୍ସ ପଲିସି ଏବଂ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ବୀମା ଉପରେ ଦିଆଯାଉଥିବା ପ୍ରିମିୟମ୍‌କୁ ଜିଏସ୍‌ଟିରୁ ଦୂରରେ ରଖିବା ନେଇ ରହିଥିବା ପ୍ରସ୍ତାବ ଉପରେ ସମ୍ମତି ପ୍ରକାଶ କରିଥିଲେ ।

# ଭାରତରେ ଲଞ୍ଚ ହେଲା ନୂଆ ଇଲେକ୍ଟ୍ରିକ୍ ସ୍କୁଟର ଭିଏଲ୍‌ଏଫ ଟେନିସ୍

ନୂଆଦିଲ୍ଲୀ, ୧୯।୧୧: ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ଏକ ନୂତନ ନାମ ଯୋଡି ହୋଇଛି ଭେଲୋସିଫେରୋ ଟେନିସ୍ (ଭିଏଲ୍‌ଏଫ ଟେନିସ୍), ଯାହା ବର୍ତ୍ତମାନ ଭାରତରେ ଉପଲବ୍ଧ। ଏହି ସ୍କୁଟରର ପ୍ରାରମ୍ଭିକ ମୂଲ୍ୟ ୧. ୩୦ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରେ ରଖାଯାଇଛି। ଇଟାଲୀର ଦୁଇ ଚକିଆ ବ୍ରାଣ୍ଡ ଭେଲୋସିଫେରୋ, କେଏଡବ୍ଲ୍ୟୁ ଭେଲୋସ୍ ମୋଟର୍ସ ମାଧ୍ୟମରେ ଏହା ଭାରତରେ ପ୍ରବେଶ କରିଛି। କେଏଡବ୍ଲ୍ୟୁ ଭେଲୋସି ମୋଟର୍ସ ବର୍ତ୍ତମାନ ଏହାର ମୋଟୋହାଉସ୍ ଆଉଟଲେଟ୍ ମାଧ୍ୟମରେ ଭିଏଲ୍‌ଏଫ ଏବଂ ବ୍ରିକ୍ସଟନ୍ ପରି ବ୍ରାଣ୍ଡ ବିକ୍ରି କରିବ।




ଭିଏଲ୍‌ଏଫ ଟେନିସ୍ ଭାରତରେ କେଏଡବ୍ଲ୍ୟୁ ଭେଲୋସି ମୋଟର୍ସ କୋଲହାପୁରରେ ଥିବା ଫେସିଲିଟିରେ ଲଞ୍ଚ କରାଯିବ, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୨୦,୦୦୦ ୟୁନିଟ୍। ଏହି ସ୍କୁଟରର ଡେଲିଭରି ନଭେମ୍ବର ୨୫ ରୁ ଆରମ୍ଭ ହେବ ଏବଂ କମ୍ପାନୀ ଭାରତର ପ୍ରମୁଖ ଟାୟାର୍ ୧ ଏବଂ ଟାୟାର୍ ୨ ସହରରେ ଆଉଟଲେଟ୍ ଖୋଲିବାକୁ ଲକ୍ଷ୍ୟ ରଖିଛି। ଏହା ଖୁବ ଶୀଘ୍ର ମୁମ୍ବାଇ, ପୁଣେ, ବେଙ୍ଗାଲୁରୁ, ଗୋଆ, ଚେନ୍ନାଇ, ଜୟପୁର ଏବଂ ଅହମ୍ମଦାବାଦ ଭଳି ସହରରେ ଉପଲବ୍ଧ ହେବ। ୨୦୨୫ ମଧ୍ୟଭାଗରେ, କମ୍ପାନୀରେ ୨୦ ଟି ଡିଲରସିପ୍ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

ଭିଏଲ୍‌ଏଫ ଟେନିସ୍‌ର ଓଜନ ମାତ୍ର ୮୮ କିଲୋଗ୍ରାମ ଏବଂ ଏହା ୧୨ ଇଞ୍ଚ ଚକ ଉପରେ ଚାଲିଥାଏ। ଏହାର ଆଲୁମିନିୟମ୍ ସ୍ୱିଙ୍ଗ୍ ଆର୍ମ ଏବଂ ୭୮୦ ମିଲିମିଟର ଉଚ୍ଚତା ସହିତ ୧୪୦ ମିଲିମିଟର ଗ୍ରାଉଣ୍ଡ କ୍ଲିୟରାନ୍ସ ଅଛି। ସସ୍ପେନ୍ସନ ପାଇଁ ଏହାକୁ ଟେଲିସ୍କୋପିକ୍ ଫଙ୍କ୍ ଏବଂ କ୍ୟାଣ୍ଟିଲାଇଭର୍ଡ ମୋନୋଶକ୍ ଯୋଗାଇ ଦିଆଯାଇଥିବାବେଳେ ଉଭୟ ଚକରେ ଡିସ୍କ ବ୍ରେକ୍ ଅଛି। ଅବଶ୍ୟ, ଏହାର କମ୍ପାକ୍ଟ ସାଇଜ୍ ହେତୁ ଏହାର ଅଣ୍ଡର ସିଟ୍ ଷ୍ଟୋରେଜରେ କେବଳ ହାଫ୍-ଫେସ୍ ହେଲମେଟ୍ ରଖାଯାଇପାରିବ।

ଭିଏଲ୍‌ଏଫ ଟେନିସ୍‌ରେ ୨. ୫ କିଲୋୱାଟ ରିମୁଭେବଲ୍ ଯୋଗ୍ୟ ବ୍ୟାଟେରୀ ଅଛି, ଯାହା କମ୍ପାନୀ ଅନୁଯାୟୀ ୧୩୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିଥାଏ। ଏଥିରେ ୧. ୫ କିଲୋୱାଟ ହବ୍ ମୋଟର ଅଛି, ଯାହା ସ୍କୁଟରକୁ ଘଣ୍ଟା ପ୍ରତି ୬୫ କିଲୋମିଟର ବେଗରେ ଗତି କରିପାରିବ। ଗ୍ରେଡେବିଲିଟି ୧୮ ଡିଗ୍ରୀ ଏବଂ ସ୍କୁଟରର ଅପରେଟିଂ ଟେମ୍ପେରେଚର୍ ରେଞ୍ଜ-୫ ଡିଗ୍ରି ସେଣ୍ଟିଗ୍ରେଡ୍‌ରୁ ୪୫ ଡିଗ୍ରି ସେଣ୍ଟିଗ୍ରେଡ୍ ମଧ୍ୟରେ ରହିଛି। କମ୍ପାନୀ ଏହି ସ୍କୁଟର ସହିତ ୭୨୦ ୱାଟ ଚାର୍ଜର ମଧ୍ୟ ଯୋଗାଇଥାଏ, ଯାହା ପ୍ରାୟ ତିନି ଘଣ୍ଟା ମଧ୍ୟରେ ସ୍କୁଟରକୁ ସମ୍ପୂର୍ଣ୍ଣ ଚାର୍ଜ କରିପାରିବ। ଏହି ସ୍କୁଟରରେ ଏଲଇଡି ଲାଇଟ୍ ଏବଂ ୫ ଇଞ୍ଚର ରଙ୍ଗୀନ ଟିଏଫ୍‌ଟି ଡ୍ୟାସବୋର୍ଡ ମଧ୍ୟ ଅଛି, ଯାହା ଏହାକୁ ଅଧିକ ଆକର୍ଷଣୀୟ କରିଥାଏ। ଭିଏଲ୍‌ଏଫ ଟେନିସ୍‌ର ମୂଲ୍ୟ ୧. ୩୦ ଲକ୍ଷ ଥିବାବେଳେ ବାଜାଜ ଚେତକ, ଟିଭିଏସ୍ ଆଇ କ୍ୟୁବ୍, ଭିଡା ଭି୧ ଏବଂ ଆଥର୍ ରିଜ୍‌ଟା ଭଳି ଅଗ୍ରଣୀ ଇଲେକ୍ଟ୍ରିକ୍ ସ୍କୁଟର ଅପେକ୍ଷା ଏହା ମହଙ୍ଗା ଅଟେ, ଯାହାର ବ୍ୟାଟେରୀ କ୍ଷମତା ଅଧିକ।

# ଅର୍ଥନୀତିଠାରୁ ପ୍ରତିରକ୍ଷା ୧୦ଟି କ୍ଷେତ୍ରରେ ମିଶି କାମ କରିବେ ଭାରତ ଓ ଇଟାଲି



ରିଓ ଡି ଜେନେରୋ, ୧୯।୧୧: ବିଭିନ୍ନ କ୍ଷେତ୍ରରେ ଏବେ ପରସ୍ପରକୁ ସହଯୋଗ କରି କାମ କରିବେ ଭାରତ ଓ ଇଟାଲି। ଏନେଇ ଦୁଇ ଦେଶ ମଧ୍ୟରେ ଏକ ୫ ବର୍ଷିଆ ଚୁକ୍ତି ହୋଇଛି। ଅର୍ଥନୀତି ଠାରୁ ପ୍ରତିରକ୍ଷା ବିଭାଗ ପର୍ଯ୍ୟନ୍ତ ୧୦ ଟି ଦିଗରେ ଦୁଇ ଦେଶ ମିଳି ମିଶି କାମ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୁଚନା ଦିଆଯାଇଛି। ବ୍ରାଜିଲ୍‌ର ରିଓ ଡି ଜନେରିଓରେ ଆୟୋଜିତ ଜି-୨୦ ସମ୍ମିଳନୀରେ ଯୋଗ ଦେବାକୁ ଯାଇଥିବା ବେଳେ ନଭେମ୍ବର ୧୩ରେ ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଏହି ଚୁକ୍ତି ହୋଇଛି। ଏହି ଚୁକ୍ତି ୨୦୨୫ ଠାରୁ ୨୦୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିରେ ଅର୍ଥନୈତିକ ସମ୍ପର୍କ, କ୍ଲିନ ଏନର୍ଜୀ(ସ୍ୱଚ୍ଛ ଶକ୍ତି), ପ୍ରତିରକ୍ଷା ଏବଂ ଦୁଇ ଦେଶ ମଧ୍ୟରେ ଯାତାୟତ ସହଜ କରାଇବା ଆଦିରେ ପରସ୍ପର ସହଯୋଗ ପାଇ ଚୁକ୍ତି ହୋଇଛି। ତା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମର୍ଥନ କରିବା ଭଳି ବିଶ୍ୱସ୍ତରୀୟ ପ୍ରସଙ୍ଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଦୁଇ ଦେଶ ସହମତି ପ୍ରକାଶ କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ଏହି ଚୁକ୍ତିର ମୂଳ ଲକ୍ଷ୍ୟ। ଚୁକ୍ତି ଅନୁସାରେ, ଆର୍ଥିକ ସହଯୋଗ, ପୁଞ୍ଜି ବିନିଯୋଗ, ଶକ୍ତି ପରିବର୍ତ୍ତନ(ଏନର୍ଜୀ ଟ୍ରାଞ୍ଜିସନ), ମହାକାଶ, ପ୍ରତିରକ୍ଷା,ସୁରକ୍ଷା, ପ୍ରବାସୀ ସ୍ଥାନାନ୍ତର,ଯାତାୟତ, ଶ୍ରମବଳ ଆଦାନପ୍ରଦାନରେ ଦୁଇ ଦେଶ ପରସ୍ପରକୁ ସହଯୋଗ କରିବେ। ଏହି ଚୁକ୍ତି ପରେ ମୋଦୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି " ଆମର ଆଲୋଚନା ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଦ୍ୱାପାଖି ସମ୍ପର୍କକୁ ଗଭୀର କରିବା ଉପରେ କେନ୍ଦ୍ରିତ ଥିଲା। ତା ସହିତ ସଂସ୍କୃତି, ଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କିପରି ସହଯୋଗ ବୃଦ୍ଧି କରାଯିବ ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲୁ।" ସୂଚନା ଥାଉକି ଗତ ଦୁଇ ବର୍ଷ ମଧ୍ୟରେ ଏହା ମୋଦୀ ଏବଂ ମେଲୋନିଙ୍କ ପଞ୍ଚମ ସାକ୍ଷାତ୍‌କାର ଥିଲା। ଏହା ପୂର୍ବରୁ ଶେଷ ଥର ପାଇଁ ଜୁନ୍ ମାସରେ ଇଟାଲିର ପୁଗଲିଆରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଦୁଇ ନେତାଙ୍କର ବୈଠକ ହୋଇଥିଲା।

**୫ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷରିତ**



## ଓଡ଼ିଶା ସରକାରଙ୍କ ସହ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ବୁଝାମଣା

ଭୁବନେଶ୍ୱର,୧୯।୧୧: ବେଦାନ୍ତ ଗ୍ରୁପର ସାମାଜିକ ପ୍ରତିଷ୍ଠାନ ତଥା ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଜିଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ ବା ଡିଏସଡବ୍ଲ୍ୟୁଓ ଝାରସୁଗୁଡା ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର'ରେ ପରିଣତ କରିବାକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଛି, ଯାହାକି ଆଧୁନିକୀକରଣ ଅଙ୍ଗନୱାଡି ଭାବେ ପରିଣତ ହେବ। ଏପରିକି ଏହା ମହିଳା ଏବଂ ଶିଶୁ ବିକାଶ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲା ମାଜିଷ୍ଟ୍ରେଟ ତଥା କଲେକ୍ଟର ଅବୋଲି ନରଭାନେଙ୍କ ସମେତ ଡିଏସ୍‌ଡବ୍ଲ୍ୟୁଓ ପୁଣ୍ୟବତୀ ହେଲେନ ଜେସ୍ ଏବଂ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗାର୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସେବା କରୁଥିବା ସମ୍ପ୍ରଦାୟର ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ସେହିଭଳି ଜିଲାରେ ବେଦାନ୍ତର ବିକାଶମୂଳକ ଉଦ୍ୟମକୁ ପ୍ରଶଂସା କରି ଜିଲା ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ଅବୋଲି ନରଭାନେ କହିଛନ୍ତି, ଝାରସୁଗୁଡାର ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ସମର୍ଥନକୁ ଆମେ ସ୍ୱାଗତ କରୁଛୁ। ଏହି 'ନନ୍ଦଘର' ପଦକ୍ଷେପ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବା ସହିତ ଶିକ୍ଷାର କେନ୍ଦ୍ର ସୃଷ୍ଟି କରୁଛି, ଯାହା ଶିଶୁ ଏବଂ ମହିଳାମାନଙ୍କର ସାମଗ୍ରିକ ସୁସ୍ଥତା ଏବଂ ଅଭିବୃଦ୍ଧିକୁ ସମର୍ଥନ କରିଥାଏ।

## ମଣିପାଲ ହସ୍ପିଟାଲରେ ନବଜାତ ଶିଶୁ ସପ୍ତାହ




ଭୁବନେଶ୍ୱର,୧୯।୧୧: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ବିଶ୍ୱ ନବଜାତ ଶିଶୁ ସପ୍ତାହ ଏବଂ ବିଶ୍ୱ ପ୍ରିମାଚ୍ୟୁର ଦିବସ ପାଳିତ ହୋଇଯାଇଛି। ଏପରିକି ସୋମବାର ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୦ ପ୍ରିମାଚ୍ୟୁର ଶିଶୁ ଏବଂ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ଏହି ଶିଶୁମାନେ ୩୦ ସପ୍ତାହ ପୂର୍ବରୁ ଜନ୍ମ ନେଇଥିଲେ ଏବଂ ଜନ୍ମ ସମୟରେ ତାଙ୍କର ଓଜନ ୫୦୦ ରୁ ୧୫୦୦ ଗ୍ରାମ୍ ମଧ୍ୟରେ ଥିଲା। ମଣିପାଲ ହସ୍ପିଟାଲରେ ସେମାନଙ୍କୁ ଅତ୍ୟାଧୁନିକ ନିଓନେଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଏମ୍‌ଡି ଡା. ଶକ୍ତିମୟ ମହାପାତ୍ର କହିଥିଲେ, ନବଜାତ ଶିଶୁମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇବା ପାଇଁ ହସ୍ପିଟାଲର ଅବିଚ୍ଛିନ୍ନ ପ୍ରତିଶ୍ରୁତି ପ୍ରତି ଗର୍ବ ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ନବଜାତ ଶିଶୁ, ବିଶେଷ କରି ପ୍ରିମାଚ୍ୟୁର ଶିଶୁମାନେ, ଶ୍ରେଷ୍ଠ ସେବା ପାଇବାକୁ ନିଶ୍ଚିତ କରିବାରେ ଆମେ ପ୍ରତିବଦ୍ଧ ରହିଛୁ। ଆଜି ଆମେ ଦେଖୁଥିବା ସଫଳତା ଗାଥାଗୁଡ଼ିକ ଆମ ଡାକ୍ତରମାନଙ୍କର ଦକ୍ଷତା ଏବଂ ଆମର ସହାୟକ ବ୍ୟବସ୍ଥାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## କେୟାର ହସ୍ପିଟାଲର ଦିନିକିଆ କର୍ମଶାଳା



ଭୁବନେଶ୍ୱର,୧୯।୧୧: ସମୟ ସହିତ ଉନ୍ନତି ହୋଇଛି ଚିକିତ୍ସା ବିଜ୍ଞାନ। ବର୍ତ୍ତମାନ ଅତ୍ୟାଧୁନିକ ଟେକ୍‌ନୋଲୋଜି ସାହାଯ୍ୟରେ ଅନେକ ଜଟିଳ ରୋଗର ସଫଳ ଚିକିତ୍ସା କରାଯାଇପାରୁଛି। ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସି (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ କିଭଳି ବିଭିନ୍ନ ପ୍ରକାରର ଆଣ୍ଠୁ ଅପରେଶନ୍ କରାଯାଇ ପାରୁଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଅନୁଗୋଳର ହୋଟେଲ ପ୍ରଶାନ୍ତିଠାରେ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ଅନେକ ବୁଦ୍ଧିଜୀବୀ, ଡାକ୍ତର ଏବଂ ଆଣ୍ଠୁ ସର୍ଜରୀ ହୋଇଥିବା ରୋଗୀମାନେ ଯୋଗଦାନ କରିଥିଲେ। ଏ ସମ୍ପର୍କରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା. ସନ୍ଦୀପ ସିଂହ କହିଥିଲେ, ପାରମ୍ପରିକ ସର୍ଜରୀ ତୁଳନାରେ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସି (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ ଅପରେସନ୍ କଲେ ସଫଳତା ହାର ଏହାର ବେଶ୍ ଅଧିକ ରହିଥାଏ। ଏଥିରେ ରୋଗୀଙ୍କୁ ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼ି ନ ଥାଏ ଏବଂ ଶୀଘ୍ର ପୂର୍ବ ଭଳି ନିଜର ସମସ୍ତ କାମ ନିଜେ କରିପାରିବେ। ଏପରିକି ଆଣ୍ଠୁ ପ୍ରତିରୋପଣଠାରୁ ଆରମ୍ଭ କରି କ୍ରୀଡାଜନିତ ଆଘାତର ସଫଳ ଚିକିତ୍ସା ଏଆଇ ଏବଂ ରୋବୋଟିକ୍ ପଦ୍ଧତିରେ କରାଯାଇପାରୁଛି। ସେହିଭଳି ଡା ଲୋକନାଥ ଦାଶ (ଏଭିପି) ରୋଗୀମାନଙ୍କର ସଫଳ ଚିକିତ୍ସା ପାଇଁ ଅଭିନବ ଟେକ୍ନୋଲୋଜି ଗ୍ରହଣ କରିବାକୁ ହସ୍ପିଟାଲର ପ୍ରତିବଦ୍ଧତା ଉପରେ ନିଜର ମନ୍ତବ୍ୟ ଦେଇଛନ୍ତି। କେୟାର ହସ୍‌ପିଟାଲ ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସି ( ଏଆଇ) ଏବଂ ରୋବୋଟିକ୍ ପଦ୍ଧତି ଗ୍ରହଣ କରିଥିବାରୁ ସେ ଗର୍ବିତ ଅନୁଭବ କରୁଛନ୍ତି ବୋଲି କହିଥିଲେ। ରୋଗୀମାନଙ୍କୁ ସର୍ବନିମ୍ନ ଜଟିଳତା, ଶୀଘ୍ର ଆରୋଗ୍ୟ ଲାଭ ସହ ସର୍ବୋତ୍ତମ ସାମ୍ବବ୍ୟ ଚିକିତ୍ସା ଯୋଗାଇବା ଆମର ନିରନ୍ତର ପ୍ରୟାସ ଅଟେ ବୋଲି ସେ ପ୍ରକାଶ କରିଥିଲେ।

## ୱାଣ୍ଡର୍ଲା ପାର୍କର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୧୯।୧୧: ପ୍ରତି ବର୍ଷ ଭଳି ଚଳିତ ବର୍ଷର ଅନ୍ତଃରାଷ୍ଟ୍ରୀୟ ପୁରୁଷ ଦିବସ ଅବସରରେ ୱାଣ୍ଡର୍ଲା ହଲିଡେଜ ଲିମିଟେଡ ପକ୍ଷରୁ ଏକ ସ୍ୱତନ୍ତ୍ର ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଦିନ ପାର୍କ ଟିକେଟରେ ପୁରୁଷ ଅତିଥିମାନେ ଏକ ସ୍ୱତନ୍ତ୍ର ରିହାତି ସୁବିଧା ପାଇବେ। ୧ ଟିକେଟ କ୍ରୟରେ ଆଉ ଏକ ଟିକେଟ ମାଗଣା ଲାଭ କରିପାରିବେ ବୋଲି ଓ୍ୱାଣ୍ଡର୍ଲା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଫର ୨୦୨୪ ନଭେମ୍ବର ୫ରୁ ୧୯ ପର୍ଯ୍ୟନ୍ତ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱାଣ୍ଡର୍ଲା ପାର୍କର ଅନଲାଇନ ବୁକିଂରେ ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏପରିକି ହେଙ୍ଗମେନର ଦ୍ରୁତ ରାଉଣ୍ଡ କିମ୍ବା ଧୈର୍ଯ୍ୟର ପରୀକ୍ଷା ସାମିଲ ରହିଛି।

# ଲୁଟେରାଙ୍କ ଚରାଭୁଇଁ ପାଲଟିଛି ହିଞ୍ଜିଳି

ବ୍ରହ୍ମପୁର, ୧୯।୧୧ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟେରାଙ୍କ ପାର୍ଦୁଭାବ ବୃଦ୍ଧି ପାଉଛି। ପୁଲିସ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ଏଭଳି ଘଟଣା ସାମ୍ନାକୁ ଆସୁଥିବା ଅଭିଯୋଗ ହୋଇଛି। ଗତ ୧ ମାସ ମଧ୍ୟରେ ହିଞ୍ଜିଳି ଥାନା ଅଂଚଳରେ ୫୦ରୁ ଉର୍ଦ୍ଧ୍ୱ ଚୋରୀ ଘଟଣା ଘଟିଥିବା ନଜିର୍ ରହିଛି। ବିଭିନ୍ନ ସମୟରେ ମୋଟର ସାଇକେଲ, ମୋବାଇଲ ଫୋନ୍, ମନ୍ଦିର ଦାନହୁଣ୍ଡି, ପାଣିପମ୍ପ, ଘରକରଣା ସାମଗ୍ରୀ , ଟଙ୍କା ଓ ସୁନା ଆଦି ଚୋରି ହୋଇଥିବା ଅଭିଯୋଗ ହୋଇ ଆସିଛି। କିନ୍ତୁ ଥାନା ଇଲାକାରେ ସିରିଜ୍ ଚୋରୀ ଘଟୁଥିଲେ ମଧ୍ୟ ହିଞ୍ଜିଳି ପୁଲିସ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ଜଣାପଡିଛି।

ଯଦି ଏସବୁ ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୁଏ କିମ୍ବା ଉଚ୍ଚ ପଦାଧିକାରୀଙ୍କ ଚାପ ପ୍ରୟୋଗ ହୁଏ, ତା'ହେଲେ ଥାନାରେ ମାମଲା ରୁଜୁ ହେଉଛି ବୋଲି ସୂଚନା ମିଳିଛି। ଏପରିକି କେବଳ ଘଟଣାର ତଦନ୍ତରେ ପୋଲିସ୍ ଅଟକି ରହୁଥିବା କୁହାଯାଉଛି। ଚର୍ଚ୍ଚା ପ୍ରକାରେ ଚୋରୀ ଘଟଣାର ତଦନ୍ତ ହେଉନି କି ଚୋରୀ ସାମଗ୍ରୀ ଉଦ୍ଧାର ହେଉନି। କେବଳ ଥାନାରେ ମାମଲା ରୁଜୁ ହେଉଛି। ଏଥିସହ ଗତ ୧ ମାସ ମଧ୍ୟରେ ହିଞ୍ଜିଳି ଥାନା ଅଞ୍ଚଳରୁ କେତେ ମୋଟର ସାଇକେଲ, ମୋବାଇଲ ଫୋନ୍, ପାଣିପମ୍ପ ଚୋରୀ ହୋଇଛି ତାହାର ହିସାବ ନଥିବା ବି ଜଣାପଡିଛି।

## କେବେ ଆକ୍ସନ୍ ମୁଡ୍‌କୁ ଆସିବ ପୋଲିସ୍ ?




ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଓଡିଏସ୍ଏସ୍‌ପି-୪ ଯୋଜନାରେ ଗଣ୍ଡଲା ଗ୍ରାମରୁ ଶାସନ ଆମ୍ବଗାଁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ବିଦ୍ୟୁତତାର ସଂଯୋଗ କାର୍ଯ୍ୟ ଚାଲିଛି। ତେବେ ଏହି ନିର୍ମାଣାଧୀନ କାର୍ଯ୍ୟବେଳେ ଏହାର ପ୍ରାୟ ୩.୬ କିମି ଲମ୍ବ ତାରକୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟକୁ ନିର୍ମାଣ କରୁଥିବା ଲେସର ପାୱାର ଆଣ୍ଡ୍ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଅଧିକାରୀ ଲକ୍ଷ୍ମୀଧର ଦାଶ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କର ଓଡିଏସ୍ଏସ୍‌ପି-୪ ଯୋଜନାରେ ଗଣ୍ଡଲା ଗ୍ରାମର ୩୩/୧୧ କେଭି ସବ୍‌ଷ୍ଟେଶନରୁ ଶାସନ ଆମ୍ବ ଗାଁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ବିଦ୍ୟୁତତାର ଟଣାଯାଇଥିଲା। ଗତ ୧୦ ତାରିଖରେ ନିମିଗାଁ ନିକଟରୁ ପ୍ରାୟ ୭ଶହ ମିଟର ତାର ଚୋରି ହୋଇଥିଲା। ପୁଣି ଥରେ ନିମେଶ୍ୱର ମନ୍ଦିର ଠାରୁ ଶାସନ ଆମ୍ବ ଗାଁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୨.୯ କିମି ବିଦ୍ୟୁତତାର ଚୋରି ହୋଇଛି। ଉକ୍ତ ତାର ଟଣା ଯାଇଥିଲେ ମଧ୍ୟ ବିଦ୍ୟୁତ ସରବରାହ ହୋଇ ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଏହି ତାରକୁ କାଟି ନେଇଛନ୍ତି। ଚୋରି ତାରର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ହେବ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ଥାନାରେ କେସ୍ ନଂ ୯୩୬/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ଘଟଣା ପ୍ରତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ସହରବାସୀଙ୍କ ପକ୍ଷରୁ ଏକ ବିରାଟ ଜନଆନ୍ଦୋଳନ ଗଢି ଉଠିବ, ଏଥିରେ କୌଣସି ସନ୍ଦେହ ନାହିଁ।

# କଳା ଓ କ୍ରୀଡା ଶିକ୍ଷକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଜଗତସିଂହପୁର, ୧୯।୧୧ (ସଂଚାର ବ୍ୟୁରୋ) : ଜଗତସିଂହପୁରର ସାମୟିକ କଳା ଓ କ୍ରୀଡା ଶିକ୍ଷକମାନେ ବିଦ୍ୟାଳୟରେ ନିଯୁକ୍ତି ପାଇବା ପରେ କଳା ଓ କ୍ରୀଡା ପ୍ରତି ଛାତ୍ର ଛାତ୍ରୀମାନଙ୍କର ଉପସ୍ଥାପନା ବଢିଥିବା ଦେଖାଯାଇଛି । କଳା ଓ କ୍ରୀଡା ଶିକ୍ଷକ ମହାସଂଘ ତରଫରୁ ଏକ ଚାରି ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଜିଲ୍ଲପାଳ ଜେ. ସୋନାଲଙ୍କୁ ପ୍ରଦାନ କରିଛନ୍ତି। ସେହି ଦାବି ଗୁଡିକ ହେଲା ଯଥା ଆମ୍ଭମାନଙ୍କ ଭବିଷ୍ୟତ ପାଇଁ ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଉ ଅଣତାଲିମ ପ୍ରାପ୍ତ ପ୍ରଶିକ୍ଷକ/ପ୍ରଶିକ୍ଷିକା ମାନଙ୍କୁ ସ୍ୱଳ୍ପ ମିଆଦି ତାଲିମ ପ୍ରଦାନ କରାଯାଉ । ବିଦ୍ୟାଳୟ ମାନଙ୍କରେ ପ୍ରତିଦିନ କ୍ରୀଡା ଓ କଳା ପାଇଁ ନିୟମିତ ପିରିୟଡ ରଖାଯାଉ। ଆମ୍ଭେମାନେ କିପରି ରେଗୁଲାର ହେବୁ ସେଥିପ୍ରତି ଉଚିତ ପଦକ୍ଷେପ ନିଆଯାଉ। ଏହିସବୁ ଦାବି ରଖି ଜିଲ୍ଲାର କଳା ଓ କ୍ରୀଡା ଶିକ୍ଷକ ମହାସଙ୍ଘର କର୍ମ କର୍ତ୍ତା ମାନେ, ସୁଧାକର ଜେନା, ତପନ ପଣ୍ଡା, ପରେଶ ମହାପାତ୍ର, ଶିବ ପ୍ରସାଦ ରାଉତ, ରଶ୍ମିରଞ୍ଜନ ଦାସ, ଆଦିତ୍ୟ ନାରାୟଣ ଚୌଧୁରୀ , ଶ୍ରୀପ୍ରସାଦ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଏହାକୁ ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପଠାଇବେ ବୋଲି କହିଥିଲେ।

## ଜଳିଲା ପିକ୍‌ଅପ୍, ଜଳିଗଲେ ଗୋରୁ



ଉଦଳା, ୧୯।୧୧ (ସଂଚାର ବ୍ୟୁରୋ) : ବେପରୁଆ ଭାବେ ଦୃତଗତିରେ ଚାଲାଣ ହେଉଥିଲା ଗୋରୁ। ଗୋରୁ ଗାଡି ଦୃତ ଗତିରେ ଆସି ରାସ୍ତା କଡ଼କୁ ଓଲଟି ପଡିଲା। ଆଉ ଜଳିଗଲା ଗୋରୁ ବୋଝେଇ ପିକଅପ। ଜଳିଗଲେ ଗୋରୁ। ହୁତୁହୁତୁ ହୋଇ ରାସ୍ତା କଡରେ ଜଳିଗଲା ଗାଡି। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ପୋଡାଡିହା ଛକରେ। ଠାକୁରମୁଣ୍ଡା ଅଞ୍ଚଳରୁ ରାତିରେ ଗୋ-ଚୋରା ଚାଲାଣ କରୁଥିବା ଏକ ପିକଅପ ଗାଡି। ଗାଡ଼ିରେ ୮ ଗୋରୁ ଥିବା ବେଳେ ପୋଡାଡିହା ଛକ ନିକଟରେ ରାସ୍ତା କଡ଼କୁ ଓଲଟି ପଡିବା ସହିତ ହୁ ହୁ ହୋଇ ଜଳିଲା ପିକଅପ। ପିକଅପ ଜଳିବା ଫଳରେ ଗାଡ଼ିରେ ଥିବା ୮ ଗୋରୁ ମଧ୍ୟରୁ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲା। ଯାହାକି ସ୍ଥାନୀୟ ଲୋକେ ଗାଡି ଭିତରୁ ୭ ଗୋଟି ଗୋରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଅନ୍ୟପଟେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିବା ବେଳେ ଗୋରୁ ମାନଙ୍କୁ ଗୁରୁତର ଅବସ୍ଥାରେ ବାହାର କରାଯାଇଥିଲା। ପିକଅପ ଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଗୋ ମାଫିଆମାନେ ରାତାରାତି ଦୁର୍ଘଟଣାଗ୍ରସ୍ତ ଗାଡିକୁ ନେଇ ଯିବା ସହିତ ମୃତ ଗୋରୁକୁ ଗାତ ଖୋଳି ପୋତି ଦେଇ ଚାଲିଯାଇଛନ୍ତି। ହେଲେ ଗୁରୁତର ଗୋରୁଙ୍କୁ ରକ୍ତାକ୍ତ ଅବସ୍ଥାରେ ଛାଡି ଦେଇ ଚାଲି ଯାଇଛନ୍ତି ଗୋ ମାଫିଆ। ତେବେ ଲୋକମାନଙ୍କ କହିବା ମୁତାବକ ସବୁଦିନ ପୋଡାଡିହା ରାସ୍ତା ଦେଇ ଚୋରା ଗୋଚାଲାଣ ହେଉଥିବା ବେଳେ ପୋଲିସ ଜାଣି ଶୁଣି ଚୁପ୍ ରହୁଛି ।

## ବିପୁଳ କାଠ ଜବତ: ଟ୍ରକ୍ ଛାଡ଼ି ଡ୍ରାଇଭର ଫେରାର

ବଲାଙ୍ଗୀର, ୧୯।୧୧ (ସଂଚାର ବ୍ୟୁରୋ) : ବଲାଙ୍ଗିର ଜିଲ୍ଲା ସଇଁତଲା ନିକଟରୁ ବିଳମ୍ବିତ ରାତିରେ ବିପୁଳ ପରିମାଣରେ ଖଇର କାଠ ଜବତ କରିଛି ସଇଁତଲା ପୋଲିସ । ଏକ ନମ୍ବର ବିହୀନ ଟ୍ରକ୍‌ରେ ଏସବୁ କାଠ ଚୋରା ଚାଲାଣ ହେଉ ଥିବା ଜଣାପଡିଛି । ସଇଁତଲା ରେଳ ଷ୍ଟେସନରୁ ଜାତୀୟ ରାଜପଥ-୨୬କୁ ସଂଯୋଗ କରୁଥିବା ରାସ୍ତାରେ ପୋଲିସ ପେଟ୍ରୋଲିଂ କରୁଥିଲା । ଏହି ସମୟରେ ଏକ ନମ୍ବର ବିହୀନ ମିନିଟ୍ରକକୁ ପୋଲିସ ସନ୍ଦେହରେ ଅଟକାଇ ଥିଲା । ଫଳରେ ଗାଡି ଅଟକାଇ ଟ୍ରାଇଭର ଡେଇଁ ଫେରାର ମାରିବାରେ ସଫଳ ହୋଇଛି । ତଦନ୍ତ ପରେ ଟ୍ରକ୍ ଭିତରେ ବିପୁଳ ପରିମାଣର ଖଇର କାଠ ଥିବା ଜଣାପଡ଼ିଥିଲା । କାଠ ସହ ଗାଡ଼ିକୁ ଥାନାକୁ ଅଣାଯାଇଥିଲା । ଜବତ କାଠର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶଥାଉ କି ଆଗରୁ ସଇଁତଲା ଓ ମୁରିବାହାଲ ରେଞ୍ଜ ଅଧୀନସ୍ଥ ସୁଲିଆ, କପାଟ, ଖୁସା ସଂରକ୍ଷିତ ଜଙ୍ଗଲରୁ ନିୟମିତ ଭାବେ ଏହି ରାସ୍ତାରେ ରାଜ୍ୟ ବାହାରକୁ କେନ୍ଦୁ, ଖଇର, ଶାଗୁଆନ ଭଳି ମୂଲ୍ୟବାନ କାଠ ଚୋରା ଚାଲାଣ ହେଉଥିବା ବେଳେ ବନବିଭାଗ ଦ୍ୱାରା ଧରାପଡ଼ିଛି । ଜବତ ୯୪ଟି କାଠଗଣ୍ଡି (୯୧ ଘନଫୁଟ) ବନବିଭାଗକୁ ହସ୍ତାନ୍ତର କରାଯାଇଥିବା ନେଇ ସଇଁତଲା ଥାନା ଅଧିକାରୀ ସୁଶାନ୍ତ ବଢ଼େଇ ସୂଚନା ଦେଇଛନ୍ତି।

## ଶ୍ମଶାନ ଘାଟରୁ ଫେରିଲା ଶବ, ପୋଲିସର ତଦନ୍ତ ଜାରି



କଳାହାଣ୍ଡି, ୧୯।୧୧ (ସଂଚାର ବ୍ୟୁରୋ) : ଧାମନପୁର ଗାଁରେ ଏକ ଅଭାବନିୟ ଘଟଣା ଘଟିଛି। ଶ୍ମଶାନ ଘାଟରୁ ଶବ ଫେରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଧାମନପୁର ଗାଁ ରେ ସୋମବାର ଅପରାହ୍ନ ୨ଟା ସମୟରେ ଗାଁ ର ଶ୍ରୀଧର ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ବନ୍ଧୁ କୁଟୁମ୍ବ ସହିତ ଶବ ଦାହ କରିବା ପାଇଁ ଗାଁ ଶ୍ମଶାନ ଘାଟ କୁ ନେଇଥିବା ବେଳେ ଗାଁ ଲୋକେ ହତ୍ୟା ଜନିତ ଘଟଣା ବୋଲି ପୋଲିସ କୁ ଖବର ଦେବା ପରେ ଦସପୁର ପୋଲିସଫାଣ୍ଡି ଅଧିକାରି ସୁଶାନ୍ତ କୁମାର ପଣ୍ଡା, ଓ କୁମୁଦ ଜାନୀ ପ୍ରମୁଖ ପହଞ୍ଚି ଶ୍ମଶାନ ଘାଟରୁ ଶବ ଜବତ କରି ଥିଲେ, ପରେ ଗୋଲାମୁଣ୍ଡା ଥାନା ଅଧିକାରୀମଧ୍ୟ ଘଟଣାସ୍ଥଳକୁ ପୁହୁଁଚି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା କୁ ଶବ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ମଦ ପିଇ ଶ୍ରୀଧର ମଲ୍ଲିକ ଙ୍କ ମୃତ୍ୟୁ ହୋଇଥିବା ବଡ଼ ପୁଅ ଗୋଲାମୁଣ୍ଡା ଥାନା ରେ ଏତଲା ଦେଇଥିବା ତାଙ୍କ ପୁଅ ବିଦୁ ମଲ୍ଲିକ ପ୍ରକାଶ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତ ରେ ଏକ ମାମଲା ୟୁଡି କେସ୍/୧୫/୨୪ ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ସୋମବାର ରାତ୍ରି ହୋଇ ଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା। ମଙ୍ଗଳବାର ସକାଳ ସମୟରେ ଶବ ବ୍ୟବଚ୍ଛେଦ ହୋଇ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଗୋଲାମୁଣ୍ଡା ଥାନା ଅଧିକାରିଣୀ ଶ୍ୱେତା ପଦ୍ମା ସେଠ ଏବଂ ତଦନ୍ତକାରି ପୋଲିସ ରାଜେଶ ପରିଡା ସୂଚନା ଦେଇଥିଲେ।

## ଆର୍‌ଡି ଅଧିକାରୀଙ୍କ ନିୟମ ପାଳନରେ ଅବହେଳା

ପାଟଣାଗଡ଼, ୧୯।୧୧ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଏକ ଉପାନ୍ତ ଅଞ୍ଚଳ ତଥା ଅବହେଳିତ ଦାଦନ ପ୍ରବଣ ଅଞ୍ଚଳ ଅଟେ । ସରକାରଙ୍କ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି ସବୁଥିରେ ପିସି। କାର୍ଯ୍ୟର ମାନ ଯାହା ହେଉଛି ପ୍ରଶାସନ ଜାଣି ନିରବତା ଅବଲମ୍ବନ କରିଚାଲିଛନ୍ତି । କୌଣସି କାର୍ଯ୍ୟର ତଥ୍ୟ ମାଗିଲେ କିଛି ଉତ୍ତର ମିଳୁନି ଯାହାଫଳରେ ଲୋକଙ୍କୁ ଅନ୍ଧାର ରେ ରଖାଯାଉଛି। ଉନ୍ନତି ମୂଳକ କାର୍ଯ୍ୟ ର ବିଭିନ୍ନ ସ୍ଥାନ ମାନଙ୍କରେ ଫଳକ ଲାଗୁଛି ହେଲେ ସୂଚନା ନାହିଁ ସୂଚନା ମାଗିଲେ ଉତ୍ତର ନାହିଁ



ପ୍ରଶାସନ କେବଳ ସ୍ଥାଣୁ ପାଲଟିଛନ୍ତି କହିବାକୁ କାହାରି ପାଖରେ କୌଣସି ପ୍ରକାର ଉତ୍ତର ନାହିଁ କେବଳ ସଲାସୁତୁରାରେ ଚାଲିଛି। ଗତ କିଛି ଦିନ ତଳେ ନିର୍ଦ୍ଦିଷ୍ଟ ଖବରକାଗଜ ରେ ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ରୁ ବେଲପଡା ବ୍ଲକ ଦଲ୍ଲୀପାଲି ପର୍ଯ୍ୟନ୍ତ ରାସ୍ତା କାମ ହୋଇଛି ହେଲେ ଫଳକ ନଥିବା ସମ୍ପର୍କିତ ଖବର ପ୍ରକାଶିତ ହୋଇଥିଲା କିନ୍ତୁ ଏ ବିଷୟ ରେ ପ୍ରଶାସନ ଜାଣି ନିରବ ରହିଲେ। ଏଥିରୁ ପ୍ରମାଣିତ ହେଉଛି କାଳେ ଲୋକଙ୍କ ନଜରକୁ ଆସିଲେ ଅସୁବିଧା ସୃଷ୍ଟି ହେବ ସେଥି ପାଇଁ ଯନ୍ତ୍ରୀ ଠିକାଦାର ମିଶି ନିଜର ମନମାନି କରି ଚାଲିଛନ୍ତି। ନହେଲେ ଖବର ପ୍ରକାଶିତ ହେଲା ପରେ ପ୍ରଶାସନ ସ୍ଥାଣୁତା ଦେଖାଉଛନ୍ତି କାହିଁକି? ଆରଡ଼ି ବିଭାଗ କୌଣସି ପ୍ରକାରର ଦୃଷ୍ଟି ଦେଉନ ଥିବାରୁ ଜନ ଅସନ୍ତୋଷ ଦେଖାଦେଉଛି ।

## ଫାଇଭ୍-ଟି ରୂପାନ୍ତରଣରେ ଅନିୟମିତତା

# ପିଲାଙ୍କ ଟଙ୍କା ଦୁରୁପଯୋଗ ଅଭିଯୋଗ

ରାୟଗଡା, ୧୯।୧୧ (ସଂଚାର ବ୍ୟୁରୋ): ଫାଇଭ୍-ଟି ପ୍ରକଳ୍ପରେ ଅନିୟମିତତା ବିଷୟରେ ବିଧାୟକ ନୀଳମାଧବ ହିକକା ଗୁରୁତର ଅଭିଯୋଗ ଉଠାଇଛନ୍ତି । ସେ ଗତକାଲି ବିଷମକଟକ ଗସ୍ତ ବେଳେ ବିଭିନ୍ନ ସରକାରୀ ବିଦ୍ୟାଳୟ ର ତଥ୍ୟ ଯାଞ୍ଚ କରି ଫାଇଭ୍-ଟି ନାମରେ ଟଙ୍କାର ଦୁରୁପଯୋଗ ଏବଂ ଅନିୟମିତତା ଚିହ୍ନଟ କରିଥିଲେ। ହାଟମନିଗୁଡା ଫାଇଭ୍-ଟି ସ୍କୁଲରେ ପିଲାଙ୍କ ପାଇଁ ଶୌଚାଳୟ ନିର୍ମାଣ ହେଲେ ମଧ୍ୟ, ଠିକାଦାର ତାଲା ପକାଇ ରଖିଥିବା ଭଳି ଘଟଣା ସାମ୍ନାକୁ ଆସିଛି।ତାକୁ ଛାଡ଼ି, ଖେଳ ପଡ଼ିଆର ମରାମତି ଓ ଉନ୍ନତିକରଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବା ଦାବି କରାଯାଇଥିଲା, ହେଲେ କାମ ଅସମ୍ପୂର୍ଣ୍ଣ ରହିଛି । ଶ୍ରେଣୀଗୃହ ଏବଂ ଆଧୁନିକ ଗଠନ ଭଳି ସୁବିଧାର ଅଭାବରେ ପିଲାମାନଙ୍କ ପାଠଦାନରେ ପ୍ରଭାବ ପଡୁଛି । ଏହା ସହିତ ଡାଇନିଂ ହଲ ଓ ପାଠାଦାନର ବ୍ୟବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ବିଧାୟକଙ୍କ ଗସ୍ତ ସମୟରେ ଜଣାଯାଇଛି ଯେ କେବଳ ଦୁଇଟି ସ୍ମାର୍ଟ କ୍ଲାସ ନିର୍ମାଣ କରାଯାଇଛି, ଯାହାର ଫଳରେ ଶ୍ରେଣୀଗୃହର ଅଭାବ ରହିଛି।



**ଯନ୍ତ୍ରୀ ଓ ଠିକାଦାରଙ୍କ ଭୂମିକା ଉପରେ ସନ୍ଦେହ:** ବିଧାୟକ ଗସ୍ତ ବେଳେ ଯନ୍ତ୍ରୀ ଦୀପକ କୁମାର ନାୟକ ଓ ତତ୍କାଳୀନ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କ ଭୂମିକା ଉପରେ ସନ୍ଦେହ ତିବ୍ର ହୋଇଛି। ବିଭିନ୍ନ ଅଞ୍ଚଳରେ ହୋଇଥିବା ଫାଇଭ୍-ଟି କାର୍ଯ୍ୟର ସମୀକ୍ଷା ପର୍ଯ୍ୟନ୍ତ ତାଙ୍କୁ ରିଲିଭ୍ କରାଯିବ ନାହିଁ, ଓ ଠିକାଦାରଙ୍କ ବିଲ୍ ସମୀକ୍ଷା ପରେ ମାନ୍ୟ ହେବ ବୋଲି ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି ।

**ତଦନ୍ତ ଓ ପ୍ରକାଶ ମାଧ୍ୟମରେ ଭବିଷ୍ୟତ କାର୍ଯ୍ୟକ୍ରମ :** ବିଧାୟକ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ଅନିୟମିତତା ଏବଂ ଦୁର୍ନୀତିକୁ ବିଧାନସଭାରେ ଉପସ୍ଥାପନ କରାଯିବ । ସେହିପରି, ଫାଇଭ୍-ଟି ରୂପାନ୍ତରଣରେ ଦୁର୍ନୀତି ହେବାକୁ ଠିକାଦାର କିମ୍ବା ଯନ୍ତ୍ରୀଙ୍କୁ ଅନୁମତି ମିଳିବ ନାହିଁ ବୋଲି ସେ କହିଛନ୍ତି। ସ୍ଥାନୀୟ ଲକଙ୍କ ପ୍ରତିକ୍ରିୟା ନେବାରୁ ବ୍ଲକ କଂଗ୍ରେସ ସଭାପତି କୃଷ୍ଣ ନାଣକା ଏହାକୁ ବିଭାଗର ଦୁର୍ନୀତିର ମାଧ୍ୟମ ବୋଲି ଅଭିଯୋଗ କରିଛନ୍ତି। ତଥା, ବିଧାୟକଙ୍କ ତଦନ୍ତ ପ୍ରକ୍ରିୟା ପରେ ଏହି ଅଭିଯୋଗର ସତ୍ୟ ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକମାନେ ଆଶା କରୁଛନ୍ତି ।

# ଡ୍ରେସ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ନବରଙ୍ଗପୁର, ୧୯।୧୧ (ସଂଚାର ବ୍ୟୁରୋ): ଡ୍ରେସ କିଣାରେ ବ୍ୟାପକ ଦୁର୍ନୀତି, ଏହି ଦୁର୍ନୀତିରେ ଖୋଦ ଗଣ ଶିକ୍ଷାମନ୍ତ୍ରୀଙ୍କ ସାମିଲ ନେଇ ପ୍ରଦୀପ ମାଝୀଙ୍କ ଅଭିଯୋଗ କରିଛନ୍ତି ଏକ ସାମ୍ବାଦିକ ସମ୍ମିଳନୀ। ନବରଙ୍ଗପୁର ଜିଲ୍ଲାରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଡ୍ରେସ ଯୋଗାଣରେ ମହାଦୁର୍ନୀତିକୁ ନେଇ ସରକାର ଉପରେ ବର୍ଷିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ।




ଶିକ୍ଷା ମନ୍ତ୍ରୀଙ୍କ ନିଜ ଜିଲ୍ଲାରେ କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଟଙ୍କାକୁ ହରିଲୁଟ କରିଛନ୍ତି ଶିକ୍ଷକ ଓ ଅଧିକାରୀ ଜିଲ୍ଲାରେ ସମସ୍ତ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ସରକାର ସ୍କୁଲ ଡ୍ରେସ ସହ ଜୋତା ଓ ଟ୍ରାକ ସୁଟ ଯୋଗାଇ ଦେଇଥାନ୍ତି ଜଣେ ପିଲା ପିଛା ସରକାର ଏକ ହଜାର ଟଙ୍କା ପ୍ରଦାନ କରୁଥିବା ବେଳେ ଏହି ଟଙ୍କା କୁ ଲୁଟ କରିଛନ୍ତି ନିମ୍ନ ମାନର ସାମଗ୍ରୀ ଯୋଗାଣ କରି ଲୁଟିଛନ୍ତି। ୨ଲକ୍ଷ ୧୧ହଜାର ୦୫୦ ଜଣ ଛାତ୍ରଛାତ୍ରୀସ୍କୁଲ ଜିଲ୍ଲାରେ ରହିଥିବା ବେଳେ ଡ୍ରେସ ବଣ୍ଟନ କରିବା ପାଇଁ ସରକାରୀ ନିୟମ ହିସାବରେ ଅଗଷ୍ଟ ମାସ ୧୫ ତାରିଖ ଭିତରେ ବଣ୍ଟନ କରିବାକୁ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ବଣ୍ଟନ ହୋଇପାଇନାହିଁ। ବିଭିନ୍ନ ବ୍ଲକର ବିଇଓମାନେ ଜଣେ ଛାତ୍ରଛାତ୍ରୀଙ୍କ ପିଛା ଦୋକାନୀ ଓ ସପ୍ଲାୟାର ମାନଙ୍କ ଠାରୁ ୮୦ ଟଙ୍କା ଆଦାୟ କରୁଥିବା ଅଭିଯୋଗ କରିଛନ୍ତି। ଝରୀଗାଁ ବ୍ଲକ ୨୪୫ଗୋଟି ସ୍କୁଲ ଥିବା ବେଳେ ଡବ୍ଲ୍ୟୁଏସ୍ଏଚ୍‌ଜି ଓ ଏମ୍ଏସ୍ଇ ମାନଙ୍କରୁ ମାତ୍ର ସାତ ଗୋଟି ସ୍କୁଲ କିଣିଥିବା ବେଳେ ଅନ୍ୟ ୨୩୮ଗୋଟି ସ୍କୁଲ କୁ ଉମରକୋଟ ଠାରେ ଥିବା ଗୋଟିଏ ଦୋକାନରୁ କିଣିବା ପାଇଁ ବାଧ୍ୟ ସମ୍ପୃକ୍ତ ବିଇଓ ଓ ଝରୀଗାଁ ବ୍ଲକରେ ୧କୋଟି ୫୮ଲକ୍ଷ ଟଙ୍କା ଲୁଟ କରାଯାଇଛି। ଏହିପରି ସମଗ୍ର ଜିଲ୍ଲାରେ ସ୍କୁଲ ଡ୍ରେସ ବଣ୍ଟନରେ ୫ କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ। ଏହିପରି କି ସମସ୍ତ ଶିକ୍ଷକ ମାନଙ୍କୁ ମଧ୍ୟ ଶିକ୍ଷା ବିଭାଗ ଅଧିକାରୀ ମାନେ ଚାପ ପକାଉଥିବା ସହ ମାନସିକ ଚାପ ପକାଉଛନ୍ତି। ବିଇଓ ପାପଡାହାଣ୍ଡି, ଝରୀଗାଁ,ଉମରକୋଟ ଏମାନେ ସରକାରଙ୍କ ଦଲାଲ ସାଜି ଟଙ୍କା ଲୁଟ କରିଥିବା ଅଭିଯୋଗ ଆସୁଛି ଏହା ସହିତ ଗଣ ଶିକ୍ଷାମନ୍ତ୍ରୀ ମଧ୍ୟ ଏହି ଦୁର୍ନୀତି ରେ ସଂଶ୍ଳିଷ୍ଟ ଥିବାସହ ବେପାରୀ ମାନଙ୍କ ଠାରୁ ଟଙ୍କା ନେଇଥିବା ଅଭିଯୋଗ କରିଛନ୍ତି ଓ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିବା ସହ ରାଜ ରାସ୍ତା ରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

# ଧନୁଯାତ୍ରାର ଶୁଭ ସ୍ତମ୍ଭ ସ୍ଥାପନ



ଭେଡେନ, ୧୯।୧୧ (ସଂଚାର ବ୍ୟୁରୋ) : ଭେଡେନ ବ୍ଲକ ଥୁଆପାଳି (କପାବରୀ) ପଡ଼ିଆରେ ଆସନ୍ତା ୧୪ରୁ ୨୪ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଥୁଆପାଳି ଧନୁଯାତ୍ରା ମହୋତ୍ସବ ପାଇଁ ସୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ନୂତନ ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଛି। ସଭାପତି-ଅନିରୁଦ୍ଧ ସାହୁ,ଉପସଭାପତି-ଜିତେନ୍ଦ୍ର ପୋଢ଼,ସମ୍ପାଦକ-ତ୍ରିଦେୱ ସାହୁ, ସହ ସମ୍ପାଦକ- ଏମ ଡି ସାୟତ ଅଲ୍ଲୀ ମନୋନୀତ ହୋଇଥିବା ବେଳେ ସଦସ୍ୟ ଭାବେ ଭୋଳାନାଥ ଜୁଆଡି,ରାଜିନ୍ଦ୍ର ପୋଢ଼, ଦଶରଥ ଦୀପ,ସାନନ୍ଦ ବେହେରା, ଭୁବନେଶ୍ୱର ଭୁଏ,ମହାଦେବ ମୁଦୁଲି,ଉତ୍ତମ ଜୁଆଡି,ଟିଙ୍କୁ ପୋଢ଼, ଟିଲୁ ଜୁଆଡି,ଦିଲୀପ ସେଟ,ମୀନକେତନ ମୁଦୁଲି,ସୁବରାଜ ପୋଢ଼, ଚିକୁ ମଲ୍ଲିକ, ନରେନ୍ଦ୍ର ପୋଢ଼, କିରନ କୁମ୍ଭାର,ବାବୁଲୁ ମେହେର ପ୍ରମୁଖ ରହିଛନ୍ତି।

## ବେପାରୀ ମାଲାମାଲ, ଗ୍ରାହକ ବେହାଲ

# ଆବାସ ହିତାଧିକାରୀଙ୍କୁ ଲୁଟୁଛନ୍ତି ଡିପୋ ମାଲିକ

## ଅଧିକ ଦାମ୍ ନେଇ ଦେଉଛନ୍ତି କମ୍ ସାମଗ୍ରୀ

କାକଟପୁର/ଅସ୍ତରଙ୍ଗ, ୧୯।୧୧ (ସଂଚାର ବ୍ୟୁରୋ): ବାଲି, ସିମେଣ୍ଟ ଓ ଚିପ୍ସ ବିକୁଥିବା ଡିପୋ ମାଲିକ ମାନେ ରାତାରାତି କୋଟିପତି ହେବାକୁ ନୂଆ ତରିକା ଆପଣାଇ ବେପାର କରୁଛନ୍ତି। ଏମାନଙ୍କୁ ଏହି କାମରେ ସହଯୋଗ କରୁଛନ୍ତି କେତେକ ପଂଚାୟତସ୍ତରୀୟ କୁଜି ନେତା, ଦଲାଲ ଏପରିକି କିଛି ତଳୁଆ ସରକାରୀ କର୍ମଚାରୀ। ୧୯୯୯ମହାବାତ୍ୟା ପରେ ସରକାରଙ୍କ ସହଯୋଗରେ ଗାଁ ଗହଳିରେ ପକ୍କାଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଗୃହ ନିର୍ମାଣ କରିବା ପାଇଁ ଅର୍ଥରାଶି ୨୨ ହଜାରରୁ ଆରମ୍ଭ ହୋଇ ଏବେ ପାଖାପାଖି ୨ ଲକ୍ଷ ଟଙ୍କାରେ ପହଂଚିଲାଣି। ଖାଲି ସରକାରୀ ଯୋଜନା ରେ ଏହି ଗୃହ ନିର୍ମାଣ ନୁହେଁ ଲୋକ ନିଜ ଉଦ୍ୟମ ରେ ମଧ୍ୟ ନିର୍ମାଣ କରୁଛନ୍ତି ଅନେକ କୋଠାଘର। ହେଲେ ଏହି କୋଠାଘର ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଚିପ୍ସ, ବାଲି, ସିମେଣ୍ଟ, ରଡ଼ କିଣାରେ ହିତାଧିକାରୀଙ୍କୁ ଶୋଷଣ କରୁଛନ୍ତି ଡିପୋ ମାଲିକମାନେ। ଗ୍ରାହକଙ୍କ ଠାରୁ ୧୦୦ଫୁଟର ସାମଗ୍ରୀ ଲାଗି ଟଙ୍କା ନେଇ ଦେଉଛନ୍ତି ୮୦ରୁ ୮୫ଫୁଟର ସାମଗ୍ରୀ। ଏହି ବେପାର କରୁଥିବା ଡିପୋ ମାଲିକ ମାନେ ଏମିତି କରି ରାତାରାତି ଅଧିକ ଅର୍ଥ ଉପାର୍ଜନ କରୁଥିବା ଅଭିଯୋଗ ହୋଇଛି।

ଏହି ସାମଗ୍ରୀ ବିକିବା ପାଇଁ ମାଲିକ ମାନେ ନିଜର ଖର୍ଚ୍ଚେ ୨ ଖଣ୍ଡ ଲେଖାଏଁ ଟ୍ରାକ୍ଟର, ଟାଟା ଏସି କିମ୍ବା ହାଇୱା ରଖିଛନ୍ତି। ଯେଉଁ ମାଲିକ ମାନଙ୍କର ଟ୍ରାକ୍ଟର ନାହିଁ ସେମାନେ ଅନ୍ୟ କାହା ଠାରୁ ଲିଜରେ ଟ୍ରାକ୍ଟର ଆଣି ସାମଗ୍ରୀ ବିକ୍ରି କରୁଛନ୍ତି। ଯଦି କୌଣସି ଗ୍ରାହକ ନିଜ ପସନ୍ଦର ବା ନିଜର ଟ୍ରାକ୍ଟର ଧରି ସାମଗ୍ରୀ ନେବାକୁ ଆସେ ତାହାହେଲେ ତାକୁ ସାମଗ୍ରୀ ମଧ୍ୟ ଦେଉନଥିବା ଜଣାଯାଇଛି। ଅର୍ଥାତ ଡିପୋ ମାଲିକ ମାନେ ବ୍ୟବହାର କରୁଥିବା ଟ୍ରାକ୍ଟର ଗାଡି ଡାଲା ଗୁଡିକ କାଟି ଛୋଟ କରିଛନ୍ତି। ଯେପରି ସେଥିରେ ସର୍ବାଧିକ ୮୦ରୁ ୮୫ଫୁଟ ସାମଗ୍ରୀ ଧରିବ।



ସାଧାରଣ ଲୋକଙ୍କ ହିସାବରେ ଗୋଟେ ଟ୍ରିପ ଟ୍ରାକ୍ଟରରେ ୧୦୦ଫୁଟ ବାଲି ଧରେ। ତେଣୁ ଟ୍ରିପ ବାବଦକୁ ୧୦୦ଫୁଟ ହିସାବରେ ସେମାନେ ଡିପୋ ମାଲିକଙ୍କୁ ଟଙ୍କା ପ୍ରଦାନ କରିଥାନ୍ତି। ହେଲେ ଡିପୋ ମାଲିକ ୮୦ଫୁଟର ସାମଗ୍ରୀ ଦେଇ ସିଧା ସଳଖ ୨୦ଫୁଟର ଟଙ୍କା ଅନାୟାସ ପାଇଯାଉଛନ୍ତି। ବର୍ତ୍ତମାନ ଚିପ୍ସ ଫୁଟ ୯୦ଟଙ୍କା, ବାଲି ଫୁଟ ୨୨ଟଙ୍କା, ପଥର ଫୁଟ ୧୦୫ଟଙ୍କା ହିସାବରେ ବଜାର ଦର ଚାଲୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ କିଛି ଡିପୋ ମାଲିକ ୧୦୦ଫୁଟ ଚିପ୍ସ ଦାମ୍ ନେଇ ୮୦ଫୁଟ ମାଲ ଦିଏ ତାହା ହେଲେ ସିଧାସଳଖ ଟ୍ରିପରେ ୧୨ଶହ ଟଙ୍କା ଅତିରିକ୍ତ ଲାଭ ରଖୁଛନ୍ତି। ଅର୍ଥାତ ଦିନକୁ ୫ରୁ ୧୦ଟ୍ରିପ ବିକ୍ରି କରାଯାଏ ଉପୁରି ଟଙ୍କା ୬ରୁ ୧୨ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଲାଭ କରୁଛନ୍ତି। ଏ ପଟେ ୧୦୦ଫୁଟ ସାମଗ୍ରୀ ଦାମ୍ ଦେଇ ୮୦ଫୁଟ ସାମଗ୍ରୀ ନେଇ ଠକାମୀ ର ଶିକାର ହେଉଛନ୍ତି ହିତାଧିକାରୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପୋଟଳଛକ, ଶିଶୁଆ, କୋରଣା, ଆଳସାହି, ଅସ୍ତରଙ୍ଗ, ଆଳଙ୍ଗପୁର, ଖଣ୍ଡାସାହି, କୁଣ୍ଡେଶ୍ୱର ହୀରାଦେଇପୁର, କଣମଣ, ତାଳଦା, ଅସ୍ତରଙ୍ଗ ବଜାର ରେ ଥିବା ଡିପୋ ରେ ଏପରି ଗ୍ରାହକଙ୍କୁ ଦିନ ଦ୍ୱିପ୍ରହରରେ ଠକୁଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ଲୋକଙ୍କ ଠକୁଥିବା ଅସାଧୁ ଡିପୋ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି।